

୨୦୨୭ରେ
'କ୍ରିସ୍-୪'
▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-78 THURSDAY 11 SEPTEMBER 2025 PAGE-12 ₹ 6.00 | SAMBALPUR | ବର୍ଷ-୪୩ ସଂଖ୍ୟା-୭୮ ଗୁରୁବାର ୧୧ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦


## ତୃତୀୟ ଦିନରେ ଥମିଲା ଆନ୍ଦୋଳନ

# ସେନା କବ୍ଜାରେ ନେପାଳ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ନିଷିଦ୍ଧ ଏବଂ ଦୁର୍ନୀତି ବିରୋଧରେ ନେପାଳରେ ଆରମ୍ଭ ହୋଇଥିବା 'ଜେନ୍ ଜେଡ୍' ଆନ୍ଦୋଳନ ସରକାର ଭୁଶୁଡ଼ାଇବା ପରେ ତୃତୀୟ ଦିନରେ କ୍ରମଶଃ ଶିଥିଳ ହୋଇଛି। ତେବେ ହିଂସା ୩୦ ଜଣଙ୍କ ଜୀବନ ନେଇଛି। ୧୦୩୩ରୁ ଅଧିକ ଆହତ ହୋଇଛନ୍ତି। ହିଂସ୍ର ପ୍ରଦର୍ଶନ ଯୋଗୁଁ ସାରା ଦେଶ ସେନା ନିୟନ୍ତ୍ରଣରେ ରହିଛି। ଅନ୍ତରୀଣ ସରକାର ଗଠନ ପାଇଁ ସେନା ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ୬ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ହୋଇଛି।

ନେପାଳ ହିଂସା ଅନେକ ନିରୀହଙ୍କ ଜୀବନ ନେଇଛି। ଏହାକୁ ନେଇ ବୁଧବାର ଅନେକ ଖବର ସାମ୍ନାକୁ ଆସିଛି। ସିପିଏନ

### ସମ୍ବିଧାନ ସଂଶୋଧନ ଦାବିକଲେ ଆନ୍ଦୋଳନକାରୀ
### ୩ ଦଶନ୍ଧି ଧରି କରାଯାଇଥିବା ଲୁଟ୍‌ର ତଦନ୍ତ ଦାବି
### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଝିଅର ପୋଡ଼ାଶବ ଉଦ୍ଧାର
### ଜେଲ୍‌ରୁ ଚମ୍ପଟମାରିଲେ ୧୧ ହଜାର କଏଦୀ
### ନେପାଳରେ ଫସିଛନ୍ତି ୨୦୦ ଭାରତୀୟ ଡ୍ରାଇଭର

ଅଧ୍ୟକ୍ଷ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଝିଅ ଗଙ୍ଗା ଦହଲଙ୍କ ମୃତଦେହକୁ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରଚଣ୍ଡ ଏବଂ ତାଙ୍କ ସ୍ତ୍ରୀଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆନ୍ଦୋଳନକାରୀ ତାଙ୍କ ଘର ଉପରେ ଆକ୍ରମଣ କରି ▶ପୃଷ୍ଠା-୭

## ସୁଶୀଳା କାର୍କି ହେବେ କାମଚଳା ପ୍ରଧାନମନ୍ତ୍ରୀ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ଦେଶର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇଁ ଜେନ୍ ଜେଡ୍ ଆନ୍ଦୋଳନକାରୀ ସୁଶୀଳା କାର୍କିଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସେନା ଏବଂ ଅନ୍ୟ ପ୍ରମୁଖ ଆନ୍ଦୋଳନକାରୀଙ୍କ ମଧ୍ୟରେ ଦୀର୍ଘ ୬ ଘଣ୍ଟାର ଅନ୍‌ଲାଇନ ଚର୍ଚ୍ଚା ପରେ ତାଙ୍କ ନାମରେ ମୋହର ବାଜିଛି। ଏହି ଭର୍ଚ୍ଚୁଆଲ ବୈଠକରେ ପ୍ରାୟ ୫ ହଜାର ଆନ୍ଦୋଳନକାରୀ ସାମିଲ ହୋଇଥିଲେ। କୌଣସି ଯୁବଗୋଷ୍ଠୀ ରାଜନୈତିକ ଦଳରେ ସାମିଲ ହୋଇ ସରକାର ଗଠନ ନିମନ୍ତେ ପ୍ରୟାସ କରିବେ ନାହିଁ ବୋଲି ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି। କାର୍କି କୌଣସି ରାଜନୈତିକ ଭିତ୍ତିଭୂମିରୁ ଆସି ନାହାନ୍ତି। ସ୍ୱଚ୍ଛତା ଏବଂ ସମାନତା ପାଇଁ ତାଙ୍କୁ ବଛାଯାଇଛି। ସେ ନେପାଳ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ଥିଲେ। ସେ ମଧ୍ୟ ନେତୃତ୍ୱ ନେବାକୁ ରାଜି ହୋଇଛନ୍ତି। ନାମ ପ୍ରସ୍ତାବ ଦେବା ପରେ ସୁଶୀଳା ସେନା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ସେ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେନା ସହମତ ହେଲେ ସୁଶୀଳା ଦେଶର ନେତୃତ୍ୱ ନେବେ।

୧୯୫୨ ଜୁନ୍ ୭ରେ ଜନ୍ମିତ ସୁଶୀଳା ବନାରସ ହିନ୍ଦୁ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର୍ସ କରିଥିଲେ। ସେ ୧୯୭୯ରେ ଓକିଲାତିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୬ ଜୁଲାଇ ୧୧ରୁ ୨୦୧୭ ଜୁନ୍ ୬ ପର୍ଯ୍ୟନ୍ତ ନେପାଳର ପ୍ରଧାନ ବିଚାରପତି ଥିଲେ। କାର୍ଯ୍ୟପାଳିକାରେ ହସ୍ତକ୍ଷେପ ଅଭିଯୋଗରେ ୨୦୧୭ରେ ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା।

## କାଠମାଣ୍ଡୁରେ ଫସିଛନ୍ତି କେନ୍ଦ୍ରାପଡ଼ାର ଶତାଧିକ

### ଭାରତ ଫେରାଇ ଆଣିବାକୁ ପରିବାର ପକ୍ଷରୁ ନିବେଦନ

■ ପଟ୍ଟାମୁଣ୍ଡାଇ, ୧୦।୯ (ସମିସ): ନେପାଳରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇ ଥିବାରୁ ସମ୍ପ୍ରତି ସେଠାକାର ଜାତୀୟ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା ପରେ ସରକାରର ପତନ ହେବା ସଙ୍ଗେ ସଙ୍ଗେ ବିଦ୍ରୋହୀମାନଙ୍କ କବଜାରେ ରହିଛି ନେପାଳ। ଅନ୍ୟପକ୍ଷରେ ସରକାର ପତନ ହେବା କାରଣରୁ ଦେଶର ଦାୟିତ୍ୱ ସେନା ହାତକୁ ନେଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନେପାଳରେ ଫସିରହିଥିବା ଭାରତର ଲକ୍ଷାଧିକ ନାଗରିକଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ନେପାଳ କାଠମାଣ୍ଡୁରେ ରହି କାମ କରୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କ ଜୀବନଜୀବିକା ବିପନ୍ନ ହେବା ସହ ନେପାଳ ସେନା ଦେଶର ସୀମାକୁ ସିଲ୍ କରିଦେଇଥିବାରୁ ସେମାନଙ୍କର ଭାରତ ଫେରିବା ଆଶା ମଉଳିଯାଇଛି। ନିଜ ଦେଶକୁ ଫେରିପାରୁ ନ ଥିବାରୁ ସେମାନଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଛି।

ନେପାଳରେ ଫସିଥିବା ପଟ୍ଟାମୁଣ୍ଡାଇ ଲୋକମାନଙ୍କ ମଧ୍ୟରେ ଅଧିକାଂଶ ପାଣି ପାଇପ୍ ମିସ୍ତ୍ରୀ ଓ ଠିକାଦାର ଥିବା ଜଣାପଡ଼ିଛି। ଫସିଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ସେମାନଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ନେପାଳର କାଠମାଣ୍ଡୁରେ ଅବସ୍ଥାନ କରୁଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପବିତ୍ର ପଣ୍ଡା(୪୬), ତାଙ୍କ ପତ୍ନୀ ତୁଳସୀ ପଣ୍ଡା (୪୨), ଝିଅ ପ୍ରିୟଙ୍କା ପଣ୍ଡା(୧୪), ସାଇରାମ ପଣ୍ଡା(୧୦) ପ୍ରମୁଖ ଆସନ୍ତା ୨୩ ତାରିଖରେ ଦୁର୍ଗାପୂଜା ପାଇଁ ଘରକୁ ଫେରିବାର ଥିଲା। କିନ୍ତୁ ସେମାନଙ୍କ ଆସିବା ବାଟ ଏବେ ବନ୍ଦ ହୋଇଯାଇଛି। ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଭାରତ ଫେରାଇ ଆଣିବା ପାଇଁ ୮୭ ବର୍ଷର ବୃଦ୍ଧା ମାଆ କୁନ୍ତଳା ପଣ୍ଡା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଓଉପଦା ଅଞ୍ଚଳର ସ୍ୱର୍ଗତ ନରେନ୍ଦ୍ର କୁମାର କରଙ୍କ ପୁଅ ଅଜିତ କୁମାର କର କାଠମାଣ୍ଡୁ ▶ପୃଷ୍ଠା-୭

# ଅକ୍ଟୋବରରୁ ସାରା ଦେଶରେ ଏସ୍ଆଇଆର୍

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ଅକ୍ଟୋବର ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇପାରେ। ଆଜି ଏଠାରେ ଅନୁଷ୍ଠିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ବୈଠକରେ ହୋଇଥିବା ଆଲୋଚନାରୁ ଏଭଳି ସୂଚନା ମିଳିଛି। ସରକାରୀ ଭାବେ ତାରିଖ ଘୋଷଣା କରାଯାଇନଥିଲେ ମଧ୍ୟ ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭାରତର ନିର୍ବାଚନ କମିସନ। ବିହାରରେ ଏସ୍ଆଇଆର୍‌କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁପ୍ରିମ କୋର୍ଟ ଏବେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ବିପୁଳ ସଂଖ୍ୟାରେ ଭୋଟରଙ୍କୁ ତାଲିକାରୁ ହଟାଇବା ଲାଗି କମିସନ ଚକ୍ରାନ୍ତ ଚଳାଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଥିବା ବେଳେ କମିସନ ଏହା ସପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି।

### ପ୍ରସ୍ତୁତ ରହିବା ଲାଗି ସମସ୍ତ ନିର୍ବାଚନ ଅଧିକାରୀଙ୍କୁ କମିସନଙ୍କ ନିର୍ଦ୍ଦେଶ

ଦେଶବ୍ୟାପୀ ଏସ୍ଆଇଆର୍ କରାଯିବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିବା ବେଳେ ଆଜି ଏଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ହୋଇଥିଲା। ବୈଠକରେ କେବଳ ଏସ୍ଆଇଆର୍ ପ୍ରସଙ୍ଗରେ ହିଁ ଆଲୋଚନା କରାଯାଇଛି। ସାଢ଼େ ତିନି ଘଣ୍ଟା ଧରି ହୋଇଥିବା ବୈଠକରେ ନିର୍ବାଚନ ଅଧିକାରୀମାନେ ସେମାନଙ୍କ ରାଜ୍ୟ ସଂପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏସ୍ଆଇଆର୍ ପାଇଁ ସେମାନେ ପ୍ରସ୍ତୁତ ବୋଲି କହିଥିଲେ। ନିର୍ବାଚନ କମିସନ ଏହି ପ୍ରସ୍ତୁତିର ସମୀକ୍ଷା କରିବା ସହିତ ବୁଥ ସ୍ତରରେ ଅଧିକାରୀମାନଙ୍କ ନିଯୁକ୍ତି ଏବଂ ସେମାନଙ୍କୁ ଆବଶ୍ୟକ ତାଲିମ ଦେବାପାଇଁ କହିଥିଲେ। ନିଜ ନିଜ ରାଜ୍ୟରେ ଥିବା ଭୋଟରଙ୍କ ସଂଖ୍ୟା, ତାଲିକାରେ ନୂଆ ▶ପୃଷ୍ଠା-୭

# ଶିଥିଳ ପଡ଼ିଲା ମନ୍ତ୍ରିମଣ୍ଡଳ ଚର୍ଚ୍ଚା

## ଠିକ୍ ସମୟରେ ନିଆଯିବ ନିଷ୍ପତ୍ତି: ମନମୋହନ

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ମନ୍ତ୍ରିମଣ୍ଡଳ ପୁନର୍ଗଠନକୁ ନେଇ ଚାଲିଥିବା ଚର୍ଚ୍ଚା ପୁଣିଥରେ ଶିଥିଳ ପଡ଼ିଛି। ଗତ କିଛିମାସ ହେଲା ଏକାଧିକବାର ଉଭୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଏକ ସମୟରେ ଦିଲ୍ଲୀ ଗସ୍ତ ମନ୍ତ୍ରୀ ଆଶାୟୀଙ୍କ ମନରେ ସୃଷ୍ଟି କରିଥିବା ଆଶା ମଉଳି ଯାଇଛି। ପ୍ରାୟ ସପ୍ତାହେ ଧରି ଉତ୍ସାହିତ ଥିବା ମନ୍ତ୍ରୀ ଆଶାୟୀଙ୍କ ଆଶାରେ ପାଣି ଢାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି। ବୁଧବାର ଦିଲ୍ଲୀରୁ ଫେରିବା ପରେ ଶ୍ରୀ ସାମଲ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଠିକ୍ ସମୟରେ ହେବ ବୋଲି ଦେଇଥିବା ମନ୍ତବ୍ୟ ଅନେକଙ୍କୁ ନିରାଶ କରିଛି।

ମନମୋହନ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନେଇ କୌଣସି ଆଲୋଚନା ହୋଇନାହିଁ। ଏନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ

### ନିଗମ ଓ ବୋର୍ଡରେ ନିଯୁକ୍ତି ଆଶାୟୀଙ୍କ ଅସନ୍ତୋଷ ବଢୁଛି
### ବିଳମ୍ବିତ ନିଷ୍ପତ୍ତି ଯୋଗୁଁ ଉନ୍ନୟନ କାମ ବାଧାପ୍ରାପ୍ତ

ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋର୍ଡରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ▶ପୃଷ୍ଠା-୭

### ଅସହ୍ୟ ହେଲାଣି ଦରଦାମ୍ ବୃଦ୍ଧି

# ୩ ବର୍ଷରେ ୩୩% ବଢ଼ିଗଲାଣି ଘର ଖର୍ଚ୍ଚ

## ପରିବାର ଚଳାଇବାକୁ ସଂଘର୍ଷ କରୁଛନ୍ତି ୪୫% ମଧ୍ୟବିତ୍ତ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ବଜାର ଦରର ମହଙ୍ଗା ମାଡ଼ରେ ଖାଉଟି ନୟାନ୍ତ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଲୋକ ଦରଦାମରେ ଅତିଷ୍ଠ। ଖାଦ୍ୟପାନୀୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଶିକ୍ଷା ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଖର୍ଚ୍ଚକୁ ନେଇ ସାଧାରଣ ଉପଭୋକ୍ତା ତ୍ରାହିତ୍ରାହି ଡାକୁଛନ୍ତି। ଗରିବ ଲୋକମାନଙ୍କୁ ସରକାର ମାଗଣା ଖାଦ୍ୟ ଶସ୍ୟ ଯୋଗାଇ ଦେଉଥିଲେ ହେଁ ଆନୁଷଙ୍ଗିକ ଖର୍ଚ୍ଚ ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି। ଉଚ୍ଚ ବଜାର ଦର ଯୋଗୁଁ ୩ ବର୍ଷରେ ଭାରତୀୟଙ୍କ ପାରିବାରିକ ଖର୍ଚ୍ଚ ୩୩ ପ୍ରତିଶତ ବୃଦ୍ଧି ପାଇଛି ଓ ୪୫% ଭାରତୀୟ ପରିବାର ଘର ଚଳାଇବାକୁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ମୂଲ୍ୟ ବୃଦ୍ଧିଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ ମଧ୍ୟବିତ୍ତ ପରିବାରଗୁଡ଼ିକ ଖର୍ଚ୍ଚକାଟ କରୁଛନ୍ତି ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ସଞ୍ଚୟ ହ୍ରାସ ପାଇଛି। ଜୁନ୍ ୨୦୨୨ରେ ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ହାରାହାରି ସାପ୍ତାହିକ ଖର୍ଚ୍ଚ ୫୨୭୧୧ ଟଙ୍କା ଥିବାବେଳେ ୨୦୨୫ ମାର୍ଚ୍ଚ ମାସରେ ଏହା ବୃଦ୍ଧି ପାଇ ୭୩୫୭୯ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହାରାହାରି ସାପ୍ତାହି ଖର୍ଚ୍ଚ ଜୁନ୍ ୨୦୨୨ରେ ୩୬୧୦୪ ଟଙ୍କା ଥିବାବେଳେ ମାର୍ଚ୍ଚ ୨୦୨୫ରେ ଏହା ୪୬୬୨୩ ଟଙ୍କାରେ ପହଞ୍ଚିଛି। ପାରିବାରିକ ଖର୍ଚ୍ଚକୁ ନେଇ ୱାର୍ଲ୍ଡ ପ୍ୟାନେଲ ସର୍ଭେ ପ୍ରକାଶ କରିଛି ଏପରି ତଥ୍ୟ।

**ୱାର୍ଲ୍ଡ ପ୍ୟାନେଲ୍ ଇଣ୍ଡିଆ ସର୍ଭେ ରିପୋର୍ଟ**

### ବର୍ଷକ ମଧ୍ୟରେ ଉପଭୋକ୍ତା ଆତ୍ମବିଶ୍ୱାସ ୩% ହ୍ରାସ
### ଦେଶରେ ସ୍ୱଚ୍ଛନ୍ଦ ଜୀବନ କାଟୁଛନ୍ତି ମାତ୍ର ୧୭%

'ୱାର୍ଲ୍ଡପ୍ୟାନେଲ୍ ବାଇ ନ୍ୟୁମେରେଟର୍' ରିପୋର୍ଟ ଅନୁସାରେ ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଦୃଷ୍ଟାନ୍ତମୂଳକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟ ପରିବାରଗୁଡିକର ଖର୍ଚ୍ଚ ▶ପୃଷ୍ଠା-୭

## ପେଟ୍ରୋଲ ଢାଳି ନିଜକୁ ଜାଳିଦେଲେ

### ୯୦ ପ୍ରତିଶତ ଦଗ୍ଧ



■ ବ୍ରହ୍ମପୁର, ୧୦।୯ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକ ମେଣ୍ଟୁଛକଠାରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡ଼ିଯାଇଛି। ଗୁରୁତର ଯୁବକଜଣଙ୍କ ହେଲେ, ପୁରୁଣା ବ୍ରହ୍ମପୁର ରାଧାକୃଷ୍ଣ ସାହିର ସୂରଜ ସାହୁ(୨୧)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର ▶ପୃଷ୍ଠା-୭

### ମହଙ୍ଗା ପଡ଼ିଲା ଚାରିଚକିଆ ଗାଡ଼ି କିଣା ଓ ଧାନ ବିକ୍ରି ପଞ୍ଜୀକରଣ

# ସୁଭଦ୍ରାରୁ ୨ ଲକ୍ଷ ହିତାଧିକାରୀ ବାଦ୍

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାରୁ ପାଖାପାଖି ୨ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୨ଟି କିସ୍ତିରେ ଅର୍ଥ ପାଇସାରିବା ପରେ ମଧ୍ୟ ଏହି ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁ ପରିବାରରେ ଚାରିଚକିଆ ଗାଡ଼ି କିଣାଯାଇଛି, ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯାଇଛି ଓ ଆୟକରଦାତା ରହିଛନ୍ତି, ସେମାନଙ୍କୁ ସରକାର ଏହି ଯୋଜନାରୁ ବାଦ୍ ଦେଇଥିବା ଜଣାପଡ଼ିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର କରିଥିବା ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକରୁ ଏହି ତଥ୍ୟ ଜଣାପଡ଼ିଛି। ଏଥିରେ ଦର୍ଶାଯାଇଛି ଯେ ମୃତ୍ୟୁ ଯୋଗୁଁ ୧୫,୯୮୪ଜଣ, ଚାରିଚକିଆ ଗାଡ଼ି କିଣିଥିବାରୁ ୩୬ ହଜାର ୭୦୨ଜଣ, ଆୟ କର ରିଟର୍ଣ୍ଣ ଦାଖଲ କରିଥିବା ୨୧ ହଜାର ୩୫ଜଣ ଏବଂ ଧାନ ବିକ୍ରି ପାଇଁ କୃଷକ ଭାବେ ପଞ୍ଜୀକରଣ କରିଥିବା ୧ ଲକ୍ଷ ୩୩ ହଜାର ୬୯୧ ଜଣ ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ତେବେ ସରକାରଙ୍କ ମୃତ୍ୟୁ ତାଲିକାକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। କାରଣ ଯେଉଁ ୧୫ ହଜାର ୯୮୪ ଜଣଙ୍କୁ ମୃତ ଘୋଷଣା କରାଯାଇଛି, ସେମାନଙ୍କ ▶ପୃଷ୍ଠା-୭

### ମୃତ ଦର୍ଶାଇ ୧୮୦୫ ଜଣଙ୍କୁ କାଟିଦେଲେ

# ରକ୍ତ ଭଣ୍ଡାରରେ ଚିହ୍ନଟ ହୋଇପାରୁନି ଏଚ୍ଆଇଭି

■ କଟକ, ୧୦।୯ (ସମିସ): ରାଜ୍ୟର ସମସ୍ତ ୫୫ ରକ୍ତଭଣ୍ଡାରରେ ଇଣ୍ଡିଭିଜୁଆଲ ଡୋନର୍ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିଫିକେସନ୍ ଟେକ୍ନୋଲୋଜି (ଆଇଡି-ଏନ୍ଏଟି) ପରୀକ୍ଷା ସୁବିଧା ନଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ହେଉଥିବା ରକ୍ତର ଏଚ୍ଆଇଭି, ଏଚ୍‌ସିଭି ଭଳି ମାରାତ୍ମକ ସଂକ୍ରମଣର ଚିହ୍ନଟ ହୋଇପାରୁନାହିଁ। ଫଳରେ ଏଡ୍ସ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ



### ଆଇଡି-ଏନଏଟି ପରୀକ୍ଷା ସୁବିଧା ନ ଥିବାରୁ ହୋଇପାରୁନି ଏଚ୍ଆଇଭି, ଏଚ୍‌ସିଭି ରକ୍ତ ସଂକ୍ରମଣ ଚିହ୍ନଟ

ଅବସରପ୍ରାପ୍ତ ଚିକିତ୍ସା ବିଜ୍ଞାନୀ ଡା. ଅମରେନ୍ଦ୍ର ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ରକ୍ତଭଣ୍ଡାରଗୁଡ଼ିକରେ ରକ୍ତର ପୁରୁଣା ଏଲିସା ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଉଛି। ଏହି ପଦ୍ଧତିରେ ଏଚ୍ଆଇଭି ଭଳି ଭୂତାଣୁ ସଂକ୍ରମଣ ନିର୍ଦ୍ଦିଷ୍ଟ ଅବଧିରେ ଜଣାପଡୁନଥିଲା। ହାଇକୋର୍ଟରେ ରୁଜୁ ଆଉ ଏକ ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶାନୁସାରେ ସରକାର ଏନଏଟି-ପିସିଆର୍ ଟେଷ୍ଟ କେତେକ ରକ୍ତଭଣ୍ଡାରରେ ଉପଲବ୍ଧ କରାଇଲେଣି। ହେଲେ ଏହି ପ୍ରକ୍ରିୟାରେ ମଧ୍ୟ ଏଚ୍ଆଇଭିର ବିଭିନ୍ନ ଭାରିଆଣ୍ଟ ଓ ହେପାଟାଇଟିସ ବି' ଭଳି ମାରାତ୍ମକ ସଂକ୍ରମଣ ୱିଣ୍ଡୋ ପିରିୟଡ୍‌ରେ ଜଣାପଡ଼ିବ ନାହିଁ। ଏଣୁ, ଓଏସଏମସିଲକୁ ସମସ୍ତ ରକ୍ତଭଣ୍ଡାରରେ ଅତ୍ୟାଧୁନିକ ଆଇଡି-ଏନଏଟି ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ, ପୂର୍ବରୁ ବିଚାରାଧୀନ ▶ପୃଷ୍ଠା-୭

## ଆଜିର ଇତିହାସ

- ୧୮୯୩- ସିକାଗୋରେ ବିଶ୍ୱ ଧର୍ମ ସଂସଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।
- ୧୮୯୫- ଭୂଦାନ ଆନ୍ଦୋଳନର ପ୍ରବର୍ତ୍ତକ ସନ୍ଥ ବିନୋବା ଭାବେଙ୍କ ଜନ୍ମ।
- ୧୯୧୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା।
- ୧୯୩୨- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିଲା।
- ୧୯୬୧-ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା।
- ୨୦୦୧-ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣଙ୍କର ମୃତ୍ୟୁ ହୋଇଥିଲା।

## ୨୦୨୭ରେ 'କ୍ରିସ୍ ୪'



ହୃତିକ୍ ରୋଶନ ଚଳିତବର୍ଷ ବଲିଉଡ୍‌ରେ ୨୫ ବର୍ଷ ପୂରଣ କରିଛନ୍ତି। ଏଇବର୍ଷ 'କ୍ରିସ୍ ୪'କୁ ନେଇ ମଧ୍ୟ ବଡ଼ ଅପଡେଟ୍ ଆସିଛି। ରାକେଶ ରୋଶନଙ୍କ ବଦଳରେ ନିଜେ ଏଥିରେ ହୃତିକ୍ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି। ନିକଟରେ ରାକେଶ ତାଙ୍କ ୭୬ ତମ ଜନ୍ମଦିନ ପାଳନ ଅବସରରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'କ୍ରିସ୍ ୪' ର କାହାଣୀ ପାଇଁ ଆଉ ବେଶୀ ଦିନ ଲାଗିବ ନାହିଁ। ବଜେଟ୍ ପାଇଁ ଆମେ ଚାପରେ ଅଛୁ। ଆମେ ଏକ ସୀମିତ ବଜେଟ୍ ମଧ୍ୟରେ ଫିଲ୍ମଟିକୁ ନିର୍ମାଣ କରିବୁ। ଆସନ୍ତା ବର୍ଷ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ୨୦୨୭ରେ ଆମେ ଏହାକୁ ରିଲିଜ୍ କରିବା ପାଇଁ ଯୋଜନା ରଖିଛୁ।' ଏଠାରେ ପ୍ରକାଶ ଥାଉ କି, 'କ୍ରିସ୍ ୪' 'କ୍ରିସ୍' ସିରିଜ୍‌ର ଚତୁର୍ଥ ଫିଲ୍ମ ହେବ। ଏହାର ପ୍ରଥମ ଫିଲ୍ମ 'କୋଇ ମିଲ ଗୟା(୨୦୦୩), 'କ୍ରିସ୍'(୨୦୦୬) ଓ 'କ୍ରିସ୍ ୩'(୨୦୧୩)ରେ ଆସିଥିଲା। ହୃତିକ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ୱାର୍ ୨' ଫିଲ୍ମରେ ଦେଖାଯାଇଥିଲେ। ଏଥିରେ ତାଙ୍କ ସହ ଜୁନିୟର୍ ଏନ୍‌ଟିଆର୍, କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିଥିଲେ। ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସେତେଟା ଭଲ ବ୍ୟବସାୟ କରି ନଥିଲା। ଏହି କାରଣରୁ ହୃତିକ୍‌ଙ୍କ କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇଛି।

## ଶ୍ରମିକଙ୍କ କାମ କରିବ ରୋବଟ୍

### ଥରକରେ ଉଠାଇବ ୨୫୦ କେଜି ଓଜନର ଜିନିଷ



ଚୀନ୍ ଦିନକୁ ଦିନ ନୂଆ ନୂଆ ଟେକ୍ନୋଲଜି ବିକଶିତ କରୁଥିବା ଦେଖାଯାଉଛି। ଏହି କ୍ରମରେ ଚୀନ୍ ରୋବଟିକ୍ସ ଦୁନିଆରେ ଏକ ବଡ଼ ସଫଳତା ହାସଲ କରିଛି। ଏଆଇ ସହାୟତାରେ ଏହା ଏଭଳି ଏକ ରୋବଟ୍ ବିକଶିତ କରିଛି, ଯାହାକୁ ଲୋକେ ବାହୁବଳି ରୋବଟ୍ କହୁଛନ୍ତି। କାରଣ ଏହା ୨୫୦ କେଜି ଓଜନର ଜିନିଷକୁ ବେଶ୍ ସହଜରେ ଉଠାଇ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ରୋବଟ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଚୀନ୍‌ର ଷ୍ଟାର୍ଟଅପ୍ କମ୍ପାନି 'ମ୍ୟାଜିକ୍‌ଲ୍ୟାବ୍' 'ମ୍ୟାଜିକବଟ୍' ନାମକ ଏକ ହ୍ୟୁମାନଏଡ୍ ରୋବଟ୍ ବିକଶିତ କରିଛି। ଏହା ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ବୋହିବାକୁ ସକ୍ଷମ। ଏହି ରୋବଟ୍‌ର ଏକ ଭିଡିଓ ଜାରି କରାଯାଇଛି। ତେବେ ଆଗାମୀ ଦିନଗୁଡ଼ିକରେ ଏହା କାରଖାନାରେ ଶ୍ରମିକଙ୍କ ସ୍ଥାନ ନେଇପାରେ ବୋଲି କୁହାଯାଉଛି। ରୋବଟ୍‌ଟି ପ୍ରଥମେ ୮୦ କିଲୋଗ୍ରାମ ଓଜନ ବୋହିଥିବା ବେଳେ ଏହା ପରେ ୧୭୦ କିଲୋଗ୍ରାମ ଏବଂ ଶେଷରେ ୨୫୦ କିଲୋଗ୍ରାମ ଓଜନ ବୋହିଥିବା ଦେଖାଯାଇଛି। ହାଲୁକା ଜିନିଷ ଉଠାଇବା ସମୟରେ ଏହି ରୋବଟ୍‌ର ବେଗ ସେକେଣ୍ଡ ପ୍ରତି ୦.୭ ମିଟର ଥିବା ବେଳେ ଭାରି ଓଜନ ଉଠାଇବା ସମୟରେ ଏହା ସେକେଣ୍ଡ ପ୍ରତି ୦.୩ ମିଟର ଥିଲା। ଅବଶ୍ୟ ରୋବଟ୍‌ଟି କେବଳ ଶକ୍ତିଶାଳୀ ନୁହେଁ, ବରଂ ଏକାଧିକ କାର୍ଯ୍ୟ ମଧ୍ୟ କରିବାକୁ ସକ୍ଷମ। ମୁଖ୍ୟତଃ ଉକ୍ତ ରୋବଟ୍‌କୁ କାରଖାନାରେ କାମ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି। ଏହା ହେଉଛି ତୃତୀୟ ପିଢ଼ିର ଏଆଇ ରୋବଟ୍। ଏହା ଜିନିଷ ଉଠାଇବା ସହ ପରୀକ୍ଷା କରିବା, ସ୍କାନିଂ କରିବା ସହିତ ଗୋଦାମରେ ମଧ୍ୟ କାମ କରିପାରିବ। କେବଳ ସେତିକି ନୁହେଁ, ଏହା ପୋଷାକ ସଫା କରିବା, ପିଲାଙ୍କ ପାଇଁ ରୋଷେଇ କରିବା, ଗଛରେ ପାଣି ଦେବା ଭଳି ଅନ୍ୟାନ୍ୟ ଘରୋଇ କାମ ବି କରିପାରିବ। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ଅତି ସୂକ୍ଷ୍ମ ଜିନିଷକୁ ମଣିଷଙ୍କ ଭଳି ସର୍ତକତାର ସହ ରଖିଥାଏ। ଏହି ରୋବଟ୍‌ରେ ଆରଜିବିଡି କ୍ୟାମେରା, ଫିସ୍‌ଆଇ କ୍ୟାମେରା ଏବଂ ଅଲଟ୍ରାସୋନିକ ସେନସର୍ ଲାଗିଛି। ଥରେ ଚାର୍ଜ କଲେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଏହା ମଣିଷ ଭଳି ଚଲାବୁଲା, ଦୌଡ଼ାଦୌଡ଼ି କରିଥାଏ। ସେହିପରି ଏଆଇ ସାହାଯ୍ୟରେ ଏହାର ବେଗକୁ କମ୍ ବେଶି ବି କରାଯାଇ ପାରିବ। ଏହି ରୋବଟ୍ ଏଆଇ ଇଞ୍ଜିନ୍‌ର ବ୍ୟବହାର କରିଥାଏ। ଯାହାକି ଏହାକୁ ନୂଆ କାମ ଶିଖିବାରେ ସାହାଯ୍ୟ କରେ। ଅନ୍ୟପଟେ ଏହାକୁ ଚୀନ୍‌ର କିଛି କାରଖାନାରେ ବ୍ୟବହାର କରାଯାଇଥିବା ଜଣାପଡ଼ିଛି।

## ବୟସ ୧୫, ଉଚ୍ଚତା ୭ ଫୁଟ

ଅନେକ ଲୋକ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ବିହାର ଦରଭଙ୍ଗାର ଜଣେ ବାଳକ ନିଜର ଉଚ୍ଚତା ପାଇଁ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୧୫ ବର୍ଷୀୟ ହରିଓମ୍‌ଙ୍କ ଉଚ୍ଚତା ୭ ଫୁଟ। ସେ ଏବେ ଏକାଦଶ ଶ୍ରେଣୀରେ ପାଠ ପଢ଼ୁଛନ୍ତି। ଭବିଷ୍ୟତରେ ସେ ପୁଲିସ ଚାକିରିରେ ଯୋଗଦେବାକୁ ଆଶା ରଖିଛନ୍ତି। ଘରର ଅନ୍ୟ ସଦସ୍ୟଙ୍କ ଉଚ୍ଚତା ସାଧାରଣ ଥିବାବେଳେ, କେବଳ ହରିଓମ୍‌ଙ୍କ ଉଚ୍ଚତାରେ ଏପରି ଭିନ୍ନତା ଦେଖାଯାଇଛି। ସେହିପରି ହରିଓମ୍‌ଙ୍କ ବାପା ପୁଅର ଉଚ୍ଚତାକୁ ଦୃଷ୍ଟିରେ ରଖି ତାଙ୍କ ଘରକୁ ତିଆରି କରିଛନ୍ତି। ସେ ତାଙ୍କ ଶୌଚାଳୟ, ଶୋଇବା ଘର ଓ ରୋଷେଇ ଘରର ଉଚ୍ଚତାକୁ ସାଢ଼େ ସାତଫୁଟ ରଖିଛନ୍ତି। ଯଦ୍ୱାରା ହରିଓମ୍ ଘର ମଧ୍ୟରେ ଆରାମରେ ଆତଯାତ କରିପାରିବେ। ଏହାକୁ ନେଇ ହରିଓମ୍ କୁହନ୍ତି, ତାଙ୍କ ଉଚ୍ଚତା ବୟସ ବଢ଼ିବା ସହ ବଢ଼ି ଚାଲିଥିଲା। ଏହାକୁ ନେଇ ତାଙ୍କର କୌଣସି ସମସ୍ୟା ମଧ୍ୟ ହୋଉ ନ ଥିଲା। ଅଧିକ ଉଚ୍ଚତା ପାଇଁ ତାଙ୍କ ସାଙ୍ଗମାନେ ତାଙ୍କୁ 'ଲମ୍ବୁ' ଡାକୁଥିବା ହରିଓମ୍ କୁହନ୍ତି। ସେ ଏବେ ପୁଲିସ୍ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି।



## ସ୍ୱାମୀଙ୍କ ସ୍ମୃତିରେ ସାଇତି ରଖିଛନ୍ତି ଟାଟୁ



ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କ ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି । ପତି ପତ୍ନୀଙ୍କ ମଧ୍ୟରୁ ଜଣକର କାହାର ମୃତ୍ୟୁ ହୋଇଗଲେ ଅନ୍ୟ ଜଣେ ତାକୁ ପ୍ରତି ମୁହୂର୍ତ୍ତରେ ଝୁରି ହେଉଥାଏ। ସେ ଛାଡ଼ି ଯାଇଥିବା ଜିନିଷଗୁଡ଼ିକୁ ସ୍ମୃତି ଭାବେ ନିଜ ପାଖେ ସାଇତି ରଖିଥାନ୍ତି। ପଶ୍ଚିମ ଭର୍ଜିନିଆର ଏଞ୍ଜେଲିକା ରାଡେକ୍ସି ନାମ୍ନୀ ଜଣେ ୩୫ ବର୍ଷୀୟା ମହିଳା ତାଙ୍କ ସ୍ୱାମୀଙ୍କୁ ହରାଇବା ପରେ ଏପରି କିଛି କରିଛନ୍ତି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିବ। ଏଞ୍ଜେଲିକା ଓ ତାଙ୍କ ସ୍ୱାମୀ ଟିଜେ ପିଲାଦିନର ବନ୍ଧୁ ଥିଲେ। ୨୦୨୧ ମସିହାରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେମାନଙ୍କର ପ୍ରେଷ୍ଟନ ନାମକ ୧୦ ବର୍ଷର ପୁଅ ଅଛି। ୫୫ ବର୍ଷ ବୟସରେ ଟିଜେଙ୍କର ଅଚାନକ ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀ ଚାଲିଯିବା ପରେ ଏଞ୍ଜେଲିକା ପୂରା ଭାଙ୍ଗି ପଡ଼ିଥିଲେ। ସେ ଏକ ନିଆରା ଉପାୟରେ ସ୍ୱାମୀଙ୍କ ସ୍ମୃତିକୁ ସାଉଁଟି ରଖିବାକୁ ଇଚ୍ଛା କରିଥିଲେ। ଟିଜେଙ୍କ ଶରୀରରେ ୭୦ରୁ ଅଧିକ ଟାଟୁ ଥିଲା। ଏଞ୍ଜେଲିକା ଟିଜେଙ୍କ ହାତରେ ଥିବା ପିଟ୍‌ସବର୍ଗ ଷ୍ଟିଲର୍ସ ହେଲମେଟ୍ ଟାଟୁକୁ ସାରା ଜୀବନ ସାଇତି ରଖିବାକୁ ଚାହିଁଥିଲେ। ଖପୁରୀ ଆକୃତିର ଏହି ଟାଟୁଟି ଟିଜେ ଏବଂ ତାଙ୍କ ପୁଅଙ୍କର ବହୁତ ପସନ୍ଦ ଥିଲା। ତେଣୁ ଏହି ଟାଟୁଟିକୁ ଏଞ୍ଜେଲିକା ସାରା ଜୀବନ ସାଇତି ରଖିବାକୁ ଇଚ୍ଛା କରିଥିଲେ। ତେଣୁ ଅନ୍ତିମସଂସ୍କାର ସମୟରେ ଏଞ୍ଜେଲିକା ମାର୍କରରେ ଟାଟୁର ସଠିକ୍ ଅଂଶକୁ ଚିହ୍ନିତ କରିଥିଲେ। ଏହାପରେ ଟିଜେଙ୍କର ସେହି ଅଂଶକୁ କଟାଯାଇ ସେଭ୍ ମାଇଁ ଇଙ୍କ୍ ଫରଏଭର ନାମକ କମ୍ପାନି ନିକଟକୁ ପଠାଇ ଦିଆଯାଇଥିଲା। ଏହି କମ୍ପାନି ଚର୍ମରେ ଥିବା ଟାଟୁକୁ ବହୁଦିନ ଧରି ସଂରକ୍ଷିତ ରଖିବା ପାଇଁ ଜଣାଯାଏ। ଏହି ପ୍ରକ୍ରିୟା ୯୦ ଦିନ ଧରି ଚାଲିଥିଲା। ଶେଷରେ କମ୍ପାନି ପକ୍ଷରୁ ଟିଜେଙ୍କ ଟାଟୁଟିକୁ କାଠ ଓ କାଚ ଯୁକ୍ତ ଫ୍ରେମରେ ବନ୍ଦ କରି ପଠାଯାଇଥିଲା। ଏହି ଫ୍ରେମ୍ ଦେଖି ଏଞ୍ଜେଲିକା ଭାବବିହ୍ୱଳ ହୋଇଯାଇଥିଲେ। ଯେତେବେଳେ ସେ ଏହି ଟାଟୁକୁ ହାତରେ ନେଇଥିଲେ କିଛି ହଜିଗଲା ଜିନିଷ ହଠାତ୍ ଫେରି ଆସିଲା ପରି ତାଙ୍କୁ ଲାଗିଥିଲା। ଏନେଇ ଏଞ୍ଜେଲିକା ଏବଂ ପ୍ରେଷ୍ଟନ କୁହନ୍ତି, ଯେତେବେଳେ ସେମାନେ ଟିଜେଙ୍କୁ ମନେ ପକାନ୍ତି, ଏହି ଫ୍ରେମ୍‌କୁ ଆଲିଙ୍ଗନ କରନ୍ତି। ଅନ୍ୟପଟେ ଏଞ୍ଜେଲିକା ଏହି ଘଟଣାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ କେହି କେହି ତାଙ୍କର ପ୍ରଶଂସା କରିଥିବାବେଳେ ଆଉ କେହି କେହି ସେ ସିରିଏଲ୍ କିଲର୍‌ଙ୍କ ଭଳି କାମ କରିଥିବା କହିଛନ୍ତି।

## ନୁଡୁଲ୍ସ କଞ୍ଚା ଖାଉଥିଲେ ସାବଧାନ

ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ ଏବେ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ ପ୍ରିୟ ଖାଦ୍ୟ ପାଲଟିଛି। ଏହା କମ୍ ସମୟରେ ପ୍ରସ୍ତୁତ ହୋଇଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ଶରୀର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ନିକଟରେ ଇଜିପ୍ଟର ଜଣେ ୧୩ ବର୍ଷର ପିଲା ଜଳଖିଆରେ ତିନି ପ୍ୟାକେଟ୍ କଞ୍ଚା ନୁଡୁଲ୍ସ ଖାଇଥିଲା। ଖାଇବାର କିଛି ସମୟ ମଧ୍ୟରେ ତାର ପେଟରେ ଯନ୍ତ୍ରଣା ହୋଇ ବାନ୍ତି ହେବାରୁ ପରିବାର ଲୋକେ ପିଲାଟିକୁ ହସ୍‌ପିଟାଲକୁ ନେଇଥିଲେ। ହେଲେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ହିଁ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ଅଧିକ କଞ୍ଚା ନୁଡୁଲ୍ସ ଖାଇବାରୁ ପିଲାଟିର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ସାଧାରଣତଃ ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ସହଜରେ ହଜମ ହୋଇ ନ ଥାଏ। ଏହାଦ୍ୱାରା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ବ୍ଲକ୍ ହେବା ଆଶଙ୍କା ଥାଏ। ସେହିପରି ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ସୋଡିୟମ୍ ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଦିନକରେ ୨୦୦୦ମିଲିଗ୍ରାମ୍‌ରୁ ଅଧିକ ସୋଡିୟମ୍ ଗ୍ରହଣ କରିବା ବିପଜ୍ଜନକ। ଗୋଟିଏ ପ୍ୟାକେଟ୍ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ପାଖାପାଖି ୧୮୨୯ ମିଲିଗ୍ରାମ୍ ସୋଡିୟମ୍ ଥାଏ। ଜଣେ ଏଭଳି ନୁଡୁଲ୍ସ ଦୁଇ ଚାରି ପ୍ୟାକେଟ୍ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଅଧିକ ସୋଡିୟମ୍ ଯୋଗୁ ରକ୍ତଚାପ ଅଚାନକ ବଢ଼ିଯାଏ। କେବଳ ସେତିକି ନୁହେଁ ଏହା ହୃତ୍‌ପିଣ୍ଡ ଓ ବୃକକ୍ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ସେହିପରି ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଡିହାଇଡ୍ରେସନ୍ ସମସ୍ୟା ସୃଷ୍ଟି ହେବା ସହ ମଧୁମେହ, କର୍କଟ ଆଦି ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ନୁଡୁଲ୍ସକୁ କଞ୍ଚା ନ ଖାଇ ରାନ୍ଧିକି ଖାଇବା ଉଚିତ।



## ଗୁମ୍ଫାରେ ପାଠାଗାର

ଚୀନ୍‌ର ଗୁଆନ୍ସି ଅଞ୍ଚଳରେ ଥିବା ମିୟାଁହୁଆ ପାଠାଗାର ଏବେ ସାରା ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଛି। ମେ ମାସରେ ଏହି ପାଠାଗାର ଖୋଲିବା ପରେ ଚୀନ୍ ସାମାଜିକ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ଏହି ପାଠାଗାର ସମ୍ପର୍କରେ ଖାସ୍ କଥାଟି ହେଉଛି, ଏହା ଏକ ବଡ଼ ଗୁମ୍ଫା ମଧ୍ୟରେ ନିର୍ମାଣ କରାଯାଇଛି। ଏହା ପୁସ୍ତକ ପ୍ରେମୀଙ୍କ ସହ ପ୍ରକୃତି ପ୍ରେମୀଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରିଛି। ଏହି ଲାଇବ୍ରେରୀ ଏକ ପାହାଡ଼ ଚଟ୍ଟାଣ ମଧ୍ୟରେ ନିର୍ମାଣ କରାଯାଇଥିବାବେଳେ, ଏହାର ଚତୁଃପାର୍ଶ୍ୱରେ ସବୁଜିମା ଭରି ରହିଛି। ଦୂରରୁ ଦେଖିଲେ ଏହା ଏଆଇ ଦ୍ୱାରା ନିର୍ମିତ ଏକ ସ୍ଥାନ ପରି ମନେ ହୁଏ। ଏହି ପାଠାଗାରକୁ ଚାଲି ଚାଲି ଯିବାକୁ ହୋଇଥାଏ। ସେହିପରି ପାଠାଗାରକୁ ଯିବା ନିମନ୍ତେ ଉତ୍କୃଷ୍ଟ କାଠ ନିର୍ମିତ ରାସ୍ତା ଓ ଝୁଲନ୍ତା ବାଲକୋନୀ ସଭିଙ୍କ ମନ ଜିଣିଥାଏ। ଗୁମ୍ଫା ମଧ୍ୟରେ ଲୋକଙ୍କ ପଢ଼ିବା ପାଇଁ ହଜାର ହଜାର ସଂଖ୍ୟକ ବହିକୁ ସଜାଇ ରଖାଯାଇଛି। ଏଠାରେ ଲୋକେ ବହି ପଢ଼ିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ଏହି ସ୍ଥାନ ଉଭୟ ପୁସ୍ତକପ୍ରେମୀ ଓ ପ୍ରକୃତିପ୍ରେମୀଙ୍କ ପାଇଁ ସ୍ୱର୍ଗ ଭାବେ ଜଣାଯାଏ। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ମାନ ସମ୍ମାନ ବୃଦ୍ଧି ପାଇବ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ମିଳିବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ଦାନ ଧର୍ମ କରନ୍ତୁ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।



ନେପାଳରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ସ୍ତ୍ରୀ ଓ ପ୍ରେମିକକୁ ଅର୍ଦ୍ଧଉଲଗ୍ନ କରି ରାସ୍ତାରେ ଚଲାଇଲେ

■ ପରକୀୟା ପ୍ରୀତି ସନ୍ଦେହ
■ ସ୍ୱାମୀ ଓ ସହଯୋଗୀ ଗିରଫ

ନିମାପଡ଼ା, ୧୦।୯ (ସମିସ): ନିମାପଡ଼ା ଏନ୍ଏସି ଅଞ୍ଚଳରେ ଗତ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିମାପଡ଼ା ଥାନା ନିକଟ ଅମଲାପଡ଼ାଠାରେ ଘରଭଡ଼ା ନେଇ ରହୁଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ସ୍ୱାମୀ ଓ ସାଙ୍ଗମାନେ ମିଶି ତାଙ୍କର ଜଣେ ସମ୍ପର୍କୀୟ ଶିକ୍ଷକଙ୍କ ସହ ହାତ, ଗୋଡ଼ ବାନ୍ଧି ମାଡ଼ମାରି ଅର୍ଦ୍ଧ ଉଲଗ୍ନ କରି ବେକରେ ଫୁଲମାଳ ପକାଇ ଜନଗହଳିପୂର୍ଣ୍ଣ ରାସ୍ତାରେ ଚଲାଇ ଚଲାଇ ନିମାପଡ଼ା ଥାନାକୁ ନେବା ଘଟଣା ନିମାପଡ଼ାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଅଧ୍ୟାପକ ଥିବା ସ୍ୱାମୀ କାକଟପୁର ଥାନା ଅଞ୍ଚଳର ଗିରିଧାରୀ ଖଟୁଆ ଓ ତାଙ୍କ ସହଯୋଗୀ ସୁବ୍ରତ ପଡ଼ିଆରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ନିଆଳି ବ୍ଲକ୍ ଅଞ୍ଚଳରେ ଶିକ୍ଷୟିତ୍ରୀ ଥିବା ମହିଳାଜଣଙ୍କ ନିମାପଡ଼ା ଅମଲାପଡ଼ାଠାରେ ଭଡ଼ା ଘର ନେଇ ରହିଆସୁଛନ୍ତି। ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଗିରିଧାରୀ ଖଟୁଆ ଜଗତସିଂହପୁର ନାଉଗାଁ ଅଞ୍ଚଳରେ ଏକ ଘରୋଇ କଲେଜରେ ଅଧ୍ୟାପକ ଥିବା ଜଣାପଡ଼ିଛି। କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ରହିଥିଲା। ମଙ୍ଗଳବାର ରାତିରେ ଅଧ୍ୟାପକ ଗିରିଧାରୀ ତାଙ୍କ ଶିକ୍ଷୟିତ୍ରୀ ପତ୍ନୀ ଓ ଜଣେ ସମ୍ପର୍କୀୟ ଶିକ୍ଷକଙ୍କୁ ଅର୍ଦ୍ଧଉଲଗ୍ନ କରିବା ସହ ମାଡ଼ ମାରି, ବେକରେ ଫୁଲମାଳ ପକାଇ, ହାତବାନ୍ଧି ଦୁହିଁଙ୍କୁ ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ନେଇଥିଲେ। ଏହି ଘଟଣା ଦେଖଣାହାରୀଙ୍କୁ ଆଶ୍ଚର୍ଯ୍ୟ କରିବା ସହ ନିମାପଡ଼ା ଅଞ୍ଚଳରେ ଆଇନଶୃଙ୍ଖଳା ସବୁ କୁଆଡ଼େ ହଜିଗଲା ବୋଲି ଦେଖଣାହାରୀଙ୍କଠାରୁ ଶୁଣିବାକୁ ମିଳିଛି। ଶିକ୍ଷୟିତ୍ରୀ ପତ୍ନୀଙ୍କ ସହ ଶିକ୍ଷକ ନେତାଙ୍କ ଖରାପ ସମ୍ପର୍କ ଥିବା ନେଇ ତାଙ୍କ ସ୍ୱାମୀ କହୁଥିବା ଶୁଣିବାକୁ ମିଳିଛି। ଅପରପକ୍ଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀଜଣଙ୍କ ତାଙ୍କ ସ୍ୱାମୀଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରେ ଏକୁଟିଆ ଥିବା ବେଳେ ହଠାତ୍ ତାଙ୍କ ସ୍ୱାମୀ ଗିରିଧାରୀ ଓ ଶିକ୍ଷକଜଣଙ୍କ ଘରକୁ ଆସିଥିଲେ। ଶିକ୍ଷକଜଣଙ୍କ ଘର



ଭିତରକୁ ପଶିବା କ୍ଷଣି ସ୍ୱାମୀ ଓ ତାଙ୍କ ସହିତ ଆସିଥିବା ଅନ୍ୟ ଜଣେ ସହଯୋଗୀ ସୁବ୍ରତ ପଡ଼ିଆରୀ ମିଶି ପତ୍ନୀ ଓ ଶିକ୍ଷକଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଉଲଗ୍ନ କରି ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ଆଣିଥିଲେ। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ସ୍ୱାମୀ ଗିରିଧାରୀ ଓ ତାଙ୍କ ସହଯୋଗୀ ସୁବ୍ରତଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଛି।

## ସିଂହଦ୍ୱାରରେ ଅଭାବନୀୟ ଦୃଶ୍ୟ

# ଚପଲ ପିନ୍ଧି ଶ୍ରୀମନ୍ଦିରକୁ ପଶିବାକୁ ଯୁବକଙ୍କ ଜିଦ୍

ପୁରୀ, ୧୦।୯ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ କରିବା ପାଇଁ ଜଣେ ଯୁବକ ଉଦ୍ୟମ କରିଛନ୍ତି। ସୂଚନାନୁଯାୟୀ, ଯୁବକଜଣଙ୍କ ହାତରେ ଏକ ବାଡ଼ି ଧରି ବାଇକ୍‌ରେ ଆସିଥିଲେ। ରାଧାବଲ୍ଲଭ ମଠ ବାହାରେ ଦୁଇ ଚକିଆ ଯାନ ପାର୍କିଂ କରିଥିଲେ। ଭୋର୍ ସମୟରେ ଭକ୍ତମାନଙ୍କ ପାଇଁ ସିଂହଦ୍ୱାର ଖୋଲିବା ପୂର୍ବରୁ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଜେଟିପି ତାଙ୍କୁ ଅଟକାଇବା ବେଳେ ଯୁବକଜଣଙ୍କ ଶୁଣି ନଥିଲେ। ଶେଷରେ ସୁରକ୍ଷାକର୍ମୀ ଓ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଯୁବକଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁ ପ୍ରସାଦ ସାହୁ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ। ତାଙ୍କର ଏବେ ଚିକିତ୍ସା ଚାଲିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୧୦।୯ (ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ମାମଲାର ବିଚାର କରି ଆଜି ରାୟ ଶୁଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନାଞ୍ଚଳର ଅଭିଯୁକ୍ତ ଶୁଭେନ୍ଦୁ ପ୍ରଧାନ (୩୨)କୁ ଦଫା ୩୬୩/୩୬୬/୩୭୬/(୨)(ଏନ୍)ଓ ପୋକ୍ସୋ ଧାରା ୬ ଅନୁସାରେ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

୨୦୨୩ ଏପ୍ରିଲ ୧୧ ତାରିଖରେ ୧୭ ବର୍ଷୀୟା ଜଣେ ନାବାଳିକା କଲେଜକୁ ପରୀକ୍ଷା ଦେବାକୁ ଯାଇଥିବା ବେଳେ ଶୁଭେନ୍ଦୁ ତାକୁ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ନେଇ କେନ୍ଦୁଝର ଜିଲ୍ଲା ପାଟଣା ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରି ପୀଡ଼ିତାକୁ ବେଙ୍ଗାଲୁରୁରୁ ଉଦ୍ଧାର କରିଥିଲା। କିନ୍ତୁ ଶୁଭେନ୍ଦୁ ସେତେବେଳେ ଚମ୍ପଟ ମାରିଥିଲା। ପରେ ଭୁବନେଶ୍ୱର ରେଳଷ୍ଟେସନ ନିକଟରୁ ପୁଲିସ୍ ତାକୁ ଗିରଫ କରିଥିଲା। ପୀଡ଼ିତା ଅଭିଯୁକ୍ତ ଦ୍ୱାରା ବିଭିନ୍ନ ସ୍ଥାନରେ ବାରମ୍ବାର ଦୁଷ୍କର୍ମର ଶିକାର ହେବା ସହ ନିର୍ଯାତିତ ହୋଇଥିବା ପୁଲିସ ବୟାନ ରେକର୍ଡ କରିଥିଲା। ବୁଧବାର କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏହି ମାମଲାରେ ୧୫ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଶୁଭେନ୍ଦୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେସାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ଭିଜିଲାନ୍ସ ଜାଲରେ କିରାଣି

## ପେନସନ୍ କରାଇଦେବାକୁ ୩୦ ହଜାର ଲାଞ୍ଚ ନେଉଥିଲେ

ଚମ୍ପୁଆ, ୧୦।୯ (ସମିସ): ଭିଜିଲାନ୍ସ ଜାଲରେ କେନ୍ଦୁଝର ଜିଲ୍ଲା ଚମ୍ପୁଆସ୍ଥିତ ନିକୋଲସନ୍ ବନ ବିଦ୍ୟାଳୟର କନିଷ୍ଠ କିରାଣି ରୂପଚାନ୍ଦ ନାଏକ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପେନସନ୍ ଆବେଦନ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି।

ସୂଚନାନୁସାରେ, ସ୍କୁଲରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ୨୦୨୪ରୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କର ପେନସନ୍ ପାଇବା ପାଇଁ ଏଚ୍ଆର୍ଏମ୍ଏସ୍‌ରେ ସର୍ଭିସ୍ ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଅପଲୋଡ୍ କରିବା ପାଇଁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଶ୍ରୀ ନାଏକ। ଏ ସଂପର୍କରେ ସେ କେନ୍ଦୁଝର ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ପୂର୍ବ ଯୋଜନା ମୁତାବକ, ଆଜି କିରାଣି ଶ୍ରୀ ନାଏକ ତାଙ୍କ କାର୍ଯ୍ୟାଳୟରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଭାବେ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ଚଢ଼ଉ କରାଯାଇଥିଲା।

କିରାଣି ଶ୍ରୀ ନାଏକ ଏହି ଫରେଷ୍ଟ ଟ୍ରେନିଂ ସ୍କୁଲରେ ୨୦୦୪ରୁ କାର୍ଯ୍ୟ କରି ଆସୁଛନ୍ତି। ଚଢ଼ଉ ଦଳରେ କେନ୍ଦୁଝର ଭିଜିଲାନ୍ସ



ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଇନସପେକ୍ଟର୍ ଉଲପି ବେହେରା, ସବଇନ୍ସପେକ୍ଟର୍ ସୁଶାନ୍ତ କୁମାର ସେଠୀ, ଷ୍ଟେନୋ ଧ୍ରୁବେନ୍ଦ୍ର କୁମାର ପାତ୍ର, କନେଷ୍ଟବଲ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ ଏବଂ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କର୍ମଚାରୀମାନେ ସାମିଲ ଥିଲେ। ଏନେଇ ଭିଜିଲାନ୍ସ ନମ୍ବର ୯/୨୫ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଥିବା ଡିଏସ୍‌ପି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

## ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

# ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୯ (ସମିସ): ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ରାଜ୍ୟ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା- ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଏପରି ପୋଷ୍ଟ କରି ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତେ କାମ କରିବାକୁ ଆହ୍ୱାନ ଦେଇଛନ୍ତି।

ଉକ୍ତ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱନିୟନ୍ତାଙ୍କ ପ୍ରଦତ୍ତ ଜୀବନ ହେଉଛି ଅମୂଲ୍ୟ। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି, ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ସରକାରଙ୍କ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହେଇ ନରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ ପାଇଁ ଅକଥନୀୟ ଦୁଃଖଦୁର୍ଦ୍ଦଶା ଦେଇଥାଏ। ଆଜିର ଦିନରେ ଆଉ ଥରେ ସଂକଳ୍ପ ନେବା ଜୀବନକୁ ହର୍ଷ ଓ ଉଲ୍ଲାସର ସହ ଉପଭୋଗ କରିବା ଏବଂ ସବୁ ସମସ୍ୟାକୁ ପରିବାର ତଥା ସରକାରଙ୍କ ସହଯୋଗରେ ସମାଧାନ କରି ଆଗକୁ ବଢ଼ିବା ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

# ଚଳିତ ମାସରେ ନୂଆ ଅବକାରୀ ନୀତି

## ଆସନ୍ତା ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହ ହେବ ସବିଶେଷ ଆଲୋଚନା

ଭୁବନେଶ୍ୱର, ୧୦।୯ (ସମିସ): ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଏ ସଂପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ଅବକାରୀ ନୀତି କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ଭିତରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେବ। ଦଶହରା ପୂର୍ବରୁ ନୂଆ ନୀତି ପ୍ରଣୟନ ପ୍ରକ୍ରିୟା ସରିବ। ଇତିମଧ୍ୟରେ ଅବକାରୀ ବିଭାଗର ପ୍ରତିନିଧି ଦଳ ଦୁଇ ରାଜ୍ୟକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ସେଠାରେ ପ୍ରଚଳିତ ଅବକାରୀ ନୀତି ଶ୍ରେଷ୍ଠ ଦିଗକୁ ପ୍ରତିନିଧିଦଳ ଅନୁଧ୍ୟାନ କରିଥିବା ବେଳେ ତାହା ନୂଆ ନୀତିରେ ବିନିଯୋଗ କରାଯାଇଛି। ନୂଆନୀତିରେ ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଯିବ।

ସେହିପରି ବର୍ତ୍ତମାନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଚଢ଼ଉ ଜୋରଦାର କରାଯାଇଛି। ଯେଉଁମାନେ ଚୋରା କାରବାରରେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଆସନ୍ତା ଅକ୍ଟୋବର ୨ତାରିଖ ଅର୍ଥାତ୍ ଗାନ୍ଧୀଜୟନ୍ତୀରୁ ରାଜ୍ୟ ସରକାର ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବେ। ମାସେ ବ୍ୟାପୀ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା

# ଅଧ୍ୟାପକଙ୍କୁ ୨୦ ବର୍ଷ ଜେଲ୍

ବାରିପଦା, ୧୦।୯ (ସମିସ): ମୟୂରଭଞ୍ଜ ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତ ଅଧ୍ୟାପକ ମାନସ ରଞ୍ଜନ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ୍ ଓ ୨ଲକ୍ଷ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ବର୍ଷ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାନସଙ୍କ ଘର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବୁଢ଼ୀମୁହାଁଣ ଅମର୍ଦ୍ଦା ଗ୍ରାମରେ। ସେ ଉଦଳାସ୍ଥିତ ସାଇସାଧନା ଯୁକ୍ତଦୁଇ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଅପରପକ୍ଷେ, ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, କଲେଜରେ ପାଠ ପଢ଼ାଇବା ବେଳେ ମାନସ ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ବିଭିନ୍ନ ସମୟରେ ସେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ଅଗୋଚରରେ ଉକ୍ତ ସମୟର ଭିଡିଓ ଏବଂ ଫଟୋ ଉତ୍ତୋଳନ କରି ରଖିଥିଲେ। ତେବେ ନାବାଳିକାଜଣଙ୍କ ତାଙ୍କ ସହ ସଂପର୍କ ଭାଙ୍ଗିଦେବାରୁ ପରବର୍ତ୍ତୀ ସମୟରେ ମାନସ ସମସ୍ତ ଅଶ୍ଳୀଳ ଭିଡିଓ ଓ ଫଟୋକୁ ଭାଇରାଲ କରିଦେଇଥିଲେ। ଏ ବାବଦରେ ପୀଡ଼ିତାଙ୍କ ପରିବାରଲୋକେ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ। ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

# ବିଇଓଙ୍କୁ ମିଳିବ ସରକାରୀ ଗାଡ଼ି

ଭୁବନେଶ୍ୱର, ୧୦।୯ (ସମିସ): ବିଦ୍ୟାଳୟ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ତୃଣମୂଳସ୍ତରରେ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଏଣିକି ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ବିଦ୍ୟାଳୟ ବୁଲିବେ। ଶିକ୍ଷାଦାନ ସାଙ୍ଗକୁ ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଇଓଙ୍କୁ ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯିବ। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଇଛି ଯେ ବିଇଓମାନଙ୍କୁ ଗାଡ଼ି ଯୋଗାଇବାକୁ ସରକାର ଆବଶ୍ୟକ ମନେ କରୁଛନ୍ତି। ଏଣୁ କେତେ ସଂଖ୍ୟାରେ ଗାଡ଼ି ଆବଶ୍ୟକ ତା'ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଫଳରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ତଦାରଖ କରାଯିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ।

## ୪ କୋଟିର ସାଇବର୍ ଠକେଇ


# ଅଭିଯୁକ୍ତଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୁଲିସ

ଭୁବନେଶ୍ୱର, ୧୦।୯ (ସମିସ): ପଶ୍ଚିମବଙ୍ଗରେ ଠକେଇ କରି ଓଡ଼ିଶାରେ ଆତ୍ମଗୋପନ କରିଥିବା ଏକ ଠକକୁ ଉଠାଇନେଇଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିହର ମହାପାତ୍ର। ମିଳିଥିବା ସୂଚନା ଅନୁସାରେ, ହରିହର ଟ୍ରେଡିଂ କରିବା ପାଇଁ ବିଭିନ୍ନ ଲୋକଙ୍କୁ ପ୍ରବର୍ତ୍ତାଇଥିଲା। ଏକ ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ନିବେଶ କରିଲେ ଭଲ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକମାନେ ସେହି ଆପରେ ଟଙ୍କା ବିନିଯୋଗ କରିଥିଲେ। ହେଲେ ଲାଭ କଥା ଦୂରରେ ଥାଉ, ମୂଳ ମଧ୍ୟ ମିଳିନଥିଲା। ଏହିପରି ଉପାୟରେ ହରିହର ପ୍ରାୟ ୪ କୋଟି ଟଙ୍କା ଠକି ନେଇଥିଲା। ଏନେଇ ପଶ୍ଚିମବଙ୍ଗର ପ୍ରଗତି ମଇଦାନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବାପରେ ହରିହର ପଶ୍ଚିମବଙ୍ଗ ଛାଡ଼ି ଓଡ଼ିଶା ପଳାଇ ଆସିଥିଲା। ଦୁଇ ଦିନ ପୂର୍ବେ ଖଣ୍ଡଗିରି ଥାନା ଅଧିନସ୍ଥ ଏକ ତାରକା ହୋଟେଲରେ ଆସି ଆତ୍ମଗୋପନ କରିଥିଲା। ହରିହରକୁ ଧରିବାକୁ ପଶ୍ଚିମବଙ୍ଗ ପୁଲିସ କାଲିଠାରୁ ଭୁବନେଶ୍ୱରରେ ଡେରା ପକାଇଥିଲା। ଫୋନ୍ ଟ୍ରାକିଂ ଜରିଆରେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ତାରକା ହୋଟେଲରେ ଥିବା ଜାଣିବାକୁ ପାଇଥିଲା। ବୁଧବାର ଭୋରରୁ ଖଣ୍ଡଗିରି ଥାନା ପୁଲିସ ସହାୟତାରେ ଉକ୍ତ ତାରକା ହୋଟେଲରେ ଚଢ଼ଉ କରିଥିଲା। ସେଠାରୁ ହରିହରକୁ ଗିରଫ କରି ପଶ୍ଚିମବଙ୍ଗ ନେଇଛି।

# ଖରସ୍ରୋତାରେ ଭାସିଗଲେ ମହିଳା

## ଉଦ୍ଧାର କଲେ ଗ୍ରାମବାସୀ

ଗୋବିନ୍ଦପୁର, ୧୦।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଗୋବିନ୍ଦପୁର ଗ୍ରାମର ସମୀର ଦାସଙ୍କ ପତ୍ନୀ ସ୍ନିଗ୍ଧା ସରିତା ଦାସ(୩୫) ଆଜି ସାଢ଼େ ୧୦ଟା ବେଳେ ନଦୀକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଦୀର୍ଘ ସମୟ ପରେ ନଦୀରେ ମହିଳାଜଣଙ୍କ ଭାସି ଯାଉଥିବା ଦେଖି ଗ୍ରାମର କିଛି ସାହସୀ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀ ମଧ୍ୟକୁ ଡେଇଁଥିଲେ। ବନ୍ୟାର ପ୍ରଖରସ୍ରୋତ ସତ୍ତ୍ୱେ ସାହସୀ ଯୁବକ ଅମରେଶ ଦାସ, ରବୀନ୍ଦ୍ର ଧଳ, ରଞ୍ଜିଆ ଦାସ, ସୁଶାନ୍ତ ଦାସ, ବ୍ରଜକିଶୋର ମହାନ୍ତି ଓ



ଗ୍ରାମବାସୀଙ୍କ ସହଯୋଗରେ ସ୍ନିଗ୍ଧାଙ୍କୁ ନଦୀରୁ ଉଦ୍ଧାର କରାଯାଇଛି। ତାଙ୍କୁ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍‌ର ଶୁଭାରମ୍ଭ

## ୬ଟି ଜିଲ୍ଲାରୁ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା, ବାରଣାସୀ ଯାତ୍ରା

ଭୁବନେଶ୍ୱର,୧୦।୯ (ସମିସ): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରୁ କାଶୀ ବିଶ୍ୱନାଥ ଧାମକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ



ଟ୍ରେନ୍‌ର ଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ୨୦୨୫–୨୬ ଆର୍ଥିକ ବର୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮୦୦୦ ବରିଷ୍ଠ ନାଗରିକମାନଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।

ଆଜି ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ, ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଅଯୋଧ୍ୟା– ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ୬ଟି ଜିଲ୍ଲାରୁ ୭୭୫ଜଣ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ୧୬୯ ଜଣ, ପୁରୀରୁ ୧୨୭ ଜଣ, କଟକରୁ ୧୯୭ଜଣ, ଜଗତସିଂହପୁର ୮୫ଜଣ, କେନ୍ଦ୍ରାପଡ଼ାରୁ ୮୯ଜଣ, ଢେଙ୍କାନାଳରୁ ୧୦୮ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ଯାତ୍ରା କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କୁ ଦର୍ଶନ କରିବା ସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡ଼ିକୁ ପରିଦର୍ଶନ କରି ପବିତ୍ର ଗଙ୍ଗା ଆରତୀ କରିବେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶିକ୍ଷମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ର ନାରାୟଣ ଦାସଙ୍କ ସମେତ ବିଧାୟକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଥମ ଟ୍ରେନ ଯାତ୍ରା ପାଇଁ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଥିଲେ।

## ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ

# ହାତଗୋଡ଼ ବାନ୍ଧି ହତ୍ୟା କରି ଫିଙ୍ଗିଦେଲା

## ଅଭିଯୁକ୍ତ ଅଟକ, ପୁଲିସ ତନାଘନା ଜାରି

ରାମଚନ୍ଦ୍ରପୁର, ୧୦।୯ (ସମିସ): ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ। ସ୍ୱାମୀଙ୍କଠାରୁ ଅଧିକ ବିଶ୍ୱାସ କରିଥିଲେ, ସେ ହିଁ ବଇରୀ ସାଜିଲା। ହତ୍ୟା କରି ହାତଗୋଡ଼ ବାନ୍ଧି ବୁଦାମୂଳକୁ ଫିଙ୍ଗିଦେଲା। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଆଜି ଏପରି ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ଅଭିଯୁକ୍ତକୁ



ଧରିଛି। ମୃତ ମହିଳା ହେଲେ, ଅଳତି ପଞ୍ଚାୟତ ଜନାର୍ଦ୍ଦନପୁର-ପାଟଣା ଗାଁର ବୁଲୁ ଦାସଙ୍କ ପତ୍ନୀ ସୁକାନ୍ତୀ ଦାସ (୫୦)। ଆଜି ଗାଁ ନିକଟ ଏକ ପରିତ୍ୟକ୍ତ ନାଳ ନିକଟ ବେଣାବୁଦା ମୂଳରୁ ପୁଲିସ ତାଙ୍କ ହାତଗୋଡ଼ବନ୍ଧା ଗଳିତ ଶବ ଜବତ କରିଛି। ସେ ୪ ଦିନ ହେଲା ନିଖୋଜ ଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ କୃପାସିନ୍ଧୁ ଦାସ(୫୨)କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ତାକୁ ଘଟଣାସ୍ଥଳକୁ ନେଇ ସିନ୍-ରିକ୍ରିଏସନ୍ କରାଇବା ପରେ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

ସୂଚନାନୁସାରେ, ସୁକାନ୍ତୀଙ୍କ ସହ କୃପାସିନ୍ଧୁର ପ୍ରେମସଂପର୍କ ଥିଲା। କିନ୍ତୁ କୌଣସି କଥାକୁ ନେଇ ଦୁହିଁଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି, ସୁକାନ୍ତୀ ମାସେ ତଳେ କୃପାସିନ୍ଧୁ ବିରୋଧରେ ଥାନାରେ ଏତଲା ଦେବାରୁ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୭ ଦିନ ତଳେ ସେ ଜାମିନରେ ଆସିଥିଲା। ତେବେ ଗତ ରବିବାର ରାତିରୁ ହଠାତ୍ ସୁକାନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ପରିବାରଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ଗାଁ ନାଳ ନିକଟରେ ଏକ କୋଦାଳ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହେବାରୁ ପୁଲିସକୁ ଖବର ଦେଇଥିଲେ।



ପୁଲିସ ପହଞ୍ଚି ସରଜମିନ ତଦନ୍ତ କରିଥିଲା। କିନ୍ତୁ ମହିଳାଙ୍କ ସମ୍ପର୍କରେ କିଛି ସୁରାକ୍ ମିଳିପାରିନଥିଲା। ଆଜି ଗାଁ ନିକଟ ସେହି ନାଳ କୂଳରେ ଥିବା ବେଣାବୁଦା ମୂଳରୁ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି କରିବାରୁ ସୁକାନ୍ତୀଙ୍କ ଗଳିତ ମୃତଦେହ ଠାବ କରାଯାଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମହିଳାଙ୍କ ହାତଗୋଡ଼ ବନ୍ଧା ହୋଇଥିବା ଦେଖିଥିଲା।

## ଦଶହରା ଓ ଦୀପାବଳି ପାଇଁ ଶାନ୍ତି କମିଟି ବୈଠକ

# ମହାନଦୀରେ ହେବ ଗଣେଶଙ୍କ ପରେ ଦୁର୍ଗାଙ୍କ ଭସାଣି !

**ସମ୍ବଲପୁର, ୧୦।୯ (ସମିସ)**

ଚଳିତବର୍ଷ ସମ୍ବଲପୁରର ବିଭିନ୍ନ ପୂଜା କମିଟି, ହାଉସିଂ ସୋସାଇଟି ତଥା ଘରେ ପୂଜା କରାଯାଇଥିବା ଗଣେଶ ମୂର୍ତ୍ତି ରିଂରୋଡ୍‌ରେ ବିଭିନ୍ନ ଘାଟଠାରୁ ଆରମ୍ଭ କରି ମାଳତିପୋର ପର୍ଯ୍ୟନ୍ତ ବିସର୍ଜନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗତ ଅଗଷ୍ଟ ୧୧ ତାରିଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ମହାନଗର ଆୟୁକ୍ତ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମୂର୍ତ୍ତି ତିଆରିଠାରୁ ଆରମ୍ଭକରି ବିସର୍ଜନ ପର୍ଯ୍ୟନ୍ତ 'ଡୁ ଆଣ୍ଡ ଡୋଣ୍ଟ' ଏବଂ କୃତ୍ରିମ ପୋଖରୀ ତିଆରି ନେଇ ପତ୍ର ଆସିଥିଲା।





ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାରମ୍ବାର ତାଗିଦ୍‌କୁ ମାନୁନି ମହାନଗର ନିଗମ। ଭୁବନେଶ୍ୱର, କଟକ ପରି ଅନ୍ୟ ମହାନଗର ନିଗମରେ ସ୍ଥାୟୀ କୃତ୍ରିମ ପୋଖରୀ କରାଯାଉଥିବାବେଳେ ସମ୍ବଲପୁର ମହାନଗର ନିଗମ ଉଦାସୀନ ରହିଛି। ଗଣେଶ ମୂର୍ତ୍ତି ବିସର୍ଜନ ମନଇଚ୍ଛା ହୋଇଛି। ପ୍ରଦୂଷିତ ହୋଇଛି ମହାନଦୀ ପାଣି। ଆଗକୁ ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ହେବାକୁ ଥିବାବେଳେ ତାହା ମଧ୍ୟ ମହାନଦୀରେ ଭସାଣୀ ହେବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ କରାଯାଇଛି। ଆଜି ସନ୍ଧ୍ୟାରେ ହୋଇଥିବା ଦଶହରା ଓ ଦୀପାବଳୀ ଶାନ୍ତି କମିଟି ବୈଠକରେ ମହାନଦୀରେ ମୂର୍ତ୍ତିର୍ ବିସର୍ଜନ ପ୍ରସଙ୍ଗକୁ ସେଭଳି ଗୁରୁତ୍ୱ ଦିଆଯାଇନଥିଲା। ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆଜି ସନ୍ଧ୍ୟାରେ ଦୁର୍ଗାପୂଜା ଓ ଦୀପାବଳି ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିବାବେଳେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିରାମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଏସ୍‌ପି ଶଶାଙ୍କ ଶେଖର ବେଉରା, ଶ୍ରୀମନ୍ତ ବାରିକ ଓ ପ୍ରକାଶ ଜେମ୍ସ ଟପ୍ପୋ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

ବୈଠକରେ ସହରର ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ ଓ ଆଲୋକୀକରଣ ରାସ୍ତାଘାଟ ମରାମତି, ଆଇନଶୃଙ୍ଖଳା ବ୍ୟବସ୍ଥା, ମଦବିକ୍ରି ଉପରେ କଟକଣା, ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଆପରାଧ ନିୟନ୍ତ୍ରଣ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବାସି ଓ ଅପମିଶ୍ରିତ ଖାଦ୍ୟ ଉପରେ କଟକଣା ସ୍ୱରୂପ ବିଭିନ୍ନ ହୋଟେଲ, ରେଷ୍ଟୋରାଁ ଅସ୍ଥାୟୀ ଖାଦ୍ୟଷ୍ଟଲରେ ଖାଦ୍ୟର ମାନ ନିୟମିତ ଯାଞ୍ଚ କରିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାର୍ବଣ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମଦବିକ୍ରି ଉପରେ କଟକଣା, ନକଲି ମଦ କାରବାର ଓ ବେଆଇନ ଚାଲାଣ ରୋକିବା ଏବଂ ନିଷେଧ କଫସିରପ୍ ବିକ୍ରି ଉପରେ ଆଲୋଚନା ହୋଇଥିଲା। ପୂଜା ମଣ୍ଡପ ନିର୍ମାଣ ସମୟରେ ରାସ୍ତାଠାରୁ ସୁରକ୍ଷା ଦୂରତା ବଜାୟ ରଖିବାପାଇଁ ମଣ୍ଡପର ଢାଞ୍ଚା ଯାଞ୍ଚ କରିବା, ଶୋଭାଯାତ୍ରା ମାର୍ଗ ସୁନିଶ୍ଚିତ କରି ପ୍ରଶାସନକୁ ଅବଗତ କରିବା, ମୂର୍ତ୍ତି ବିସର୍ଜନ ସମୟରେ ଓଡ୍ରାଫ ଟିମ୍‌ର ଉପସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥା ଆଦି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପୋଲିସ ମୁଖ୍ୟାଳୟ ଓ ମହାନଗର ନିଗମ ମୁଖ୍ୟାଳୟରେ ସମନ୍ୱିତ ନିୟନ୍ତ୍ରଣ କକ୍ଷ ଏବଂ ଅନ୍‌ସାଇଟ୍‌ରେ ମଧ୍ୟ ନିୟନ୍ତ୍ରଣ କକ୍ଷ ରହିବ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ବଲପୁରରେ ଭବ୍ୟ ଭାବରେ ଦୁର୍ଗାପୂଜା ଆୟୋଜନ କରାଯିବାକୁ ନେଇ ଆଲୋଚନା ହୋଇଥିଲା। ପରିବେଶ ଅନୁକୂଳ (ଏନ୍‌ଭିରନ୍‌ମେଣ୍ଟ ଫ୍ରେଣ୍ଡଲି) ଭାବରେ ଏହା ପାଳନ କରାଯିବ। ନିର୍ଦ୍ଧାରିତ ୬୦ ଡେସିବଲ ସୀମା ସମସ୍ତେ ପାଳନ କରିବେ ଏବଂ ଜୋରଜବରଦସ୍ତି ଚାନ୍ଦା ମାଗିବେ ନାହିଁ, ସମସ୍ତ ପୂଜା କମିଟିକୁ ଏନେଇ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଥିଲେ। ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ପାର୍ବଣ ସମୟରେ ସ୍ଥାନୀୟ ଲୋକ ସହିତ ବାହାର ଲୋକ ମଧ୍ୟ ପୂଜା ଦେଖିବାକୁ ଆସିଥାନ୍ତି; ଗୋବିନ୍ଦଟୋଲା, ଗୋଲବଜାର ଭଳି ଗହଳି ଜାଗାରେ ୧୦୦-୨୦୦ମିଟର ଚାଲିକି ଗଲେ ଲୋକେ ଭଲ ଭାବରେ ପୂଜା ଦେଖିପାରିବେ। ଏହାବ୍ୟତୀତ ଜରୁରୀ ସ୍ଥିତି ପାଇଁ ବିକଳ୍ପ ରାସ୍ତା ବ୍ୟବସ୍ଥା କରାଯାଇଛି। ପାର୍ବଣ ସମୟରେ ସୁନାହାର ଚୋରି ବା ଛିନ୍‌ତାଇ ଭଳି ଘଟଣା ଏଡ଼ାଇବାକୁ ବାହାରୁ ଆସୁଥିବା ଦୁର୍ବୃତ୍ତମାନଙ୍କୁ ରେଳଷ୍ଟେସନ ଓ ସହର ଉପକଣ୍ଠରେ ଯାଞ୍ଚ କଡ଼ାକଡ଼ି କରିବାସହ ଧରପଗଡ଼ ଜାରିରହିଛି। ଏହା ବ୍ୟତୀତ ସାଧାରଣ ପୋଷାକରେ ସ୍ୱତନ୍ତ୍ର ପୁଲିସ ଟିମ୍ ମଧ୍ୟ ମୁତୟନ ରହିଥିବା ସେ ସୂଚନା ଦେଇଛନ୍ତି।



ସମ୍ବଲପୁରର ସମସ୍ତ ପ୍ରବେଶପଥରେ କଡ଼ାକଡ଼ି ଯାଞ୍ଚ କରୁଛି ପୁଲିସ।

## ଦୁଇ କାର୍ ସହ ୬୯ କେଜି ଗଞ୍ଜେଇ ଜବତ, ୩ ଗିରଫ

### ସ୍ୱତନ୍ତ୍ର ଚ୍ୟାମ୍ବରରେ ଲୁଚାଇ ରଖିଥିଲେ



**ରେଢ଼ାଖୋଲ, ୧୦।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ୧୫୩(ବି) ଜାତୀୟ ରାଜପଥ ବୌଦ୍ଧ ରାସ୍ତାରେ ବୁଧବାର ଦିନ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଦୁଇଟି ସ୍ଥାନରୁ ଦୁଇଟି କାର୍ ସହ ୬୯ କେଜି ଗଞ୍ଜେଇ ଜବତ କରିବା ସହିତ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଗୋଟିଏ କାର ଗାଡ଼ିର ଉତ୍ତରପ୍ରଦେଶ ରାଜ୍ୟ ଜିଲ୍ଲା ବନାରସ ଖର୍ଗିପୁର ଗ୍ରାମର ବାସିନ୍ଦା ଅଖିଳ ନନ୍ଦ ମିଶ୍ର(୨୮) ଏବଂ ଅନ୍ୟ କାର ଗାଡ଼ିର ଝାରସୁଗୁଡା ଜିଲ୍ଲା ବ୍ରଜରାଜ ନଗର ଅଞ୍ଚଳର ଅମରନାଥ ଦ୍ୱିବେଦୀ(୨୬) ଓ ଆକାଶ ରାମ ରୋହିଦାସ(୨୫)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦ୍ରବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀ କଦଳିଗଡ଼ ପଞ୍ଚାୟତ ଅଧୀନ କନ୍ଧରା ଗ୍ରାମଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଅଭିମୁଖେ ମାରୁତି କାର୍ ଦ୍ରୁତ ଗତିରେ ଆସୁଥିବା ଦେଖି ଯାଞ୍ଚ କରିଥିଲେ। ଏଥିରେ ଗାଡି ମଧ୍ୟରେ ସ୍ୱତନ୍ତ୍ର ଚ୍ୟାମ୍ବରରୁ ୬୦ କେଜି ଗଞ୍ଜେଇ ସହିତ ୭ଟି ବିଭିନ୍ନ ଫରଜରୀ ଗାଡି ନମ୍ବର ଉଦ୍ଧାର କରିବା ସହିତ ଏଥିରେ ଚାଲାଣକାରୀ ଅଭିଯୁକ୍ତ ଅଖିଳନନ୍ଦ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ସେହିପରି ହାତୀବାହାଳ ଗ୍ରାମ ଛକ ନିକଟରୁ କାର୍ ନଂ ଓଡି୨୩ କ୍ୟୁ-୫୩୮୧ ବିଶିଷ୍ଟ ଗାଡ଼ିରେ ବେଆଇନ ଚୋରା ଚାଲାଣ ୯ କେଜି ଗଞ୍ଜେଇ ଜବତ କରିବା ସହିତ ଏଥିରେ ଦୁଇ ଜଣ ଅଭିଯୁକ୍ତ ଯୁବକ ଝାରସୁଗୁଡ଼ା ଜିଲ୍ଲାର ଅମରନାଥ ଦ୍ୱିବେଦୀ ଓ ଆକାଶରାମ ରୋହିଦାଶଙ୍କୁ ଗିରଫ କରାଯାଇଥିଲା। ଚାଲାଣକାରୀ ଅଭିଯୁକ୍ତମାନେ ଫୁଲବାଣୀ ଜିଲ୍ଲାରୁ ବିହାର ରାଜ୍ୟକୁ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।ଚଢାଉ ବେଳେ ରେଢ଼ାଖୋଲ ଅବକାରୀ ବିଭାଗ ଓଆଇସି କୀର୍ତ୍ତନ ନାଏକ, ଏଏସଆଇ ବିନୋଦିନୀ ବେହେରା, କର୍ମଚାରୀ ଶାନ୍ତନୁ ବେହେରା, ସୁଭାଷିନୀ ଭୋଇ, ଶ୍ରାବଣ ମାଝୀ ପ୍ରମୁଖ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ରହିଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**କୁଚିଣ୍ଡା, ୧୦।୯ (ସମିସ):** ବାମରା ବ୍ଲକ ମହୁଲପାଲି (ବିଲେଇଗଡ଼ପଡ଼ା) ର ନଳକୂଅରୁ ପାଣି ଆଣିବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକଙ୍କ ପରିବାର ଲୋକେ ମହୁଲପାଲି ଥାନାକୁ ଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ସୂଚନା ଅନୁସାରେ, ଗତ ୨ ଦିନ ପୂର୍ବରୁ ମହୁଲପାଲି ବିଲେଇଗଡ଼ ପଡ଼ାର ଲୋକନାଥ ରୋହିଡାସ(୪୫) ଘର ପାଖରେ ଥିବା ପାଖ ନଳକୂଅକୁ ପାଣି ଆଣିବା ପାଇଁ ଯାଇଥିଲେ।ଉକ୍ତ ନଳକୂଅରେ ଲାଗିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କୁଚିଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।ମହୁଲପାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ରାତିରେ ତାଙ୍କ ପରିବାରବର୍ଗ ଥାନାକୁ ଯାଇ ଉକ୍ତ ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ।ମୃତକ ପରିବାରକୁ ଯଥା ସମ୍ଭବ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

## ବାମରାରେ ପୁଣି ବାଇକ୍ ଚୋରି

**କୁଚିଣ୍ଡା, ୧୦।୯ (ସମିସ):** ବାମରା ଅଞ୍ଚଳରେ ପୁଣିଥରେ ଚୋରି ଘଟଣା ଘଟିଛି। ବାମରା ମସଜିଦପଡ଼ାର ନିବାସୀ ଏମଡି ଆଦିଲଙ୍କ ଏଚଏଫ ବାଇକ୍ ଦୁର୍ବୃତ୍ତ ଚୋରିକରି ନେଇଛନ୍ତି। ସୂଚନା ଅନୁସାରେ, ଗତ ସୋମବାର ରାତିରେ ଆଦିଲ୍ ନିଜ ଘର ପାଖରେ ବାଇକ୍ ରଖିଥିଲେ। କିନ୍ତୁ ପରଦିନ ସକାଳେ ଦେଖିଲା ବେଳକୁ ବାଇକ୍ ନଥିବା ଜାଣିବାକୁ ପାଇଥିଲେ।ସବୁଆଡ଼େ ଖୋଜାଖୋଜି ପରେ ମଧ୍ୟ ବାଇକ୍‌ର କୌଣସି ସନ୍ଧାନ ମିଳିନାହିଁ। ସେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ମଙ୍ଗଳବାର ସନ୍ଧ୍ୟାରେ ମସଜିଦରେ ଲାଗିଥିବା ସିସି ଟିଭି ସହିତ ଆଖପାଖ କ୍ୟାମେରା ଗୁଡ଼ିକୁ ଯାଞ୍ଚ କରିଥିବା ସୂଚନା ମିଳିଛି।

## ରାମଲୀଳା କାର୍ଯ୍ୟକ୍ରମ ପାଇଁ ସମଲେଶ୍ୱରୀଙ୍କୁ ନିମନ୍ତ୍ରଣ

**ସମ୍ବଲପୁର, ୧୦।୯ (ସମିସ):** ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ପକ୍ଷରୁ ଆସନ୍ତା ୨୨ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ବୀର ବିର୍ସା ମୁଣ୍ଡା ପଡ଼ିଆରେ ରାମଲୀଳା ତଥା ରାବଣ ଦହନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିପାଇଁ ଆଜି ଅଗ୍ରପୂଜ୍ୟ ଗଣପତି, ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ଆଜି ପୂର୍ବାହ୍ଣରେ ସର୍ବପ୍ରଥମେ ଅଇଁଠାପାଲି ପ୍ରେସ କ୍ଲବସ୍ଥିତ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରରେ ପୂଜା କରାଯାଇଥିଲା। ଏହାପରେ ସମ୍ବଲପୁରର ଇଷ୍ଟଦେବୀ ଜଗତଜନନୀ ମା' ସମଲେଶ୍ୱରୀ ଏବଂ ପରେ ମା' ପାଟଣେଶ୍ୱରୀ ମନ୍ଦିରରେ ବିଧିନୁଯାୟୀ ପୂଜାର୍ଚ୍ଚନା କରାଯାଇ ନିମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତିର ସଭାପତି ଗିରିଶ ପଟେଲ, କାର୍ତ୍ତିକ ବହିଦାର, ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଅମୂଲ୍ୟ ମିଶ୍ର, ଅନନ୍ତ ଗିରି, ଅନୁପ ବହୁଗୁଣା, ଗିର୍ଜା ଶଙ୍କର ସାହୁ, ସରୋଜ ଘଡେଇ, ଦେବାଶିଷ ପୁରୋହିତ, ଅଶ୍ୱିନୀ ମାଝୀ, କିଶୋର ମେହେର, ଅନିଲ ସୁନା, ଖୁସିରାମ ଛାତ୍ରୀୟା, ତୁଷାର ରଞ୍ଜନ ସେଠ୍, ମୁନ୍ନା ତିୱାରୀ ପ୍ରମୁଖ ସାମିଲ ହୋଇଥିଲେ।

## ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସଂଗଠନ ସୃଜନ ଅଭିଯାନ

### ସଭାପତି ଚୟନ ନେଇ ଏଆଇସିସି ପର୍ଯ୍ୟବେକ୍ଷକଙ୍କ ଆଲୋଚନା

**ରେଢ଼ାଖୋଲ, ୧୦।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ସଭାପତି ଚୟନକୁ ନେଇ କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ପର୍ଯ୍ୟବେକ୍ଷକ ଇନ୍ଦ୍ରଜ୍ ସିଂ ଗୁରଜର ଜିଲ୍ଲା ସଭାପତି ଚୟନ ନେଇ ଦଳୀୟ ନେତା ଓ କର୍ମୀଙ୍କ ସହିତ କଲେ ଆଲୋଚନା କରିଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ର ସମ୍ପାଦକ ତଥା ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଆସଫ ଅଲ୍ଲୀ ଖାଁଙ୍କ ତତ୍ତ୍ୱାବଧାନ ରେଢ଼ାଖୋଲ ନଗର ସଭାପତି ହରେଶ କର୍ଣ୍ଣଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମର ପ୍ରଥମ ଦିନ ରେଢ଼ାଖୋଲ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମୀ ଓ କର୍ମକର୍ତ୍ତାଙ୍କୁ ନେଇ ବଂଶାଜାଲ ପଞ୍ଚାୟତସ୍ଥିତ ମା'ସୁହାଣୀ ଦେବୀ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ନାକଟିଦେଉଳ ବ୍ଲକ ପାଇଁ ସ୍ଥାନୀୟ ବଜାର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିଲା।ସେହିପରି ଯୁଯୁମୁରା ବ୍ଲକ କେଶାପାଲି ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ କର୍ମୀଙ୍କ ମଧ୍ୟ ରେ ବିପୁଳ ଉତ୍ସାହ ପରିଲକ୍ଷିତ ଦେଖିବାକୁ ମିଳିଥିଲା। ଆଗାମୀ ଦିନ ରେ କଂଗ୍ରେସ ଦଳକୁ ମଜବୁତ କରିବାକୁ ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାକୁ କଂଗ୍ରେସ ନେତୃ ମଣ୍ଡଳୀ ପ୍ରଶଂସା କରିଥିଲେ।ସଭାପତି ଚୟନ ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଥିବା ବେଳେ ଜିଲ୍ଲାରେ ଜଣେ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ପର୍ଯ୍ୟବେକ୍ଷକ ଶ୍ରୀ ଗୁରଜର ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକଦୁର୍ଗା ପାଢ଼ୀଙ୍କ ସମେତ ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ସାହୁ ଓ ପର୍ଯ୍ୟବେକ୍ଷକ ଅଂଶୁମାନ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ, ପିସିସି ସଭ୍ୟା ସୁରଞ୍ଜିନି ବାରିକ, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର ଙ୍କ ସମେତ ରେଢ଼ାଖୋଲ ବ୍ଲକ ବଂଶାଜାଲ ବୈଠକରେ ସଞ୍ଜୟ ପ୍ରଧାନ, ବ୍ରଜ ସାହୁ, ଅମରେଶ ନାଏକ, ରଞ୍ଜନ ରାଉତ, ସଞ୍ଜୀବ ବିଶ୍ୱାଳ, ଉମେଶ ଦେହୁରୀ, ସର୍ମଦ ଅଲ୍ଲୀ, ମହେଶ ପ୍ରଧାନ, ସୁନିଲ ପ୍ରଧାନ, ଶତ୍ରୁ ପ୍ରଧାନ, ଗଣନାଥ ପ୍ରଧାନ, ଅଶୋକ ବାଘ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ନାକଟିଦେଉଳ ବ୍ଲକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କଂଗ୍ରେସ ନେତା ନୃସିଂହ ସେଠ୍, ଗୋପୀ ବିଶ୍ୱାଳ, ନରୀ ବିଶି, ସୁମନ୍ତ ଧଳ, ଅଶୋକ ସାମଲ, ବୁଲୁ ପ୍ରଧାନ, ଅରୁ ପ୍ରଧାନ ଏବଂ ଯୁଯୁମୁରା ବ୍ଲକ କେଶାପାଲିରେ ବରିଷ୍ଠ କଂଗ୍ରେସ ନେତା ବେଦ ପ୍ରକାଶ ବିଶ୍ୱାଳ, ଲିଙ୍ଗରାଜ ପ୍ରଧାନ, ସ୍ୱାଧୀନ ପ୍ରଧାନ, ଅଶୋକ ପ୍ରଧାନ, କ୍ଷମାସାଗର ବିଶ୍ୱାଳ ପ୍ରମୁଖ ନିଜ ନିଜସ୍ୱ ମତ ପ୍ରଦାନ କରିଥିଲେ। ୧୩ ତାରିଖ ସମ୍ବଲପୁର ନିର୍ବାଚନ ମଣ୍ଡଳୀର ହୀରାକୁଦ ଟାଉନ ଓ ବୁର୍ଲା ଟାଉନ ରେ ସଂଗଠନ ସୃଜନ ଅଭିଯାନ ପାଇଁ ଅନୁଷ୍ଠିତ ହେବାକୁ ଥିବା କର୍ମୀ କର୍ମକର୍ତ୍ତାଙ୍କ ବୈଠକ ତଥା ସମାବେଶରେ ଯୋଗଦାନ କରି ପର୍ଯ୍ୟବେକ୍ଷକଙ୍କୁ ନିଜ ନିଜସ୍ୱ ମତାମତ ଦେବାକୁ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଶ୍ରୀ ଦୁର୍ଗା ପାଢ଼ୀ ନିବେଦନ କରିଛନ୍ତି।



## ବିକାଶ ନର୍ସିଂ କଲେଜରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ

**ସମ୍ବଲପୁର, ୧୦।୯ (ସମିସ) :** ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ସମ୍ବଲପୁରସ୍ଥିତ ବିକାଶ ନର୍ସିଂ କଲେଜରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ଉପଲକ୍ଷେ ଏକ ସଚେତନାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦେବେଇପାଲିର ଅଧିକ୍ଷକ ଡା. ଶାନ୍ତନୁ ମହାପାତ୍ର ମୁଖ୍ୟଅତିଥି ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ରୁନି ପଟ୍ଟନାୟକ ଯୋଗ ଦେଇଥିଲେ। ଡା. ମହାପାତ୍ର ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ, ଉଦାସୀନତା ଏବଂ ଆତ୍ମହତ୍ୟା ସହିତ ସମ୍ପୃକ୍ତ ବିଭିନ୍ନ କାରଣ ଓ ତାହାର ପ୍ରତିରୋଧ ବିଷୟରେ ଅବଗତ କରାଇଥିଲେ। ଶ୍ରୀମତୀ ପଟ୍ଟନାୟକ କହିଥିଲେ ଯେ ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ। ଉପଯୁକ୍ତ ପରାମର୍ଶ ତଥା ମନୋଚିକିତ୍ସକ ସହଯୋଗ ନେଇ ଏହାର ସମାଧାନ ସମ୍ଭବ ହୋଇପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷ ପ୍ରଫେସର ଈଶ୍ୱର ନାଗ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟବାହୀ ଅଧ୍ୟକ୍ଷ ଡ଼ଃ ଦିବ୍ୟସିଂହ ମହନ୍ତ ତଥା ବିକାଶ ନର୍ସିଂ କଲେଜର ଅଧ୍ୟାପିକାବୃନ୍ଦ ଅଞ୍ଜୁ ମହାନନ୍ଦ, ଶୁଭଶ୍ରୀ ମେହେର, କ୍ରିଷ୍ଟିନା ଉଇଲିୟମ, ଲିପଶିକା ଦେହୁରୀ, ଶ୍ରଦ୍ଧାଞ୍ଜଳି ନାଏକ, ସୁନିତା ଓରାମ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଏହି ବିଷୟରେ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନେ ଏକ ସଂକ୍ଷିପ୍ତ ନାଟକ ପରିବେଷଣ କରିଥିଲେ। ଶେଷରେ ସମସ୍ତେ ଆତ୍ମହତ୍ୟା ନିରାକରଣକୁ ନେଇ ଶପଥ ଗ୍ରହଣ କରିଥିଲେ।

## ଜିଏମ୍‌ୟୁରେ ସଂସ୍କୃତ ସପ୍ତାହ ସମାରୋହ



**ସମ୍ବଲପୁର, ୧୦।୯ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗରେ ସପ୍ତାହବ୍ୟାପୀ ଚାଲିଥିବା ସଂସ୍କୃତ ସପ୍ତାହ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ସଂସ୍କୃତ ସପ୍ତାହ ସମାରୋହରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଂସ୍କୃତ ଶ୍ରୁତଲିଖନ, ସଂସ୍କୃତ ଶ୍ଳୋକାବୃତ୍ତି, ସଂସ୍କୃତ ସଙ୍ଗୀତ, ସଂସ୍କୃତ ଅନୁବାଦ, ସଂସ୍କୃତ ପ୍ରବନ୍ଧ, ସଂସ୍କୃତ କଥାବାଚନ, ସଂସ୍କୃତ ଭାଷଣ ଆଦି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ସପ୍ତାହ ସମାରୋହର ତୃତୀୟ ଦିବସରେ ନାଟ୍ୟ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର ସଂସ୍କୃତ ଛାତ୍ରଛାତ୍ରୀଙ୍କୁ ପିପଠିଷୁଃ ଜୟଶ୍ରୀ ଏବଂ କନ୍ଥାମାଣିକ୍ୟମ୍ ନାମକ ଦୁଇଟି ମନୋରଞ୍ଜନଧର୍ମୀ ନାଟକ ଶିଖାଇଥିଲେ। ସଂସ୍କୃତ ସପ୍ତାହ ସମାରୋହର ଷଷ୍ଠ ଦିବସରେ ଏକ ରାଷ୍ଟ୍ରୀୟ ଶୋଧସଂଗୋଷ୍ଠୀର ଆୟୋଜନ ହୋଇଥିଲା। ଏହାର ଶୀର୍ଷକ ଥିଲା 'ଭାରତୀୟ ଜ୍ଞାନ ପରମ୍ପରାଂ ପ୍ରତି ସଂସ୍କୃତସ୍ୟ ଅବଦାନମ୍'। ଏହି ରାଷ୍ଟ୍ରୀୟ ଶୋଧସଂଗୋଷ୍ଠୀର ଉଦ୍‌ଯାପନ ସମାରୋହରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହିଦିନ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀମାନେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନୃତ୍ୟ ପ୍ରଦର୍ଶନ କରିଥିଲେ। ତା'ପରେ ସଂସ୍କୃତ ଛାତ୍ରଛାତ୍ରୀମାନେ ପିପଠିଷୁଃ ଜୟଶ୍ରୀ ଏବଂ କନ୍ଥାମାଣିକ୍ୟମ୍ ନାଟକ ପରିବେଷଣ କରିଥିଲେ।

ସଂସ୍କୃତ ସପ୍ତାହ ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡଃ ସୁବାସ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ପ୍ରଫେସର ଦାଶ ସଂସ୍କୃତର ପ୍ରାୟୋଗିକ ପକ୍ଷଗୁଡିକୁ ସରସ ଓ ସରଳ କଥା ଛଳରେ ଯୁକ୍ତିପୂର୍ବକ ଉପସ୍ଥାପନ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ଡଃ ସୁନେଲୀ ଦେଇ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଂସ୍କୃତ ବିଭାଗର ସହାୟକ ଆଚାର୍ଯ୍ୟ ଡଃ ସୁଶ୍ରୀ ସସ୍ମିତା ପତି, ସହାୟକ ଆଚାର୍ଯ୍ୟ ଡଃ ପ୍ରଶାନ୍ତ କୁମାର ସେଠୀ, ଡଃ ସାଲ ବେସ୍ରା, ଅତିଥି ଅଧ୍ୟାପକ ଡଃ ବଳଭଦ୍ର କର୍ଣ୍ଣ, ଅତିଥି ଅଧ୍ୟାପକ ଦୀପକ ସାହୁ, ସଂସ୍କୃତ ବିଭାଗର ସମସ୍ତ ଶୋଧଛାତ୍ରଛାତ୍ରୀ, ସ୍ନାତକୋତ୍ତର ଏବଂ ସ୍ନାତକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା

# ଜାତୀୟ ପୁରସ୍କାରପ୍ରାପ୍ତ ସମ୍ବଲପୁର ଜିଲ୍ଲାରେ ମାତ୍ର ୨୪% ସମ୍ପୂର୍ଣ୍ଣ

**ସମ୍ବଲପୁର, ୧୦।୯ (ସମିସ)**

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସର୍ବାଧିକ ଗୃହନିର୍ମାଣ ସମ୍ପୂର୍ଣ୍ଣ କରି ଜାତୀୟ ପୁରସ୍କାର ପାଇଥିବା ସମ୍ବଲପୁର ଜିଲ୍ଲା ଏବେ ପଛୁଆ ହୋଇଯାଇଛି। ସମ୍ବଲପୁର ଜିଲ୍ଲାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହନିର୍ମାଣ ସମ୍ପୂର୍ଣ୍ଣ କରିବାସହ ଲକ୍ଷ୍ୟ ହାସଲ କରି ୨୦୧୭-୧୮ ବର୍ଷ ପାଇଁ ଜାତୀୟ ପୁରସ୍କାର ପାଇଥିଲା। କିନ୍ତୁ ୨୦୨୫-୨୬ ସୁଦ୍ଧା ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟ (ଓଭରଅଲ୍ ଟାର୍ଗେଟ୍) ଭାବେ ସେହି ପୁରସ୍କୃତ ସମ୍ବଲପୁର ଜିଲ୍ଲା ମାତ୍ର ୨୩.୯୮% ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିଛି। ସମ୍ବଲପୁର ଜିଲ୍ଲାରେ ୨୪୮୫ଟି ଗୃହ ଅଧାପନ୍ତରିଆ ଭାବେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ପୁରୁଣା ବର୍ଷ ଗୁଡ଼ିକର ପ୍ରଦତ୍ତ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଥିଲେ ହେଁ ଜାତୀୟସ୍ତରରେ ପୁରସ୍କାର ଲାଭ କରିଥିବା ସମ୍ବଲପୁର ଜିଲ୍ଲା ଏବେ ଆବାସଗୃହ ନିର୍ମାଣରେ ପଛୁଆ ବୋଲି ସାଧାରଣରେ ସମାଲୋଚନା କରାଯାଉଛି।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସମ୍ବଲପୁର ଜିଲ୍ଲା ପାଇଁ ଗ୍ରାମୀଣ ଆବାସ ଯୋଜନା ପିଏମ୍‌ଏୱାଇ-ଜି ରେ ୩୨୪୧ ଏବଂ ବିପିଜିୱାଇ / ଏନ୍‌ଏସ୍‌ପିଜୱାଇ ରେ ୨୮ ଏଭଳି ମୋଟ ୩୨୬୯ ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତନ୍ମଧ୍ୟରୁ ଗ୍ରାମାଣ ଆବାସରେ ବିଭିନ୍ନ ବ୍ଲକରେ ୭୮୪ ଗୃହନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୪୮୫ ଘର ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ରହିଥିବା ଜଣାପଡ଼ିଛି। ରାଜ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୨୬୫୭୫ରୁ ୭୬୦୫ ଗୃହ ସମ୍ପୂର୍ଣ୍ଣ କରି ୨୮.୬୨%ରେ ନୂଆପଡ଼ା ଜିଲ୍ଲା ପ୍ରଥମ ସ୍ଥାନରେ ଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟ ୨୭୬୬ରୁ ୭୩୯ ଗୃହ ସମ୍ପୂର୍ଣ୍ଣ କରି ୨୬.୭୨%ରେ ଝାରସୁଗୁଡ଼ା ଜିଲ୍ଲା ଦ୍ୱିତୀୟ ଏବଂ ୨୩.୯୮%ରେ ସମ୍ବଲପୁର ଜିଲ୍ଲା ତୃତୀୟ ସ୍ଥାନରେ ରହିଛି।



୨୦୧୬ ମସିହା ଏପ୍ରିଲ ୧ ତାରିଖରେ ଗ୍ରାମାଞ୍ଚଳରେ ଗୃହ ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମାଣ (ପିଏମ୍‌ଏୱାଇ-ଜି) ଆରମ୍ଭ ହୋଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ପକ୍ଷରୁ ଗୃହ ନିର୍ମାଣ ପାଇଁ ୩ଟି କିସ୍ତିରେ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଉଛି। କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ୪୦ ହଜାର, ଛାତ ପର୍ଯ୍ୟନ୍ତ ହେଲେ ଦ୍ୱିତୀୟ କିସ୍ତି ୬୫ ହଜାର ଏବଂ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ତୃତୀୟ କିସ୍ତି ୧୫ ହଜାର ଟଙ୍କା। ପ୍ରଥମ କିସ୍ତି ପାଇବାର ୧୨୦ ଦିନ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ଅତିରିକ୍ତ ପ୍ରୋତ୍ସାହନ ରାଶି ୨୦ ହଜାର ଟଙ୍କା ଏବଂ ୧୮୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କଲେ ଅତିରିକ୍ତ ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କା ଦିଆଯାଉଛି।

ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟ (ଓଭରଅଲ୍ ଟାର୍ଗେଟ୍) ୪୯୬ ଥିବାବେଳେ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ୧୨୫ଟି ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଧନକଉଡ଼ା ବ୍ଲକରେ ୭୮୬ ରୁ ୧୮୭, ଜମନକିରାରେ ୩୭୧ ରୁ ୯୧, ଯୁଯୋମୁରାରେ ୩୦୦ ରୁ ୬୧, କୁଚିଣ୍ଡାରେ ୨୦୩ ରୁ ୪୨, ମାନେଶ୍ୱରରେ ୩୦୧ ରୁ ୭୭, ନାକଟିଦେଉଳରେ ୧୧୯ ରୁ ୨୮, ରେଢ଼ାଖୋଲରେ ୧୬୮ ରୁ ୪୧ ଏବଂ ରେଙ୍ଗାଲି ବ୍ଲକରେ ୫୨୫ ରୁ ୧୩୨ଟି ଘର ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି। ସମ୍ବଲପୁର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏହି କଚ୍ଛପ ଗତିକୁ ସଚେତନ ମହଲରେ ନାପସନ୍ଦ କରାଯାଇଛି।

■ ହାଇୱା ଧକ୍କାରେ ନାବାଳକ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ଲାଞ୍ଜିଗଡ଼, ୧୦।୯(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ବିଲାଟିପଦର ଛକ ନିକଟରେ ଏକ ହାଇୱା ଧକ୍କାରେ ମଙ୍ଗଳବାର ଅପରାହ୍ନରେ ବୁଟି ମାଝୀ(୧୨)ଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ଲୋକେ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୯ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା ସୂଚନା ଅନୁସାରେ, ରାୟଗଡ଼ା ଜିଲ୍ଲା

## ୯ ଘଣ୍ଟା ପରେ ସ୍ୱାଭାବିକ ହେଲା ଯାତାୟତ

ଅମ୍ବାଦଳା ଥାନା ଡିମିରିଗୁଡା ପଞ୍ଚାୟତ ନାଣିମୁଟି ଗାଁର ସ୍ୱର୍ଗତ ସଦେଙ୍ଗା ମାଝୀଙ୍କ ପୁଅ ବୁଟି ତାଙ୍କ ସମ୍ପର୍କୀୟ ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ବିଲାଇଟିପଦର ଗାଁର ନବୀନ ସାହୁଙ୍କ ଘରକୁ ଆସିଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୧.୩୦ମି.ରେ ସାଇକଲ ନେଇ ବିଲାଇଟିପଦର ଛକ ଆଡ଼େ ବାହାରିଥିଲା। ଏହି ସମୟରେ ବିଶ୍ୱନାଥପୁରରୁ ଲାଞ୍ଜିଗଡ଼ ଯାଉଥିବା ହାଇୱା ନଂ-ଓଡି୦୮ୱାଇ-୫୪୧୮ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୁଟିର ମୃତ୍ୟୁ ଘଟିଥିଲା। ଚାଳକ ଗାଡି ଛାଡି ଫେରାର ହୋଇ ଯାଇଥିଲା। ଏହା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଲାଞ୍ଜିଗଡ଼ ଥାନା ଅଧିକାରୀ ଯଶୋବନ୍ତ ହିଆଲ ସମେତ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ମଧ୍ୟ ଘଟଣାସ୍ଥଳରେ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ବୁଟିଙ୍କ ମା'ଙ୍କୁ ଖବର ଦେଇଥିଲେ। ଖବର ପାଇ ମା' ମାଧୁରୀ ମାଝୀ ଓ କକା ରାମ ମାଝୀ, ନାଣିମୁଟି ଗାଁର କିଛି ଲୋକଙ୍କ ସହିତ ସନ୍ଧ୍ୟା ୫.୩୦ମି.ରେ ପହଞ୍ଚିଥିଲେ।ଏହାପରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ଚମ୍ପାଦେଇ ପୁର



ସରପଞ୍ଚ ନରେନ୍ଦ୍ର ମାଝୀ, ମୃତକ ମା' ମାଧୁରୀ ମାଝୀ, କକା ରାମ ମାଝୀ, ନାଣିମୁଟି ଗାଁର କିଛି ଲୋକଙ୍କ ସହିତ ଲାଞ୍ଜିଗଡ଼ ଥାନାକୁ ଆସି ଥାନା ଅଧିକାରୀ ଯଶୋବନ୍ତ ହିଆଲ ଓ ହାଇୱା ମାଲିକ ସହିତ ଆଲୋଚନା ହୋଇଥିଲା।କ୍ଷତିପୂରଣ ବାବଦକୁ ଗାଡି ମାଲିକ ରାଜି ହେବା ପରେ ପ୍ରାୟ ଦିର୍ଘ ୯ ଘଣ୍ଟା ପରେ ରାସ୍ତାରୁ ବାଳକଙ୍କ ମୃତଦେହ ଉଠା ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ରେଡ଼ କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯାଇଛି ବୋଲି ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ପ୍ରକାଶ କରିଛନ୍ତି। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଯଶୋବନ୍ତ ହିଆଲ ପ୍ରକାଶ କରିଛନ୍ତି।

# ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ନିଖୋଜ

**ଲାଞ୍ଜିଗଡ଼, ୧୦।୯(ସମିସ):** ଲାଞ୍ଜିଗଡ଼ ବ୍ଲକରେ ଦିନକୁ ଦିନ ଦାଦନ ଶ୍ରମିକ ଦୁଃଖ ଅଞ୍ଚଳରେ ବଢ଼ିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ଛତ୍ରପୁର ପଞ୍ଚାୟତ ଲେପଟାଗୁଡା ଗ୍ରାମର ଦେବରାଜ ମାଝୀ(୨୮) ଦାଦନ ଖଟିବାକୁ ଟ୍ରେନରେ ଯାଉଥିବା ବେଳେ ଅଧା ରାସ୍ତାରେ ନିଖୋଜ ହୋଇଯାଇଛନ୍ତି। ଖବର ପାଇବା ପରେ ଆଜି ଭାଇ ସତ୍ୟ ମାଝୀ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ଲେପଟାଗୁଡା ଗ୍ରାମର ଦେବରାଜ ମାଝୀ ଗତ ୬ ତାରିଖ ଶନିବାର ଅପରାହ୍ନ



୨ ଟା ସମୟରେ ସେହିଗ୍ରାମର ପୁଲୁ ମାଝୀ ସହିତ କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ମୁନିଗୁଡା ଟ୍ରେନ ଷ୍ଟେସନରେ ବସିଥିଲେ। ଟ୍ରେନଟି ଭିଡ ରହିଥିବା ବେଳେ ଦୂର ବାଟ ଯିବାକୁ ଥିବାରୁ ନିଜ ନିଜ ସିଟରେ ସୋଇ ପଡ଼ିଥିଲେ। ତେବେ ଅଧା ବାଟ ଯିବା ପରେ ବିଜୟବାଡ଼ା ଷ୍ଟେସନ ନିକଟରେ ପୁଲୁ ନିଦରୁ ଉଠି ଦେଖିଲା ବେଳକୁ ଦେବରାଜ ନିଜ ସିଟରେ ନାହାଁନ୍ତି। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ସେ ଦେବରାଜଙ୍କୁ ପାଇନଥିଲା। ଏହା ପରେ ପୁଲୁ ୭ ତାରିଖରେ ଦେବରାଜଙ୍କ ପରିବାର ଲୋକଙ୍କୁ ଜଣାଇବା ପାଇଁ ଫୋନ କରିଥିଲା। କିନ୍ତୁ ଗାଁରେ ମୋବାଇଲ ନେଟୱର୍କ ନଥିବା ଯୋଗୁଁ ୧୦ ତାରିଖରେ ଭାଇ ନିଖୋଜ ହୋଇ ଯାଇଥିବା ଖବର ପାଇ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛି ବୋଲି ନିଖୋଜ ଦେବାରାଜଙ୍କ ଭାଇ ସତ୍ୟ ମାଝୀ ପ୍ରକାଶ କରିଛନ୍ତି।ଏନେଇ ଲାଞ୍ଜିଗଡ଼ ଥାନାରେ ନିଖୋଜ ମାମଲା ରୁଜୁ କରିଥିବା ବେଳେ ଏହାର ତଦନ୍ତ କରିବୁ ବୋଲି ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲ ସୂଚନା ଦେଇଛନ୍ତି।

ପିଡ଼ବ୍ଲ୍ୟୁଡି ବିଭାଗ କହୁଛି ମରାମତି କରିବ ଏନ୍‌ଏସି

# ଆମ୍ବେଦକର ଛକ-ନର୍ଲା ରାସ୍ତା ଶୋଚନୀୟ

**କେସିଙ୍ଗା, ୧୦।୯(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଆମ୍ବେଦକର ଛକରୁ ରୁପ୍ରାରୁ ନର୍ଲା ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ଆରମ୍ଭରୁ ପ୍ରାୟ ଏକ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଛକ ଠାରୁ ମାତ୍ର ଏକ କିମି ରାସ୍ତାର ଅବସ୍ଥା ନ କହିଲେ ଭଲ ଗ୍ରାମାଞ୍ଚଳ ରାସ୍ତା ଠାରୁ ମଧ୍ୟ ବଳି ଯାଇଛି ଉକ୍ତ ରାସ୍ତା।ସ୍ଥାନେ ସ୍ଥାନେ ବଡ଼ ବଡ଼ ଗାତ ସୃଷ୍ଟି ହୋଇ ରାସ୍ତାରୁ ଗୋଟି ବାହାରି ଗଲାଣି।ଆଗରୁ ରାସ୍ତା ତିଆରିରେ ଲାଗିଥିବା ଲୁହା ଛଡ଼ ଉପର ମୁହାଁ ହୋଇ ଦୁର୍ଘଟଣାକୁ ନିମନ୍ତ୍ରଣ ଦେଉଛି।ଉକ୍ତ ରାସ୍ତା ଟଆଗକୁ କେସିଙ୍ଗା ମହାବିଦ୍ୟାଳୟ, କୋର୍ଟ, ତହସିଲ ଅଫିସ, ଅବକାରୀ କାର୍ଯ୍ୟାଳୟ, ଆର ଡି ଅଫିସ, କେସିଙ୍ଗା ମିନି ଷ୍ଟାଡିୟମ ଓ ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଛି। ତେଣୁ ସଦାବେଳେ ଛୋଟ



ବଡ଼ ଗାଡ଼ିମଟର ଯିବା ଆସିବା କରୁଛି। ଉକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ସବୁଦିନ ଉକ୍ତ ରାସ୍ତାରେ ଯିବା ଆସିବା କରୁଥିଲେ ମଧ୍ୟ କାହାର ନଜର ଉକ୍ତ ରାସ୍ତା ଉପରେ ପଡୁନାହି। ଉକ୍ତ ରାସ୍ତା ଟିପିଡବ୍ଲୁଡି ଅଣ୍ଡରରେ ଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ମରାମତି କାମ କେସିଙ୍ଗା ଏନ୍ ଏସି କରିବ ବୋଲି କହିଛନ୍ତି।ଯଦି ମରାମତି କାମ କେସିଙ୍ଗା ଏନ୍‌ଏସିର ତାହାହେଲେ ଏନ୍‌ଏସି ରାସ୍ତା ଏତେ ଖରାପ ହେବା ପରେ ମଧ୍ୟ ବିଭାଗ ମରାମତି କାହିଁକି କରୁନି।ରାସ୍ତା ଉପରେ କେସିଙ୍ଗା ଏନ୍‌ଏସିର ଯନ୍ତ୍ରୀ ନାରାୟଣ ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ ଯେ ଆମେ ସେହି ରାସ୍ତାକୁ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କରିବା ପାଇଁ ଅନେକ ଦିନ ଆଗରୁ ଚିଠି କରିଛୁ ହେଲେ ଉକ୍ତ ବିଭାଗ ଆଜି ପର୍ଯ୍ୟନ୍ତ କୌଣସି ଉତ୍ତର ଦେଇ ନାହିଁ। ଉକ୍ତ ରାସ୍ତାରେ ବିନା ଅନୁମତିରେ ବଡ଼ବଡ଼ ଭାରୀଯାନଯିବା ଆସିବା କରୁଛି ଫଳରେ ରାସ୍ତା ଲୋଡ ସମ୍ଭାଳିନପାରି ବଡ଼ ବଡ଼ ଖାଲ ହୋଇ ଯାଉଛି ବୋଲି ପ୍ରକାଶ କରିଥିଲେ।ପ୍ରକାଶ ଥାଉକି ବିଗତ ଦିନରେ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଠାରୁ ଟିଟଲାଗଡ଼ ଯିବାର ରାସ୍ତା ଆରମ୍ଭରୁ ସେମିତି ପ୍ରାୟ ୫ ଶହରୁ ସାତ ଶହ ମିଟର ରାସ୍ତା ବହୁତ ଖରାପ ଅବସ୍ଥାରେ ଥିଲା ହେଲେ ଜିଲ୍ଲାପାଳଙ୍କ ଦୃଷ୍ଟି ଗୋଚର କଲାପରେ ରାସ୍ତା ନିର୍ମାଣ ହୋଇ ବର୍ତ୍ତମାନ ରାସ୍ତା ଚକା ଚକ ହୋଇଛି।ବିଭିନ୍ନ ଖବର କାଗଜରେ ଆଗରୁ ଅନେକ ଖବର ପ୍ରସାରଣ କରି ପ୍ରଶାସନକୁ ଜଣାଇଥିଲେ ମଧ୍ୟ ନା ଜିଲ୍ଲା ପ୍ରଶାସନ ପକ୍ଷରୁ ମରାମତି କରାଯାଉଛି ନା ସ୍ଥାନୀୟ ପ୍ରଶାସନ ପକ୍ଷରୁ ମରାମତି କରାଯାଉଛି।ଜିଲ୍ଲାପାଳଙ୍କ ସୁଦୃଷ୍ଟି କେବେ ଉକ୍ତ ରାସ୍ତା ଉପରେ ପଡ଼ିବ ଲୋକ ଅନାଇ ବସିଛନ୍ତି।

# ଆଦର୍ଶ ଶିକ୍ଷକ ପୁରସ୍କୃତ

**ସିନାପାଲି, ୧୦।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଡାଲ ରେ ସରକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଜ୍ଞାନରଞ୍ଜନ ସୁନାନୀ ସିନାପାଲି ବ୍ଲକରୁ ଜଣେ ଆଦର୍ଶ ଶିକ୍ଷକ ରୂପେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କରିଛନ୍ତି। ଗୁରୁ ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ପାଳିତ



ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏଡିଓ ସୁଧାଂଶୁ ଶେଖର ମିଶ୍ର, ଡ଼ଃ. ରେଶମଲାଲ ନାଏକ, ବିଇଓ ଗୀତାରାଣୀ ଯୋଶୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଦକ୍ଷ ନରୋତ୍ତମ ଭୋଇ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗ ଦେଇ ଥିଲେ ଏବଂ ପୁରସ୍କାର ପ୍ରଦାନ କରି ଥିଲେ। ପୁରାସ୍କାରପ୍ରାପ୍ତ ଶିକ୍ଷକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଥିବା ବେଳେ ଗୋଡାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁଭେଚ୍ଛା ସହ ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ଅଭିନନ୍ଦନ ଜଣାଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ହୋଣ୍ଡା ମୋଟରର ୧୨୫ହର୍ନେଟ ଓ ୧୦୦ସିସି ଡିଏକ୍ସ ବାଇକ୍ ବଜାରରେ

**ଭବାନୀପାଟଣା, ୧୦।୯ (ସମିସ):** ହୋଣ୍ଡା ମୋଟରସାଇକେଲ ଏଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ.) କଳାହାଣ୍ଡି ଜିଲ୍ଲାରେ ଅଲ୍‌ନ୍ୟୁ ସିବି ୧୨୫ହର୍ନେଟ ଏବଂ ୧୦୦ସିସି ଡିଏକ୍ସ ବାଇକ୍ ବିକ୍ରୟ ଆରମ୍ଭ କରିଛି। ଭବାନୀପାଟଣାସ୍ଥିତ ମହେଶ ହୋଣ୍ଡା ପକ୍ଷରୁ ଗତ ୯ ତାରିଖ ଦିନ ବିକ୍ରୟର ଶୁଭାରମ୍ଭ କରାଯାଇଛି। ମହେଶ ହୋଣ୍ଡାର ମାଲିକ ମନୋଜ କୁମାର ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭବାନୀପାଟଣା ସହରର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୧୨୫ ହର୍ନେଟ ନୂତନ ବିକ୍ରୟ ବାଇକ୍‌କୁ ବୟୋଜ୍ୟେଷ୍ଠ ବ୍ୟବସାୟୀ ଜଗମୋହନ ଅଗ୍ରୱାଲ ଉଦ୍‌ଘାଟିତ କରିଥିବା ବେଳେ ମହେଶ ହୋଣ୍ଡା ପରିବାରର ସଦସ୍ୟ ମହେଶ ଅଗ୍ରୱାଲ,



ଓମ୍‌ପ୍ରକାଶ, ସୁନିଲ, ହରେଶ, ଯଶୋବନ୍ତ ଓ ଚୈତନ୍ୟ ଅଗ୍ରୱାଲ ଉପସ୍ଥିତଥିଲେ। ସେହିଭଳି ୧୦୦ ସିସି ଡିଏକ୍ସ ନୂତନ ବାଇକ୍‌କୁ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଶାନ୍ତନୁ କୁମାର ବେହେରା, ଦାୟିତ୍ୱରେ ଥିବା ଜିଲ୍ଲା ଚିକିତ୍ସା ଅଧିକାରୀ ନିହାରେନ୍ଦ୍ର କୁମାର ପଣ୍ଡା ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ନୂତନ ଦୁଇଟି ବାଇକ୍ ଆଗାମି ପିଢ଼ିର ଚାଳକମାନଙ୍କୁ ଲକ୍ଷକରି କମ୍ପାନୀ ନିର୍ମାଣ କରିଛି। ଗ୍ରାହକମାନଙ୍କର ପରବର୍ତ୍ତୀ ଆବଶ୍ୟକତା ପୂରଣ କରିବା ସକାଶେ ସାଇନ୍ ୧୦୦ ଡିଏକ୍ସରେ ଏକ ଡିଜିଟାଲ ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍ ଖଞ୍ଜା ଯାଇଛି। ଯାହା ମାଇଲେଜ, ଇନ୍ଧନ ଶେଷ ହେବାକୁ ଥିବା ଦୁରତା ଏବଂ ସର୍‌ଭିସ୍ ଅବଧି ସମ୍ପର୍କରେ ସୂଚନା ପ୍ରଦାନ କରିବ।ହୋଣ୍ଡା ସୋରୁମ୍‌ର ମାଲିକ ଶ୍ରୀ ଅଗ୍ରୱାଲ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦଳିତ ଆଦିବାସୀ ନିର୍ଯାତନା ଆଇନର ସଂଶୋଧନ ଆଦେଶ ପ୍ରତ୍ୟାହାର ଦାବି

**ଧର୍ମଗଡ଼, ୧୦।୯ (ସମିସ):** ବିଗତ ଦିନମାନଙ୍କରେ ଦଳିତ ଓ ଆଦିବାସୀଙ୍କ ଉପରେ ଉଚ୍ଚବର୍ଗର ନିର୍ଯାତନା ହେତୁ ୧୯୮୯ ମସିହାରେ ପାର୍ଲିଆମେଣ୍ଟରେ ନିର୍ଯାତନା ବିରୋଧୀ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ଅନୁସାରେ ଅଭିଯୋଗର ତଦନ୍ତ, ଚାର୍ଜସିଟ ପ୍ରଦାନ ଓ ଅଭିଯୁକ୍ତକୁ ଗିରଫ ଦାୟିତ୍ୱ ଡ଼ିଏସପି କିମ୍ବା ତଦୁର୍ଦ୍ଧ ଅଫିସର କରିବେ। କିନ୍ତୁ ଗତ ୩୦ ତାରିଖ ଦିନ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତରଫରୁ ଏହି ଦାୟିତ୍ୱ ଡ଼ିଏସପି ବଦଳରେ ଇନ୍ସପେକ୍ଟର କିମ୍ବା ସବଇନ୍ସପେକ୍ଟର ନିର୍ବାହ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଭଳି ହେଲେ ନିଶ୍ଚିତ ଭାବେ ଆଗାମୀ ଦିନରେ ତଦନ୍ତ ବ୍ୟବସ୍ଥା ଢିଲା ହେବା ସହିତ ଅଭିଯୁକ୍ତ ମାନେ ବହୁମାତ୍ରାରେ ନିର୍ଦୋଷରେ ଖଲାସ ହୋଇଯିବାର ସମ୍ଭାବନା ରହିଛି ବୋଲି, ଆଜି କଳାହାଣ୍ଡି ଦଳିତ- ଆଦିବାସୀ ସମାଜ ତରଫରୁ ଅଭିଯୋଗ କରି ଏହି ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଏକ କେନ୍ଦ୍ରୀୟ ଆଇନ କେବଳ ପାର୍ଲିଆମେଣ୍ଟ ହିଁ ଏହା ଉପରେ ସଂଶୋଧନ କରି ପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଓଡ଼ିଶାରେ ଏହି ନିଷ୍ପତ୍ତି ରାଜ୍ୟ କ୍ୟାବିନେଟ କିମ୍ବା ବିଧାନସଭାରେ ଗୃହୀତ ହୋଇନାହିଁ। ଗୋଟିଏ ଅଫିସିଆଲ ଅର୍ଡରରେ ଏଭଳି ଆଇନକୁ ପରିବର୍ତ୍ତନ କରିବା ଅସାମ୍ବିଧାନିକ ଓ ବେଆଇନ କାର୍ଯ୍ୟ ଅଟେ। ଓଡ଼ିଶାରେ ଦଳିତ ଆଦିବାସୀଙ୍କ ସଂଖ୍ୟା ୪୦ପ୍ରତିଶତରୁ ଅଧିକ। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ଓ ସବୁପ୍ରକାର ସାହାଯ୍ୟ କରିବା ପ୍ରତ୍ୟେକ ସରକାରର ନୈତିକ ଦାୟିତ୍ୱ ହେଲେ ସରକାରଙ୍କ ଏଭଳି ଦଳିତ ଆଦିବାସୀ ସ୍ୱାର୍ଥ ବିରୋଧୀ ପଦକ୍ଷେପ ସମସ୍ତଙ୍କୁ ମର୍ମାହତ କରୁଛି। ଏହି ଆଇନକୁ କଡାକଡି ଭାବରେ ଲାଗୁ କରିବା ପାଇଁ ଡ଼ିଏସପି ସଂଖ୍ୟା ବୃଦ୍ଧି କରିବା, ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା, ଏଭଳି ମାମଲା ପରିଚାଳନା ପାଇଁ ସରକାରୀ ଓକିଲ ନିଯୁକ୍ତିରେ ଏହି ଦୁଇବର୍ଗରୁ ନିଯୁକ୍ତି ଦେବାକୁ ମଧ୍ୟ ସଂଘ ତରଫରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଧର୍ମଗଡ଼ରେ ସହକାରୀ ଉପଜିଲ୍ଲାପାଳ ଅଜୟ ପ୍ରକାଶ ଟୀରକ୍କୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।କାର୍ଯ୍ୟକ୍ରମରେ ଆଇନଜୀବୀ ଦିଗାମ୍ବର ଦୁରିଆ, ପ୍ରେମଲାଲ ସାଗର, ଶିଶୁପାଳ ଦୁରିଆ, ବିନୋଦ ନାଏକ, ପଞ୍ଚାନନ ଜାଲ, ପ୍ରତାପ ସୁନାନୀ, ଜୟଦ୍ରଥ ମହାନନ୍ଦ, ଆଦିବାସୀ ନେତା ଗୋବର୍ଦ୍ଧନ ଶବର, ଦୟାନିଧି ମାଝୀ, ଶ୍ୟାମସୁନ୍ଦର ମାଝୀ, ଗୁଣ ଶବର, ଅବସରପ୍ରାପ୍ତ କର୍ମଚାରୀ, ଫୁଲେଶ୍ୱର ସେନାପତି, ଚକ୍ରଧର ବେଣୁପାଣି, କବିରାଜ ଦୁର୍ଗା, ଧରଣୀ ଧଙ୍ଗଡ଼ାମାଝୀ, ସଞ୍ଜୟ ଖମାରୀ, ଅଚ୍ୟୁତ ବାଗ, ତୋଫାନ ବାଗ, ମୁରଲୀ ସତନାମୀ, ଦେବାନନ୍ଦ ସୁନାନୀ ଆଦି ଅନେକ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଅନୁପ୍ରଭା ଫାର୍ମର୍ ପ୍ରଡ୍ୟୁସର କମ୍ପାନୀର ସାଧାରଣ ସଭା

**ଜମନକିରା, ୧୦।୯(ସମିସ):** ଅନୁପ୍ରଭା ଫାର୍ମର୍ ପ୍ରଡ୍ୟୁସର କମ୍ପାନୀ, ଜମନକିରାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିରିକ୍ତ କୃଷି ଅଧିକରି ଜମନକିରା ତନ୍ମୟ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିକିବା ସମିତି ସଭ୍ୟା ସ୍ନିଗ୍ଧା ପଟେଲ, କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର ଅଞ୍ଜନା ନାୟକ, ରିଶ୍ମା ଭୁଏ, ସରସ୍ୱତୀ ସାହୁ, ସିଇଓ ପ୍ରଶାନ୍ତ ବେହେରା, କୃଷି ଅଧିକାରୀ ଶରତ କିସାନ, ସିଡି ସଂସ୍ଥାର କାର୍ଯ୍ୟକର୍ତ୍ତା ଲକ୍ଷ୍ମୀଧର ବିନ୍ଧାଣି, କୃଷି




ଉତ୍ପାଦକ ପ୍ରକଳ୍ପର ପ୍ରୋଗ୍ରାମ ଅଫିସର ଭବାନୀ ଭଟମିଶ୍ର, ଏସ୍‌ଏମଏସ୍ ଶୁଭମ ପ୍ରଧାନ, କଂପାନୀ ଆକାଉଣ୍ଟାଣ୍ଟ, ଏପିସି ପ୍ରକଳ୍ପର ଅନ୍ୟ କାର୍ଯ୍ୟକର୍ତ୍ତା ତଥା କମ୍ପାନୀରେ ଅଂଶିଦାର ଥିବା ଜମନକିରା ଓ କୁଚିଣ୍ଡା ଅଞ୍ଚଳର ଶତାଧିକ ମହିଳା ଉପସ୍ଥିତ ଥିଲେ। କମ୍ପାନୀ ବିଷୟରେ ସମ୍ୟକ ବିବରଣୀ ପ୍ରଦାନ କରାଯାଇଥିଲା। ହିସାବ ରକ୍ଷକ ପବିତ୍ର ପ୍ରଧାନ କମ୍ପାନୀର ଆର୍ଥିକ ବର୍ଷ ୨୦୨୪-୨୫ ର ବାର୍ଷିକ ବିବରଣୀ ପାଠ କରିଥିଲେ। ସମସ୍ତ ସଦସ୍ୟା କେମିତି ନିଜର ପରିଚୟ ସୃଷ୍ଟି କରିପାରିବେ ତାହା ଚର୍ଚ୍ଚା କରାଯାଇଥିଲା। ଶେଷରେ ଶୁଭମ୍ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀବତ୍ସ କାଲୋ, ଜୀତେନ୍ଦ୍ର ମାଝୀ, ଦୁଷ୍ମନ୍ତ ଠାକୁର, ସଞ୍ଜୟ ସୁନାନୀ, ତୁକାରାମ ପୁଝାରୀ, ସୁମନ ନାୟକ, ରଞ୍ଜିତ ବାଘ, ରେଶମା ପଟେଲ, ପ୍ରିୟଙ୍କା ରାଉଳ ପ୍ରମୁଖ ସହଯୋଗ କରିଥିଲେ।

# ନାଟ୍ୟକାର ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସ୍ମୃତିସଭା




**ସମ୍ବଲପୁର, ୧୦।୯ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷରେ ରାଜେନ୍ଦ୍ର ପ୍ରସାଦ ପଣ୍ଡା ସ୍ମୃତି ସମିତି ପକ୍ଷରୁ ରାଜେନ୍ଦ୍ର ପଣ୍ଡାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। ସ୍ମୃତି ସମିତିର ଆବାହକ ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ବର୍ଷିୟାନ ନାଟ୍ୟାଭିନେତା ମନୋରଞ୍ଜନ ସାହୁ (ମନମାଷ୍ଟ୍ରେ) ଯୋଗଦେଇ ପରିଣତ ବୟସରେ ମଧ୍ୟ ଅଭିନୟ ପ୍ରତି ସମର୍ପିତ କଳାକାରଟିଏ ମଞ୍ଚରେ ଅଭିନୟ କରିବାର ପ୍ରେରଣା ସେ ସ୍ୱର୍ଗତ ପଣ୍ଡାଙ୍କଠାରୁ ପାଇଛନ୍ତି ବୋଲି କହିଥିଲେ। ଏହି ଅବସରରେ ଡଃ ଶ୍ୟାମସୁନ୍ଦର ଧର, ଡଃ ଦ୍ୱାରିକାନାଥ ନାୟକ, ମୋହନ ସାହୁ ଏବଂ ବ୍ରଜେନ୍ଦ୍ର ନାୟକଙ୍କୁ 'ରାଜେନ୍ଦ୍ର ପ୍ରସାଦ ପଣ୍ଡା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମିତିର ବରିଷ୍ଠ ସଦସ୍ୟ ପ୍ରଭାସ ବାନାର୍ଜି ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ସ୍ୱର୍ଗତ ପଣ୍ଡାଙ୍କ ପୁଅ ସଞ୍ଜୀବ ଓ ସମ୍ବିତ ତଥା ଜ୍ୱାଇଁ ଇଂ ଶ୍ରୀକାନ୍ତ ପାଣିଗ୍ରାହୀ ଓ ପ୍ରେମାନନ୍ଦ ପଣ୍ଡା ଅତିଥିମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ଡଃ ସିଦ୍ଧାର୍ଥ ପଣ୍ଡା ସଭା ସଂଯୋଜନା ଏବଂ ଶେଷରେ ସଭ୍ୟା ଅପର୍ଣ୍ଣା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଦାଶ, ଆକାଂକ୍ଷା ପ୍ରସାଦ ମିଶ୍ର, ସଂଯୁକ୍ତା ପଣ୍ଡା, ଯୋଗେଶ ହୋତା, ସୁଶୀଲ ଦାଶ, ଲକ୍ଷ୍ମଣ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଡୋକରୀ ଚଞ୍ଚରାକୁ ନେଇ ବିବାଦ ଘଟଣା

# ଦୁଇ କମିଟି ସହ ପ୍ରଶାସନର ସ୍ୱତନ୍ତ୍ର ବୈଠକ

**କୋକସରା, ୧୦।୯(ସମିସ)**

ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଖଲିଗଡ଼ ପାଦଦେଶରେ ରହିଥିବା କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳି ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାର ପରିଚାଳନାକୁ ନେଇ ଗତ ରାମନବମୀ ମହୋତ୍ସବ ପୂର୍ବରୁ ଅନେକ ବାଦ୍ ବିବାଦ ଦେଖାଦେଇଥିଲା। ଏମିତି କି ଦୁଇ କମିଟି ମଧ୍ୟରେ ଉପୁଜିଥିବା ବିବାଦ ପ୍ରଥମେ ଥାନା ଏବଂ ପରେ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚି ସାରିଛି। ପୂର୍ବରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଡୋକରୀ ଚଞ୍ଚରା ପର୍ଯ୍ୟଟନସ୍ଥଳୀକୁ ପରିଚାଳନା କରିବା ସହ ବିଭିନ୍ନ ଯାନିଯାତ୍ରା କରି ଆସୁଥିବାବେଳେ ବିବାଦ ଦେଖାଦେବା ପରେ ପ୍ରଶାସନ ପକ୍ଷରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି)କୁ ଗତ ରାମନବମୀ ଓ ଗୁଡହାଣ୍ଡି





ମହୋତ୍ସବ ସମୟରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କମିଟି ମଧ୍ୟ ସୁଚାରୁରୂପେ ମହୋତ୍ସବକୁ ସମ୍ପନ୍ନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ଏହା ପରେ ମଧ୍ୟ ଉଭୟ କମିଟିର ବାଦ୍ ବିବାଦ ଲାଗି ରହିଛି। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ବୁଧବାର କୋକସରା ବ୍ଲକ ସଭାଗୃହଠାରେ ପ୍ରଶାସନ ସହିତ ଦୁଇ କମିଟି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଭାବରେ ଆଲୋଚନା ହୋଇଥିଲା।ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଏଡିଏମ୍ ତନ୍ମୟ ଦରୱାନ ବୈଠକର ଅଧକ୍ଷତା କରିଥିବାବେଳେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ବନାଞ୍ଚଳ ଅଧିକାରୀ ଭବାନୀଶଙ୍କର କାଉଁର, ଆମପାଣି ଥାନା ଅଧିକାରୀ ପ୍ରଶାନ୍ତ କୋଲାହାର ପ୍ରମୁଖ ବୈଠକରେ ଯୋଗଦେଇଥିଲେ।ଉଭୟ କମିଟିର ସଦସ୍ୟଙ୍କୁ ପ୍ରଶାସନ ପକ୍ଷରୁ ନିଜ ନିଜ ମତାମତ ଲୋଡ଼ିଥିଲେ।କୌଣସି ଦଳ ଏକ ଚାକିଆ କରି ପାରିବେ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିବା ଏଡିଏମ୍ କହିଥିଲେ। ଉଭୟ କମିଟି ପକ୍ଷରୁ ମତାମତ ରଖିବା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ତେବେ ପରବର୍ତ୍ତୀ ସମୟରେ ଦୁଇ କମିଟି ପକ୍ଷରୁ ନିଜ ନିଜ ମଧ୍ୟରେ ଏକ ଆଲୋଚନା କରିବା ପରେ ଆଗକୁ ପ୍ରଶାସନ ସହିତ ପୁନଃ ବୈଠକ କରି ଏକ ନୂତନ କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିବା ଏଡିଏମ୍ ଶ୍ରୀଦରୱାନ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଛନ୍ତି। ତେବେ ବୈଠକରେ ଉଭୟ କମିଟିର ଶତାଧିକ ଲୋକେ ସାମିଲ ହୋଇଥିବା ବେଳେ ଶୃଙ୍ଖଳିତ ଭାବେ ବୈଠକ ସରିଥିଲା।

# ଭିମ୍‌ସାରରେ ଚକ୍ଷୁଦାନ ପକ୍ଷ ପାଳିତ



**ସମ୍ବଲପୁର, ୧୦।୯ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର୍) ଚକ୍ଷୁ ବ୍ୟାଙ୍କରେ ୪୦ତମ ଜାତୀୟ ଚକ୍ଷୁଦାନ ପକ୍ଷ ଅଗଷ୍ଟ ୨୫ ତାରିଖରୁ ଚଳିତମାସ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ଏହି ଅବସରରେ ଗତ ୩ ତାରିଖ ଦିନ ସକାଳେ ଭିମ୍‌ସାର୍ କଲେଜ ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ସେମିନାର କକ୍ଷରେ ଚକ୍ଷୁ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟଶ୍ରୀ ଦୋରାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭିମ୍‌ସାର୍ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତି, ଅଧିକ୍ଷକ ପ୍ରଫେସର ଲାଲମୋହନ ନାୟକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଗୁଣସାଗର ଦାଶ ଯୋଗଦେଇ ବୁର୍ଲା ମେଡିକାଲର ଚକ୍ଷୁ ବ୍ୟାଙ୍କର ଇତିହାସ ଉପରେ ତଥ୍ୟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡା. ଜୟଶ୍ରୀ ଦୋରା ଏବଂ ପ୍ରଫେସର ଡା. ପ୍ରମୋଦ ଶର୍ମା ସାମ୍ପ୍ରତିକ ସ୍ଥିତିରେ ଚକ୍ଷୁବ୍ୟାଙ୍କର କାର୍ଯ୍ୟରେ ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ପ୍ରଫେସର ଡା. କେ.ସି ଟୁଡୁ, ଡା. ଗୋପେଶ୍ୱରୀ ହୋତା, ରବୀନ୍ଦ୍ର ଚୌଧୁରୀ, ଜ୍ୟୋତି ଅନୁଷ୍ଠାନ ଓ ମାରୱାଡି ମହିଳା ସମିତିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶେଷରେ ପ୍ରଫେସର ଡା. ଶର୍ମିଷ୍ଠା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଦୁଇଟି ପରିସ୍ଥିତିରେ ନିରବ ରହିବା ଶ୍ରେୟସ୍କର - ଯେଉଁଠାରେ ତୁମେ କିଛି ନ କହିଲେ ମଧ୍ୟ ଲୋକେ ବୁଝିଯାଆନ୍ତି ଏବଂ ଯେଉଁଠାରେ ତୁମେ ଯେତେ କହିଲେ ମଧ୍ୟ ଲୋକେ ବୁଝିପାରନ୍ତି ନାହିଁ।
-ଡ. ଏ ପି ଜେ ଅବଦୁଲ୍ କାଲାମ୍

ସକାଳ
THE SAKALA

## ବିଡ଼ମ୍ବିତ ନେତୃତ୍ୱ

ପୁରୁଷଙ୍କ ସହ ମହିଳାଙ୍କୁ ସମାନ ଅଧିକାର ପ୍ରସଙ୍ଗ ଆଜିର ନୁହେଁ। ବ୍ୟବସ୍ଥାପିକାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ସକାଶେ ସଂରକ୍ଷଣ ସୁବିଧା ପ୍ରଦାନ ବିଲ ସଂସଦରେ ଅନୁମୋଦନ ଲାଭ କରିଥିଲେ ମଧ୍ୟ ତାହା ଏବେ ମଧ୍ୟ ଆଇନଗତ ସ୍ୱୀକୃତି ଅପେକ୍ଷାରେ। ଯେତେଦୂର ସମ୍ଭବ ଆଗାମୀ ଜନଗଣନା ପରେ ସରକାର ଏହି ସଂରକ୍ଷଣ ସୁବିଧା କାର୍ଯ୍ୟକାରୀ କରିବେ। ତେବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରପାଳିକାରେ ମହିଳାମାନେ ଏହି ସୁବିଧା ପାଇଛନ୍ତି। ବିଜୁବାବୁଙ୍କ ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ପଞ୍ଚାୟତ ଓ ପୌର ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣକୁ ଆଇନଗତ ସ୍ୱୀକୃତି ଦେଇଥିଲା।

ଆମ ଦେଶରେ ରାଜନୈତିକ ସ୍ତରରେ ପୁରୁଷଙ୍କ ସମକକ୍ଷ ହେବା ଭଳି ମହିଳାଙ୍କ ଦକ୍ଷତା ଓ ଯୋଗ୍ୟତା କିଛି କମ ନୁହେଁ। କିନ୍ତୁ ସେମାନଙ୍କ ପ୍ରାର୍ଥିତ୍ୱ ମନୋନୟନରେ ପୁରୁଷପ୍ରଧାନ ଦଳୀୟ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଅଯୋଗ୍ୟ ପୁରୁଷ ପ୍ରାର୍ଥୀ କ୍ଷମତାକୁ ଆସୁଛନ୍ତି। ଅଥଚ ଯୋଗ୍ୟ ମହିଳା ପ୍ରାର୍ଥୀ ମୁଖ୍ୟସ୍ରୋତରୁ ବଞ୍ଚିତ ହେଉଛନ୍ତି। ତେବେ ଯେଉଁ କେତେକ କ୍ଷେତ୍ରରେ ନିର୍ବାଚିତ ମହିଳାମାନେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ସେଠାରେ ମଧ୍ୟ ପୁରୁଷ ପ୍ରାଧାନ୍ୟ ମାନସିକତାର ଛାପ ରହୁଛି। ବିଶେଷକରି ପଞ୍ଚାୟତ ଓ ପୌରପାଳିକା ସ୍ତରରେ କ୍ଷମତା ଓ ଦାୟିତ୍ୱ ପରିଚାଳନାରେ ମହିଳା ଜନପ୍ରତିନିଧିଙ୍କ ସ୍ୱାମୀଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପ ଓ ପ୍ରତ୍ୟକ୍ଷ ସହଯୋଗ ଏକ ବ୍ୟବସ୍ଥାରେ ପରିଣତ ହୋଇସାରିଛି। ମହାନଗର ନିଗମ ସ୍ତରରେ ମଧ୍ୟ ମହିଳା କର୍ପୋରେଟରଙ୍କ ସ୍ୱାମୀମାନେ ସରକାରୀ ସ୍ତରରେ କର୍ପୋରେଟରଙ୍କ ସ୍ୱୀକୃତ ପ୍ରତିନିଧି ରୂପେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସତେଯେପରି ସବୁସ୍ତରରେ ଏହା ଗ୍ରହଣଯୋଗ୍ୟ ହୋଇଯାଇଛି। କିନ୍ତୁ ରାଜନୀତିରେ ଉଚ୍ଚତର ସୋପାନରେ ସାଧାରଣତଃ ମହିଳା ପଦାଧିକାରୀ ସ୍ୱୟଂସଂପୂର୍ଣ୍ଣ ଓ ସୁଦକ୍ଷ। ପ୍ରତିଦ୍ୱନ୍ଦ୍ୱୀ ପୁରୁଷଙ୍କଠାରୁ ମଧ୍ୟ ଅତି ନିପୁଣତାର ସହ ଦାୟିତ୍ୱ ତୁଲାଇ ସମସ୍ତଙ୍କ ପ୍ରଶଂସାଭାଜନ ହୋଇପାରିଥିବାର ସ୍ୱର୍ଣ୍ଣିମ ଇତିହାସ ଆମ ଦେଶରେ ରହିଛି। ଅଥଚ ନିକଟରେ ଏହାର ଏକ ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ପ୍ରେକ୍ଷାପଟ୍ଟରେ ଆମେ ଏଠାରେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଛୁ। ଗତ ଶନିବାର ଦିନ ଶାଲିମାରବାଗ୍ ସ୍ଥିତ ଜନସେବା ସଦନରେ ଅନୁଷ୍ଠିତ ସରକାରୀ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟବସାୟୀ ସ୍ୱାମୀ ମନୀଷ ଗୁପ୍ତାଙ୍କ ଯୋଗଦାନ ଓ ସରକାରୀ ପଦାଧିକାରୀଙ୍କ ସହ ତାଙ୍କର ମତବିନିମୟ ପ୍ରତିପକ୍ଷକୁ ଆଲୋଚନାର ଖୋରାକ୍ ଯୋଗାଇଛି। ପଞ୍ଚାୟତ ସ୍ତରରେ ପରିଲକ୍ଷିତ ଦୃଶ୍ୟପଟ୍ଟ ରାଜ୍ୟ ନେତୃତ୍ୱ କ୍ଷେତ୍ରରେ ପୁନରାବୃତ୍ତି ଘଟିବା ଅସମୀଚୀନ। ଏହି ଘଟଣାକୁ ଦିଲ୍ଲୀର ଆପ ନେତା ସୌରଭ ଭରଦ୍ୱାଜ କଡ଼ା ସମାଲୋଚନା କରିବା ସହ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଆକ୍ଷେପ କରିଛନ୍ତି। କ୍ଷମତା ରାଜନୀତିରେ ସରକାରୀ ଓ ବିରୋଧୀ ପକ୍ଷ ମଧ୍ୟରେ ଏପ୍ରକାର ଆରୋପ ଓ ପ୍ରତିଆରୋପ ନୂଆକଥା ନହେଲେ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କ ପାରଦର୍ଶିତା ସନ୍ଦେହ ଘେରକୁ ଆସିଯାଇଛି।

ରେଖାଗୁପ୍ତାଙ୍କ ପୂର୍ବରୁ ସୁଷମା ସ୍ୱରାଜ ଓ ଶୀଲା ଦୀକ୍ଷିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରେ ରହି ମହିଳା ସଶକ୍ତୀକରଣ ଓ କାର୍ଯ୍ୟଦକ୍ଷତାର ଛାପ ସମଗ୍ର ଦେଶରେ ଛାଡ଼ି ଯାଇଛନ୍ତି। ଶୀର୍ଷସ୍ତରରେ ମହିଳାଙ୍କ ନେତୃତ୍ୱ ସଂପର୍କରେ ଉଲ୍ଲେଖ କଲାବେଳେ ଇନ୍ଦିରା ଗାନ୍ଧୀ ଓ ମାର୍ଗରେଟ ଥାଚରଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଭାବୀ ଭୂମିକା ପ୍ରତି ବିଶ୍ୱ ନେତୃତ୍ୱବର୍ଗଙ୍କ ଥିବା ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ମାନ ସାମ୍ନାକୁ ଆସିଯାଏ। ବ୍ୟବସ୍ଥାପିକା ସଂସ୍ଥାରେ ପ୍ରତିନିଧିତ୍ୱ କରି ଆଇନ ପ୍ରଣୟନକାରୀ ଭୂମିକା ତୁଲାଇବାରେ ଆମ ଦେଶର ମହିଳାମାନେ ବେଶ ଯୋଗ୍ୟ ଓ ସମର୍ଥ। ତେଣୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ସବୁସ୍ତରରେ ସ୍ୱାଗତ କରାଯାଉଛି। ତେବେ ଏକ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ସୁଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇବା ଜରୁରୀ। ଆମ ଜନସଂଖ୍ୟାର ଆପାତତଃ ୫୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ବାଛବିଚାର ମୁକ୍ତ ସହଯୋଗ ମିଳିଲେ ସୁସ୍ଥ ସାମାଜିକ ବ୍ୟବସ୍ଥା ଗଠନ ସମ୍ଭବ ହେବ।

## ଆକାଂକ୍ଷିତ ବିଜୟ

ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏନଡିଏ ପ୍ରାର୍ଥୀ ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଆଶା କରାଯାଉଥିବା ଭୋଟଠାରୁ ଯଥେଷ୍ଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି। ଏନଡିଏର ଲୋକସଭା ଓ ରାଜ୍ୟସଭା ସଦସ୍ୟ ସଂଖ୍ୟା ୪୨୫ ଥିବା ବେଳେ ସେ ପାଇଛନ୍ତି ୪୫୨ ଭୋଟ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟର ସଦସ୍ୟ ସଂଖ୍ୟା ୩୧୨ ହୋଇଥିବା ବେଳେ ବିରୋଧୀ ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀଙ୍କ ସପକ୍ଷରେ ୩୦୦ ଭୋଟ ପଡ଼ିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗଠିତ ଇଲେକ୍ଟୋରାଲ କଲେଜର ସଦସ୍ୟ ସଂଖ୍ୟା ୭୮୧। ନିର୍ବାଚନ ପୂର୍ବରୁ ବିଜେଡି, ବିଆରଏସ ଓ ଶିରୋମଣି ଅକାଳୀ ଦଳ. ମତଦାନରୁ ବିରତ ରହିବେ ଘୋଷଣା କରିଥିବାରୁ ମୋଟ ୭୬୭ ସଦସ୍ୟ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ଉପରାଷ୍ଟ୍ରପତି ପଦଭଳି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ୧୫ ମତଦାତାଙ୍କ ଭୋଟ ନାକଚ ହୋଇଛି। ମତଦାନ ପ୍ରକ୍ରିୟାରେ ଗୋପନୀୟତା ଦୃଷ୍ଟିରୁ କିଏ କାହାକୁ ଭୋଟ ଦେଲା ଏବଂ କାହାର ନାକଚ ହେଲା ତାହା ଜାଣିବାର ଅବକାଶ ନାହିଁ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟ ପ୍ରାର୍ଥୀ ଜଷ୍ଟିସ ରେଡ୍ଡୀଙ୍କୁ ଏଆଇଏମଆଇଏମ ସମର୍ଥନ କରୁଥିବାରୁ ତାଙ୍କ ସପକ୍ଷରେ ୩୧୩ ଭୋଟ ମିଳିବ ବୋଲି ଆଶା କରାଯାଇଥିଲା। ତେବେ ତାଙ୍କ ସପକ୍ଷରେ ୩୦୦ ଭୋଟ ମିଳିଛି। ଏହି ୧୩ ଭୋଟ ମଧ୍ୟରୁ କେତେ ଖଣ୍ଡ ନାକଚ ହୋଇଛି, କେତେ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି, ତାହା ଜାଣିବାର ଅବକାଶ ନାହିଁ। ଉଭୟ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟରେ ସାମିଲ୍ ହୋଇ ନଥିବା ୪୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ ଜଣ ନିର୍ବାଚନରେ ଅଂଶଗ୍ରହଣ କରିନଥିବା ବେଳେ ୱାଇଏସ ଆର ନେତା ଜଗନ ମୋହନ ରେଡ୍ଡୀଙ୍କ ଦଳର ୧୧ ସଦସ୍ୟ ସିପି ରାଧାକ୍ରିଷ୍ଣନ୍‌ଙ୍କ ସପକ୍ଷରେ ମତଦାନ କରିଛନ୍ତି। ଏକଥା ବି ହୋଇପାରେ ବିରୋଧୀ ମେଣ୍ଟରେ କିଛି ସଦସ୍ୟ ଏନଡିଏ ମେଣ୍ଟ ସପକ୍ଷରେ ମତଦାନ କରିଛନ୍ତି। ମେଣ୍ଟରେ ମୁଖପାତ୍ର ଯାହା ଦାବି କରନ୍ତୁ ନା କାହିଁକି କ୍ରସ ଭୋଟିଙ୍ଗକୁ ଅସ୍ୱୀକାର କରାଯାଇପାରିବ ନାହିଁ। ମତଦାନ ପୂର୍ବରୁ ତେଲେଗୁ ଅସ୍ମିତା ଓ ଏନ୍‌ଡିଏରେ ଆଭ୍ୟନ୍ତରୀଣ ଅସନ୍ତୋଷକୁ ନେଇ ଚାଲିଥିବା ଗୁଜବ ରାଜନୀତି ଯେ ଅବାସ୍ତବ ତାହା ପ୍ରମାଣିତ ହୋଇଛି ଏବଂ ବିରୋଧୀ ମେଣ୍ଟର ଚାଲ୍ ନିଷ୍ପ୍ରଭ ହୋଇଯାଇଛି।

# ସକାରାତ୍ମକ ରାଷ୍ଟ୍ରବାଦର ଆବଶ୍ୟକତା

ଅଧ୍ୟାପକ ଗୋପବନ୍ଧୁ

ରାଷ୍ଟ୍ରବାଦ ଏକ ଉନ୍ନତ ଗୁଣାତ୍ମକ ଚିନ୍ତନ। ଏହା ଏପରି ଏକ ଜାତୀୟ ଭାବନା, ଯାହା ଗୋଟିଏ ରାଷ୍ଟ୍ରକୁ ସର୍ବୋଚ୍ଚ ସୋପାନରେ ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଏ। ପରସ୍ପରକୁ ସମ୍ମାନ, ସମସ୍ତ ଗୋଷ୍ଠୀ ଓ ସମ୍ପ୍ରଦାୟର ମଧ୍ୟରେ ସହାବସ୍ଥାନ, ମାନବୀୟ ମୂଲ୍ୟବୋଧର ବିକାଶ ଓ ଶ୍ରେଷ୍ଠତା ପ୍ରାପ୍ତି ଦିଗରେ ସାମୂହିକ ଜାଗୃତି ହିଁ ରାଷ୍ଟ୍ରବାଦ। ସେହିଁ ପ୍ରକୃତ ରାଷ୍ଟ୍ରବାଦୀ, ଯିଏ ଏ ସମସ୍ତର ଅନୁଗାମୀ। ରାଷ୍ଟ୍ରବାଦୀ ହେବା ଏକ ସାଧନା। ସମସ୍ତ କ୍ଷେତ୍ରରେ ନାକାରାତ୍ମକ ଭାବନାର ପରିତ୍ୟାଗ ଓ ସକାରାତ୍ମକ ଭାବନାରେ ଉଦବୁଦ୍ଧ ହେବା ରାଷ୍ଟ୍ରବାଦର ମୂଳ ଆଧାର। ସ୍ୱଚ୍ଛ ରାଷ୍ଟ୍ରବାଦ ନା ଆଭ୍ୟନ୍ତରୀଣ ହିଂସାକୁ ପ୍ରୋତ୍ସାହିତ କରେ ନା ଆନ୍ତର୍ଜାତିକ ହିଂସା ଓ ପ୍ରତିହିଂସାକୁ ଉତ୍ସାହିତ କରେ। ବରଂ ଏହା ସାମାଜିକ ସଂହତି ଓ ଆନ୍ତର୍ଜାତିକ ଶାନ୍ତି ସ୍ଥାପନକୁ ଗୁରୁତ୍ୱ ଦିଏ। ରାଷ୍ଟ୍ର କହିଲେ କେବଳ ଏହାର ସାର୍ବଭୌମତ୍ୱକୁ ବୁଝାଏ ନାହିଁ। ଏହା ସହିତ ସାମାଜିକ ସ୍ଥିତି, ରାଜନୈତିକ ପରିବେଶ, ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଏବଂ ସର୍ବୋପରି ରାଷ୍ଟ୍ର ରୂପକ ଗୋଟିଏ ଭୂଖଣ୍ଡରେ ବସବାସ କରୁଥିବା ଲୋକମାନଙ୍କ ଆଭିମୁଖ୍ୟ ଓ ମୌଳିକ ଚିନ୍ତନକୁ ବୁଝାଏ। ତେଣୁ ରାଷ୍ଟ୍ରବାଦ ଏ ସମସ୍ତର ସାମଗ୍ରିକତାକୁ ଓ ଉନ୍ନତ ଚିନ୍ତନକୁ ବୁଝାଏ।

ଅନ୍ୟପକ୍ଷରେ ମିଥ୍ୟା ରାଷ୍ଟ୍ରବାଦ ଅତ୍ୟନ୍ତ ଭୟଙ୍କର। ଏହା ରାଷ୍ଟ୍ରକୁ ଧ୍ୱଂସ ଆଡ଼କୁ ଟାଣିନିଏ। ଏଥିରେ ମିଥ୍ୟାଚାର ଓ ଅନାଦର୍ଶକୁ ରାଷ୍ଟ୍ରବାଦର ମୁଖା ପିନ୍ଧାଯାଏ। ଅପପ୍ରଚାର ମାଧ୍ୟମରେ ଏଗୁଡ଼ିକୁ ସତ୍ୟ ଓ ଆଦର୍ଶ ରୂପରେ ଉପସ୍ଥାପିତ କରାଯାଏ। ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବାବେଗକୁ ବଢ଼ାଯାଏ। ସମାଜରେ ହିଂସାଭାବକୁ ଯୋଜନାବଦ୍ଧ ଭାବେ ରୋପଣ କରାଯାଏ। ସାମ୍ପ୍ରଦାୟିକ ହିଂସା ଓ ଜାତିଗତ ବିଦ୍ୱେଷକୁ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ସାମାଜିକ ବିଶୃଙ୍ଖଳାରୁ ରାଜନୈତିକ ଫାଇଦା ନେବାର ପ୍ରୟାସ ହୁଏ। ସଂଖ୍ୟାଧିକଙ୍କ ମତକୁ ସଂଖ୍ୟାନ୍ୟୂନଙ୍କ ଉପରେ ଲଦାଯାଏ ଏବଂ ତାହାକୁ ହିଁ ରାଷ୍ଟ୍ରବାଦ ଆଖ୍ୟା ଦିଆଯାଏ। ସାଂସ୍କୃତିକ ଆନ୍ଦୋଳନ ନାମରେ ଅପସଂସ୍କୃତିକୁ ସ୍ଥାପନ କରାଯାଏ। ସମାନତା ପରିବର୍ତ୍ତେ ଅସମାନତାକୁ ଯୁକ୍ତିସଙ୍ଗତ କରଯାଏ। ବିଜ୍ଞାନ ବଦଳରେ ଅବୈଜ୍ଞାନିକ ଭାବନାକୁ ଆଗକୁ ବଢ଼ାଯାଏ। ଏମାନଙ୍କ ସହିତ ଯେଉଁମାନେ ଏକମତ ହୁଅନ୍ତି ନାହିଁ, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଏ। ନିଜ ସପକ୍ଷରେ ଅନ୍ଧଭକ୍ତଙ୍କ ଫୌଜ ତିଆରି କରାଯାଏ। ଏମାନେ ମିଥ୍ୟା ରାଷ୍ଟ୍ରବାଦର ରକ୍ଷାକବଚ ସାଜନ୍ତି। ଏମାନଙ୍କ ଜରିଆରେ ଅନାଦର୍ଶକୁ ଆଦର୍ଶ ବୋଲି ପ୍ରଚାର କରଯାଏ। ଦେଶ ଏକଛତ୍ରବାଦୀ ଶାସନ ଆଡ଼କୁ ଗତିକରେ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ଥିଲା ମିଥ୍ୟା ରାଷ୍ଟ୍ରବାଦ। ଏହାରି ଜରିଆରେ ଜର୍ମାନିରେ ନାଜିବାଦ ଓ ଇଟାଲିରେ ଫାଶିବାଦର ଆବିର୍ଭାବ ହୋଇଥିଲା। ଉଭୟ ଦେଶରେ ଉଗ୍ର ଜାତୀୟତାବାଦର ପ୍ରଚାର ମାଧ୍ୟମରେ ଯେଉଁ ରାଷ୍ଟ୍ରବାଦର ଉପସ୍ଥାପନ କରାଯାଇଥିଲା, ତାହା ରାଷ୍ଟ୍ରବାଦର ସଠିକ ପରିଭାଷା ନଥିଲା। ଉଭୟ ରାଷ୍ଟ୍ରରେ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ଗୋଷ୍ଠୀଗତ ଚେତନା ଉଗ୍ରରୂପ ଧାରଣ କରିଥିଲା। ଦୀର୍ଘ ଶତାବ୍ଦୀ ଧରି ଭାଇଚାରା ମଧ୍ୟରେ



ବସବାସ କରିଆସୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଲା। ଦକ୍ଷିଣପନ୍ଥୀ ନାଜି ସଂଗଠନ ତିଆରି ହେଲା। ଏମାନେ ପ୍ରଚାର କରିବା ଆରମ୍ଭ କଲେ ଯେ ସେମାନେ ହିଁ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ। ଏମାନଙ୍କ ସଂସ୍କୃତି ଓ ପରମ୍ପରା ଉନ୍ନତ। ତେଣୁ ଦେଶରେ ଏମାନଙ୍କ ରାଜ ଚାଲିବ। ଅନ୍ୟମାନଙ୍କୁ ରଖାଇ ଦିଆଯିବ ନାହିଁ। ଏହା ରାଷ୍ଟ୍ରବାଦର ଭ୍ରାନ୍ତ ପରିଭାଷା ଥିଲା। କାରଣ ସ୍ୱଚ୍ଛ ରାଷ୍ଟ୍ରବାଦରେ ଗୋଷ୍ଠୀଗତ, ଜାତିଗତ ଓ ଧର୍ମଗତ ଶ୍ରେଷ୍ଠତାର କୌଣସି ସ୍ଥାନ ନାହିଁ। ସମାନତା, ଭ୍ରାତୃତ୍ୱଭାବ ଓ ବ୍ୟକ୍ତି ସ୍ୱତନ୍ତ୍ରତା ହେଉଛି ରାଷ୍ଟ୍ରବାଦର ଆଭୂଷଣ। ଜର୍ମାନି ଓ ଇଟାଲିରେ ଏଗୁଡ଼ିକର ହନନ ହେଲା। ମିଥ୍ୟା ରାଷ୍ଟ୍ରବାଦ ଦେଶ ମଧ୍ୟରେ ସୀମିତ ରହିଲା ନାହିଁ। ଏହା ଆନ୍ତର୍ଜାତିକ ସ୍ତରକୁ ଚାଲିଗଲା, ଯେତେବେଳେ ନାଜିମାନେ ଘୋଷଣା କଲେ ସେମାନେ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠଜାତି। ତେଣୁ ସମଗ୍ର ବିଶ୍ୱକୁ ଶାସନ କରିବାର ଅଧିକାର ତାଙ୍କର ରହିଛି। ଦେଶ ମଧ୍ୟରେ ସଂଖ୍ୟାଲଘୁଙ୍କ ଉପରେ ଦମନ ଆରମ୍ଭ ହେଲା। ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାଗଲା। ପଡ଼ୋଶୀ ରାଜ୍ୟଗୁଡ଼ିକୁ ଆକ୍ରମଣ କରି ଅଧିକାର କରି ନିଆଗଲା।

ମିଥ୍ୟା ରାଷ୍ଟ୍ରବାଦ ଗଣତନ୍ତ୍ର ପାଇଁ ବିପଦ। କ୍ଷମତା ଦଖଲ ପାଇଁ ଏହା ଏକ ସହଜ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଜନତାଙ୍କୁ ଉନ୍ମାଦିତ କରି ସମର୍ଥନ ହାସଲ କରାଯାଇ ପାରେ। ଧର୍ମାନ୍ଧ, ଏକତରଫା ବିଚାରଯୁକ୍ତ, ଉନ୍ମାଦନାର ଶିକାର ଓ ସଂକୀର୍ଣ୍ଣ ମାନସିକତାର ଲୋକମାନେ ସ୍ୱାର୍ଥ ହାସଲ ପାଇଁ ଏହାକୁ ଏକ ସହଜ ମାଧ୍ୟମ ଭାବେ ବ୍ୟବହାର କରନ୍ତି। ଏପରି ପଦକ୍ଷେପ ଗୋଟିଏ ରାଷ୍ଟ୍ରର ଅଶେଷ କ୍ଷତିସାଧନ କରେ। ଜର୍ମାନି ଓ ଇଟାଲୀରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଅନୁସରଣରେ ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୋଇଥିଲା। ଜର୍ମାନିରେ ହିଟଲର ଓ ଇଟାଲିରେ ମୁସୋଲିନୀ ନିର୍ବାଚିତ ହୋଇ ରାଷ୍ଟ୍ରର ସର୍ବୋଚ୍ଚ ଶାସକ ହୋଇଥିଲେ। କିନ୍ତୁ ସେମାନେ ମିଥ୍ୟା ରାଷ୍ଟ୍ରବାଦର ଆଶ୍ରୟ ନେଇଥିଲେ। ତାଙ୍କ ରାଷ୍ଟ୍ରବାଦ ହିଂସା, ପ୍ରତିହିଂସା, ଆଧିପତ୍ୟବାଦ, ମାନବୀୟ ମୂଲ୍ୟବୋଧର ପରିପନ୍ଥୀ ଏବଂ ଅନୈତିକତା ଉପରେ ପର୍ଯ୍ୟବସିତ ଥିଲା। ତେଣୁ ଏପରି ରାଷ୍ଟ୍ରବାଦ ଦୀର୍ଘସ୍ଥାୟୀ ହେଲାନାହିଁ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଉଭୟ ରାଷ୍ଟ୍ର ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ମୁଖ୍ୟ ଖଳନାୟକ ଆଡଲଫ୍ ହିଟଲର ଶେଷରେ ଆତ୍ମହତ୍ୟା କଲେ। ମୁସୋଲିନୀଙ୍କୁ ନିଜ ଲୋକମାନେ ହତ୍ୟାକଲେ। ମିଥ୍ୟା ରାଷ୍ଟ୍ରବାଦର ଏହା ହିଁ ଅନ୍ତିମ ପରିଣତି ହୁଏ।

ସମୟ ସମୟରେ ବିଭିନ୍ନ ରାଷ୍ଟ୍ରରେ ମିଥ୍ୟା ରାଷ୍ଟ୍ରବାଦର ଭାବନା ଅଙ୍କୁରିତ ହୁଏ। ବେଳେବେଳେ ଏମାନେ ଫାଙ୍କା ରାଷ୍ଟ୍ରବାଦର ସ୍ଲୋଗାନ ଦେଇ ଉନ୍ମାଦନା ସୃଷ୍ଟି କରି କ୍ଷମତାକୁ ବି ଚାଲିଆସନ୍ତି। ପ୍ରାରମ୍ଭରେ ଜନସାଧାରଣ ଏହାକୁ ବୁଝି ପାରନ୍ତି ନାହିଁ। ବୁଝିବା ବେଳକୁ ଏମାନେ ଦେଶର ତଥା ସମାଜର ଅନେକ କ୍ଷତି କରିପକାନ୍ତି। ଏବେ ବିଶ୍ୱର କୌଣସି ଗଣତାନ୍ତ୍ରିକ ଦେଶ ମିଥ୍ୟା ରାଷ୍ଟ୍ରବାଦରୁ ମୁକ୍ତ ନୁହେଁ। ଏହା ହିଁ ରାଷ୍ଟ୍ରକୁ ଏକଛତ୍ରବାଦୀ ଶାସନ ଆଡ଼କୁ ଟାଣି ନେଉଛି। ମିଥ୍ୟା ରାଷ୍ଟ୍ରବାଦ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଘୋର ବିପଦ। ଏଥିପାଇଁ ସର୍ବଦା ସତର୍କ ରହିବାକୁ ହେବ। ଏହାକୁ ପ୍ରତିହତ କାରିବାକୁ ପଡ଼ିବ। ଆମକୁ ଜର୍ମାନି ଓ ଇଟାଲିର ପରିଣତିକୁ ମନେ ରଖିବାକୁ ହେବ। ପ୍ରକୃତ ରାଷ୍ଟ୍ରବାଦର ଅନୁଗାମୀ ହେବାକୁ ହେବ।

ବାରିପଦା(ମୟୂରଭଞ୍ଜ),
ମୋ: ୭୦୦୮୯୭୬୧୮୦

# ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ପ୍ରତି ବିପଦ

ମାନସ କୁମାର କର

ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ସାମାଜିକ ଗଣମାଧ୍ୟମ ଓ ଅନଲାଇନ୍ ପ୍ଲାଟଫର୍ମ ସୂଚନା ପ୍ରସାରଣକୁ ଅଭୂତପୂର୍ବ ଗତି ଦେଇଛି, ଜ୍ୟୋତିଷ ବିଦ୍ୟା ମଧ୍ୟ ଡିଜିଟାଲ ବିପ୍ଳବର ଏକ ଅଂଶ ପାଲଟିଯାଇଛି। ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ଜ୍ୟୋତିଷ ସମ୍ବନ୍ଧୀୟ ପ୍ରଚାରପ୍ରସାରରେ ପରିପୂର୍ଣ୍ଣ। ଏହି ଭିଡିଓଗୁଡ଼ିକ ମଧ୍ୟରୁ ଅନେକ 'ତୁରନ୍ତ ସଫଳତା' ମନ୍ତ୍ର, ପ୍ରତିକାର କିମ୍ବା ଟୋଟକା ପ୍ରଦାନ କରିବାର ଦାବି କରନ୍ତି, ଯାହା କିଛିଦିନ ମଧ୍ୟରେ ଜୀବନର ସମସ୍ୟାର ସମାଧାନ କରିପାରିବ। ଜନ୍ମ ଚାର୍ଟର ବିସ୍ତୃତ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦେଉଥିବା ପାରମ୍ପରିକ ଏବଂ ଅଭିଜ୍ଞ ଜ୍ୟୋତିଷମାନଙ୍କ ବିଶ୍ୱସନୀୟତା ତୁଳନାରେ ଏହି ତଥାକଥିତ 'ଶୀଘ୍ର ଉପଚାର' କେତେ ପ୍ରଭାବଶାଳୀ ତାହା ବିଚାର କରିବାର ସମୟ ଆସିଛି।

ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଜ୍ୟୋତିଷ ଭିଡିଓଗୁଡ଼ିକର ପ୍ରାୟତଃ ଆକର୍ଷଣୀୟ ଶୀର୍ଷକ ଥାଏ - 'ତିନି ଦିନରେ ଧନପ୍ରାପ୍ତିର ଚମତ୍କାରୀ ଉପାୟ' କିମ୍ବା 'ମନ୍ତ୍ରରୁ ବଦଳି ଯିବ ଆପଣଙ୍କ ଭାଗ୍ୟ'। ଏହି ଭିଡିଓଗୁଡ଼ିକ ସାଧାରଣତଃ ଛୋଟ, ଶୀଘ୍ର ସମ୍ପାଦିତ ଓ ମନୋରଞ୍ଜନକାରୀ, ଯାହା ତୁରନ୍ତ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରେ। ଏଥିରେ ସୁପାରିସ କରାଯାଇଥିବା ଉପଚାରଗୁଡ଼ିକ ସରଳ ଓ ଶୀଘ୍ର ମନେହୁଏ, ଯେପରିକି ଏକ ନିର୍ଦ୍ଦିଷ୍ଟ ରଙ୍ଗର ସୂତା ବାନ୍ଧିବା, ମନ୍ତ୍ର ଜପ କରିବା କିମ୍ବା ଘରେ କୌଣସି ବସ୍ତୁ ରଖିବା। ଏହି ଉପଚାରଗୁଡ଼ିକର କୌଣସି ବୈଦିକ କିମ୍ବା



ଜ୍ୟୋତିଷଶାସ୍ତ୍ରୀୟ ଆଧାର ନାହିଁ। ମୋ ଜେଜେ ବାପା ଜ୍ୟୋତିଷଚାର୍ଯ୍ୟ ସ୍ୱର୍ଗତ ପଣ୍ଡିତ ସଦାଶିବ କରଙ୍କ କହିବା ଅନୁଯାୟୀ ଜ୍ୟୋତିଷ ଏକ ଜଟିଳ ବିଜ୍ଞାନ, ଯେଉଁଥିରେ ଗ୍ରହ, ନକ୍ଷତ୍ର ଓ କୁଣ୍ଡଳୀର ବାରଟି ଘରର ଗଭୀର ଅଧ୍ୟୟନ ଜଡ଼ିତ। ଜଣେ ବ୍ୟକ୍ତିଙ୍କ କୁଣ୍ଡଳୀ ବିଶ୍ଳେଷଣ ନକରି ସାଧାରଣ ଉପଚାର ଦେବା କେବଳ ଦାୟିତ୍ୱହୀନ ନୁହେଁ, ବରଂ ଲୋକଙ୍କୁ ଭୁଲ ଦିଗରେ ନେଇପାରେ। ଏପରି ଭିଡିଓର ଉଦ୍ଦେଶ୍ୟ ପ୍ରାୟତଃ ଦର୍ଶକଙ୍କୁ ଭ୍ରମିତ କରିବା।

ଜ୍ୟୋତିଷ ଶାସ୍ତ୍ର କେବେବି କମ୍ ସମୟ ମଧ୍ୟରେ ଶିଖି ହେବ ନାହିଁ। ବିଶେଷଜ୍ଞଙ୍କ ମତରେ, ପ୍ରାମାଣିକ ଓ ଅଭିଜ୍ଞ ଜ୍ୟୋତିଷମାନେ କୌଣସି ପ୍ରତିକାର ପରାମର୍ଶ ଦେବା ପୂର୍ବରୁ ଜନ୍ମ କୁଣ୍ଡଳୀକୁ ଗଭୀର ଭାବରେ ଅଧ୍ୟୟନ କରନ୍ତି। ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମ ସମୟରେ ଗ୍ରହଗୁଡ଼ିକର ସ୍ଥିତି ଉପରେ ଆଧାରିତ। କୁଣ୍ଡଳୀରେ ଗ୍ରହଗୁଡ଼ିକର ଗୋଚର, ଦଶା, ଅନ୍ତରଦଶା ଏବଂ ବିଭିନ୍ନ ଯୋଗ ବିଶ୍ଳେଷଣ କରାଯାଇ ଜଣେ ବ୍ୟକ୍ତିଙ୍କୁ କି ପ୍ରକାରର ପ୍ରତିକାର ଆବଶ୍ୟକ ତାହା ନିର୍ଣ୍ଣୟ କରାଯାଏ। ଏହି ପ୍ରକ୍ରିୟା ସମୟସାପେକ୍ଷ ଓ ଜଟିଳ, କିନ୍ତୁ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଶୀଘ୍ର ସଫଳତାର ମନ୍ତ୍ର ଦେଉଥିବା ଭିଡିଓଗୁଡ଼ିକ ଲୋକପ୍ରିୟତା ବୃଦ୍ଧି କରିବା ପାଇଁ କେବଳ ଏକ ଭ୍ରମାତ୍ମକ କି ନାହିଁ ତାହା ବିଚାର କରିବା ଉଚିତ।

ସାମାଜିକ ଗଣମାଧ୍ୟମରେ ଭିଉ, ଲାଇକ୍ ଓ ସବସ୍କ୍ରାଇବର୍ ସଂଖ୍ୟା ସିଧାସଳଖ ଆୟ ସହିତ ଜଡ଼ିତ। ତେଣୁ ଅନେକ ଅନଭିଜ୍ଞ ଓ ଆତ୍ମଘୋଷିତ ଜ୍ୟୋତିଷ ଆକର୍ଷଣୀୟ ଓ ଚାଞ୍ଚଲ୍ୟକର ବିଷୟବସ୍ତୁ ସୃଷ୍ଟି କରି ଦର୍ଶକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ସେମାନେ ଜଟିଳ ଜ୍ୟୋତିଷ ନୀତିଗୁଡ଼ିକୁ ସରଳୀକରଣ କରନ୍ତି। ଭିଡିଓଗୁଡ଼ିକୁ ଶୀଘ୍ର ସମାଧାନର ସୂତ୍ରରେ ପରିଣତ କରନ୍ତି, ଯାହା ପ୍ରକୃତରେ ଜ୍ୟୋତିଷ ଶାସ୍ତ୍ରର ଗଭୀରତାକୁ ଦୁର୍ବଳ କରିଦିଏ। କିଛି ଲୋକ ଉପରସ୍ତରର ସୂଚନା ଉପରେ ଆଧାରିତ ଭିଡିଓ ତିଆରି କରନ୍ତି, ଯାହା ପୁସ୍ତକ, ଇଣ୍ଟରନେଟ୍ କିମ୍ବା ଅନ୍ୟାନ୍ୟ ଉତ୍ସରୁ ନିଆଯାଇଥାଏ। ଅନେକ ଆତ୍ମଘୋଷିତ ଜ୍ୟୋତିଷଙ୍କର ନା ଆନୁଷ୍ଠାନିକ ତାଲିମ ଅଛି ନା ଅଭିଜ୍ଞତା। ତଥାପି ସେମାନେ ସେମାନଙ୍କର ଆତ୍ମବିଶ୍ୱାସ, ଆକର୍ଷଣୀୟ ଉପସ୍ଥାପନା ଓ ବଜାର ରଣନୀତି ଆଧାରରେ ଲକ୍ଷ ଲକ୍ଷ ଦର୍ଶକଙ୍କ ପାଖରେ ପହଞ୍ଚନ୍ତି। ଏହା କେବଳ ଜ୍ୟୋତିଷ ଶାସ୍ତ୍ରର ବିଶ୍ୱସନୀୟତାକୁ ହ୍ରାସ କରେ ନାହିଁ, ବରଂ ଏହି ଉପଚାର ଉପରେ ନିର୍ଭର କରୁଥିବା ଲୋକଙ୍କୁ ମଧ୍ୟ ନିରାଶ କରେ।

ଜ୍ୟୋତିଷ ଏକ ପ୍ରାଚୀନ ଓ ସମ୍ମାନିତ ବିଜ୍ଞାନ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ମାର୍ଗଦର୍ଶନ କରିବା ପାଇଁ ବ୍ୟବହୃତ ହୋଇଆସୁଛି। କିନ୍ତୁ ସାମାଜିକ ଗଣମାଧ୍ୟମରେ ସମ୍ପ୍ରତି ପ୍ରଚାରିତ ଏପରି ଭ୍ରମାତ୍ମକ ଭିଡିଓ ସେହି ମହାନ୍ ପ୍ରାଚୀନ ବିଜ୍ଞାନସମ୍ମତ ବିଦ୍ୟାର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି। ଯେତେବେଳେ ଲୋକମାନେ ଏହି ତଥାକଥିତ ଉପଚାରଗୁଡ଼ିକୁ ପ୍ରୟୋଗ କରିବାର ଚେଷ୍ଟା କରନ୍ତି ଏବଂ କୌଣସି ଲାଭ ପାଆନ୍ତି ନାହିଁ, ସେମାନେ କେବଳ ସେହି ଭିଡିଓଗୁଡ଼ିକ ଉପରେ ବିଶ୍ୱାସ ହରାନ୍ତି ନାହିଁ, ବରଂ ଜ୍ୟୋତିଷ ବିଷୟରେ ପ୍ରଶ୍ନ ଉଠାନ୍ତି। ଏହା ଅଭିଜ୍ଞ ଜ୍ୟୋତିଷମାନଙ୍କ ପାଇଁ ମଧ୍ୟ ଏକ ଆହ୍ୱାନ ସୃଷ୍ଟି କରେ।

ଶେଷରେ ଏହା କହିବା ଭୁଲ ହେବ ନାହିଁ ଯେ ଶୀଘ୍ର ସଫଳତା ପାଇଁ ମନ୍ତ୍ର ଦେଉଥିବା ଜ୍ୟୋତିଷ ଭିଡିଓଗୁଡ଼ିକ ଅଧିକାଂଶ ଭାବରେ ଭ୍ରମାତ୍ମକ ଓ ଲୋକପ୍ରିୟତା ପାଇଁ ତିଆରି ହୋଇଥାଏ। ସେମାନେ ଲୋକଙ୍କ ଭାବନା ଓ ଆଶାକୁ ଶୋଷଣ କରନ୍ତି, ତାହା ମଧ୍ୟ କୌଣସି ଦୃଢ଼ ଆଧାର ବିନା। ଅନ୍ୟପକ୍ଷରେ ପ୍ରକୃତ ଜ୍ୟୋତିଷମାନେ, ଯେଉଁମାନେ କୁଣ୍ଡଳୀର ସମ୍ପୂର୍ଣ୍ଣ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦିଅନ୍ତି, ସେମାନେ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଜ୍ୟୋତିଷ ହେଉଛି ବିଜ୍ଞାନ ଓ କଳାର ମିଶ୍ରଣ, ଯାହା କେବଳ ସେତେବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ଏହାକୁ ଗମ୍ଭୀରତା ଓ ଦାୟିତ୍ୱର ସହିତ ଗ୍ରହଣ କରାଯାଏ। ଆମେ ଶୀଘ୍ର ସଫଳତାର ଲୋଭକୁ ପଛରେ ପକାଇ ଧୈର୍ଯ୍ୟ ଓ ବୁଝାମଣା ସହିତ ସଠିକ୍ ମାର୍ଗଦର୍ଶନ ଖୋଜିବା ଉଚିତ। ତେବେ ହିଁ ଆମେ ଜ୍ୟୋତିଷର ପ୍ରକୃତ ଲାଭ ପାଇପାରିବା ଏବଂ ଏହି ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ବଜାୟ ରଖିପାରିବା।

କୋଡାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଧୂପର ଧ୍ରୁପଦୀ ମାନସିଂହ ସାହିତ୍ୟ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

କବି ଓ ଲେଖକ ଭାବରେ ମାୟାଧର ମାନସିଂହ କେତେ ଉଚ୍ଚକୋଟୀର ପୁସ୍ତକର ସଫଳ ସ୍ରଷ୍ଟା, ତାହା ସଚେତନ ପାଠକ ମାତ୍ରକେ ଅବଗତ। ତେବେ ତାଙ୍କ ନିଜ ଦୃଷ୍ଟିରେ ସ୍ୱରଚିତ କବିତା ପୁସ୍ତକ 'ଧୂପ'ହିଁ ଥିଲା ତାଙ୍କର ସବୁଠାରୁ ପ୍ରିୟ। ଓଡ଼ିଆ ପାଠକମାନଙ୍କ କଣ୍ଠରେ ଏହାର ପ୍ରାଣସ୍ପର୍ଶୀ ପଦପଂକ୍ତି କି ମାର୍ମିକ ଭାବରେ ଏ ପର୍ଯ୍ୟନ୍ତ ଆବୃତ୍ତି ହେଉଛି, ଏହା ବି ଜାଣନ୍ତି ସଭିଏଁ। ରୋମାଣ୍ଟିକ ଆବେଗର ପରିଶୁଦ୍ଧତା ବହନ କରି ଏହା ହୋଇଛି ଲୋକାଦୃତ। କିନ୍ତୁ କ'ଣ ସେତିକି ହିଁ ଏ ବହିଟିର ବିଶେଷତ୍ୱ? ଏହା ଯେ 'କ୍ଲାସିକ-ଧର୍ମୀ ରୋମାଣ୍ଟିକ' ଭାବଧାରାର ପ୍ରବାହ - ଏହି ସତ୍ୟକୁ ପୁନଃପୁନଃ ଆବିଷ୍କାର କରିପାରିଲେ ମାନସିଂହଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ମର୍ମଧ୍ୱନି ସ୍ପଷ୍ଟରୁ ଅଧିକ ସ୍ପଷ୍ଟତର ହୋଇଉଠିବ।

ରୋମାଣ୍ଟିକ-କବିଙ୍କ ଲକ୍ଷଣ ସମ୍ପର୍କରେ କୁହାଯାଇଛି, ସେମାନେ ହେଉଛନ୍ତି ପଳାୟନବାଦୀ। ସମାଜର ବିଷାକ୍ତ ବଳୟରୁ ମୁକ୍ତ ହେବା ପାଇଁ ସେମାନେ ଲୋଡ଼ନ୍ତି ପ୍ରକୃତିର ନିର୍ଭୟ ଆଶ୍ରୟ। ଆଉ କ୍ଲାସିକ-କବିଙ୍କ ଗୁଣଧର୍ମ ବିଶ୍ଳେଷଣ କରି ଏହାହିଁ ପ୍ରତିପାଦନ କରାଯାଇଛି ଯେ ସେମାନେ ଦୁଃଖ କଷ୍ଟ ବରଣ କରି ନିଅନ୍ତି ଅବିଚଳିତ ଚିତ୍ତରେ। ସେମାନଙ୍କ ବିଶ୍ୱାସ ହେଉଛି ଏହି ବେଦନା ଗ୍ରହଣ କରିବା ଦ୍ୱାରା ଅନ୍ତରାତ୍ମା ହୋଇଯାଏ ସ୍ୱଚ୍ଛ ଓ ନିର୍ମଳ। 'କ୍ଲାସିକ-ସାହିତ୍ୟ'କୁ 'ଧ୍ରୁପଦୀ' ନାମରେ ପରିଚିତ କରିଦିଆଯାଇଛି ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟରେ। ଏ ଦୃଷ୍ଟିଭଙ୍ଗୀରୁ ବିଚାର କଲେ କେବଳ 'ଧୂପ' କବିତା ସଂକଳନ ନୁହେଁ, ସମଗ୍ର ମାନସିଂହ ସାହିତ୍ୟ ହେଉଛି ଉଚ୍ଚମାନର 'କ୍ଲାସିକ' ବା 'ଧ୍ରୁପଦୀ-ସାହିତ୍ୟ'। ଆଉ ତାଙ୍କ ସଂଘର୍ଷମୟ ଜୀବନ ମଧ୍ୟ ହେଉଛି ସମାନ ପର୍ଯ୍ୟାୟର।

ଏ ପ୍ରସଙ୍ଗରେ 'ଧୂପ' କବିତା ପୁସ୍ତକର ଏକାଧିକ ପଦ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କଲେ ସେହି ମହତ୍ତର ସତ୍ୟର ସ୍ୱରୂପ ହୋଇଉଠିବ ପ୍ରଜ୍ଞାଦୀପ୍ତ। କବିଙ୍କ ବର୍ଣ୍ଣନା ଏହିପରି - 'ମନେହୁଏ ଧୂପ ସମ ଦଗ୍ଧ ହୋଇ ବାଷ୍ପ ଯିବିହୋଇ / ପ୍ରଣୟର ଅଗ୍ନିଶେଷେ ପ୍ରଣୟର ଭସ୍ମ ଯିବ ଥୋଇ / ବକ୍ଷେ ମୋର ଯଜ୍ଞ ଜଳେ, ତୁମେ ତହିଁ ଜୀବନ ଦେବତା / ଆତ୍ମାମୋର ଯଜ୍ଞ-କାଷ୍ଠ ଘୃତାହୁତି ତୁମର ମମତା।' କିମ୍ବା 'ଅଶ୍ରୁ-ଆହୁତି, ପ୍ରଣୟଯଜ୍ଞ ମମ / ବ୍ୟଥାର ଅଗ୍ନି ଜଳୁଅଛି ନିର୍ମମ / ପ୍ରିୟଗୋ ମୋର / ଭାବୁଛ କି ମୁହିଁ ଚାହେଁ ତା'ର ଉପଶମ?'

ଦୁଃଖ, ଯନ୍ତ୍ରଣା, ବିରହ, ଅପବାଦ-ଏସବୁକୁ ବରଣ କରିନେବାର ଶକ୍ତି ଆହରଣ କରି ସାରିଥିଲେ ମାନସିଂହ। ସେଥିପାଇଁ ପଦ୍ୟ ହେଉ ବା ଗଦ୍ୟ ପରବର୍ତ୍ତୀ କାଳରେ ଯାହା ସେ ରଚନା କରିଛନ୍ତି, ଏହାଠାରୁ ତାହା ଭିନ୍ନ ହୋଇପାରିନି। 'ହେମଶସ୍ୟ', 'ପୂଜାରିଣୀ', 'ଜେମା', 'ସାଧବ ଝିଅ', 'କୋଣାର୍କ' କବିତା ପୁସ୍ତକ, 'କମଳାୟନ' ମହାକାବ୍ୟ, 'ଜୀବନୀ ଓ ପ୍ରବନ୍ଧ', 'କବି ଓ କବିତା', 'ସରସ୍ୱତୀ ଫକୀରମୋହନ' ଆଦି ସମସ୍ତ ଗ୍ରନ୍ଥର ଯଦି ସାରନିର୍ଯାସ କାଢ଼ି ଦିଆଯାଏ, ତାହା 'ଧୂପ'ର ଅନ୍ତଃସ୍ୱରଠାରୁ କଦାପି ଭିନ୍ନ ହେବ ନାହିଁ। ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି ତୀବ୍ର ସମାଲୋଚନାର ଶରବ୍ୟ ହୋଇଛନ୍ତି ସେ। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ସେ ଯେଉଁ ଉଚ୍ଚତାକୁ ନେଇ ଯାଇପାରିଥିଲେ ଅନୁଷ୍ଠାନକୁ ଆଉ ତାହାର ଦ୍ୱିତୀୟ ଉଦାହରଣ ନାହିଁ। ସେଠାରେ ମଧ୍ୟ ସେ ସମ୍ମୁଖୀନ ହୋଇଛନ୍ତି ଯେଉଁ ଜଟିଳ ପରିସ୍ଥିତିର, ତାହାର ବିସ୍ତୃତ ବର୍ଣ୍ଣନା ରଖି ଯାଇଛନ୍ତି 'ଶିକ୍ଷାବିତର ଗାଥା' ଗ୍ରନ୍ଥରେ। କର୍ମକ୍ଷେତ୍ରରେ ଯେଉଁମାନଙ୍କ ନିକଟରୁ ସେ ହୋଇଛନ୍ତି ଲାଞ୍ଛିତ ଓ ଅପମାନିତ ସେମାନଙ୍କ ପ୍ରତି ପ୍ରତିଶୋଧ ପରାୟଣ ହେବାର ଅପରିଚ୍ଛନ୍ନ ଉପାଦାନରେ ଗଠିତ ହୋଇ ନ ଥିଲା ତାଙ୍କ ଚେତନା। ଗ୍ରନ୍ଥଟିରେ ତାଙ୍କ ବର୍ଣ୍ଣିତ ବାକ୍ୟ ଉପରେ ଧ୍ୟାନ ଦେଲେ ବୁଝିହୁଏ କି ବିଶାଳ ଥିଲା ତାଙ୍କ ହୃଦୟ। ସେଠାରେ ସେ ଲେଖୁଛନ୍ତି - 'ଦୁଃଖ-ନିର୍ଯାତନା ସବୁକୁ ନିରବରେ ସହି, ଅତ୍ୟାଚାରୀଙ୍କୁ, ଶତ୍ରୁକୁ ଆଶୀର୍ବାଦ କରି କରି ଓ ଭଗବାନଙ୍କୁ ଅନ୍ତରରେ ଡାକି ଡାକି ସହିଯିବା ହିଁ ସଙ୍କଟ ବିପଦର ସବୁଠୁ ବଡ଼ ଔଷଧ।'

ମାନସିଂହ ଯୀଶୁ, ଗାନ୍ଧୀ, ରାମକୃଷ୍ଣ ପରମହଂସ ପ୍ରମୁଖ କେଉଁ ମହାପୁରୁଷଙ୍କ ଜୀବନ-ଚିତ୍ର ବା ଅଙ୍କନ କରିନାହାନ୍ତି! ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଏକଲା ଚଲୋ' ସଂଗୀତ ତାଙ୍କୁ ଏକୁଟିଆ ଚାଲିବାର ସାହସ ଦେଇଛି ବୋଲି 'କବି ଓ କବିତା'ଗ୍ରନ୍ଥରେ ଆବେଗର ସହ ଉଦ୍ଧାର କରିଛନ୍ତି। ପ୍ରେମର ଯଜ୍ଞବେଦୀରେ ସେ ଧୂପ ପରି ଜଳି ଜଳି ଚତୁଃର୍ଦିଗରେ ବାଣ୍ଟି ଦେଇ ପାରିଛନ୍ତି ଜୀବନର ସୌରଭ। ନୀଳକଣ୍ଠ ସଦୃଶ ବିଷପାନ କରି ଯିଏ ଜଗତକୁ କରନ୍ତି ଅମୃତ ଦାନ ସିଏ ହିଁ ହେଉଛନ୍ତି କ୍ଲାସିକ ସ୍ରଷ୍ଟା। ମାନସିଂହ ସାହିତ୍ୟ ହେଉଛି ସେଥିପାଇଁ ଧୂପର ଧ୍ରୁପଦୀ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବ ଶତ୍ରୁତାରୁ ହତ୍ୟା, ୨ ଗିରଫ

ସମ୍ବଲପୁର, ୧୦।୯ (ସମିସ): ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ବିଜ୍‌ଲିନଗରର ବରୁଣ ସାହୁ (୪୫) ହତ୍ୟା ଘଟଣାର ତଦନ୍ତ କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଶେରପୁର ଗ୍ରାମର ମୂଳ ବାସିନ୍ଦା ବର୍ତ୍ତମାନ ବୁର୍ଲା ବିଜ୍‌ଲିନଗରରେ ରହୁଥିବା ଚୁନୁ ସାହୁ (୨୭) ଓ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଦେବାହାଲର ମୂଳବାସିନ୍ଦା ବର୍ତ୍ତମାନ ବିଜ୍‌ଲିନଗରରେ ରହୁଥିବା ଅଶ୍ୱିନୀ ଭୁଏ (୪୫)। ପୂର୍ବଶତ୍ରୁତାରୁ ସେମାନେ ବରୁଣଙ୍କୁ ହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଦୁଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ଗତ ୯ ତାରିଖ ବୁର୍ଲା ବିଜଲିନଗରର ବୃନ୍ଦାବତୀ ସାହୁ ତାଙ୍କ ସ୍ୱାମୀ ବରୁଣ ସାହୁଙ୍କୁ ଏ.କଟାପାଲିର



ହୁଡ଼ିଆପଦା ଜଙ୍ଗଲରେ ଚୁନୁ ଓ ଅଶ୍ୱିନୀ ମିଶି ହତ୍ୟା କରିଥିବା ନେଇ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୃନ୍ଦାବତୀଙ୍କ ଅଭିଯୋଗ ଆଧାରରେ ପୁଲିସ ବୁର୍ଲା ଥାନା କେସ ନଂ. ୩୯୧/୨୦୨୫ରେ ମାମଲା ରୁଜୁକରି ଉଭୟ ଚୁନୁ ଓ ଅଶ୍ୱିନୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏହି ସମୟରେ ଉଭୟେ ପୂର୍ବ ଶତ୍ରୁତାରୁ ବରୁଣଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କୁ ଗିରଫ କରି ହୁଡ଼ିଆପଦା ଜଙ୍ଗଲ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ପୁଲିସ ବରୁଣଙ୍କ ମୃତଦେହ ଉଦ୍ଧାର କରିବାସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠବେଣ୍ଟ ଲଗା କୁରାଢ଼ିକୁ ମଧ୍ୟ ଜବତ କରିଛି। ବୁର୍ଲା ଥାନା ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟ ଅଭିଯୁକ୍ତ ଚୁନୁ ଓ ଅଶ୍ୱିନୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେନା କବ୍‌ଜାରେ...

ନିଆଁ ଲଗାଇ ଦେଇଥିଲେ। ଏଥିରେ ଗଙ୍ଗାଙ୍କ ମୃତ୍ୟୁ ହୋଇଥଇଲା ବୋଲି କୁହାଯାଇଛି। ତେବେ ମୃତଦେହ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ଏପରି ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଯୁବ ଗୋଷ୍ଠୀଙ୍କ ନାମରେ ଖୋଲା ଚିଠି ଲେଖିଛନ୍ତି। ସେ ଏଥିରେ ବିକ୍ଷୋଭକୁ ବଡ଼ ଷଡ଼ଯନ୍ତ୍ର କହିଛନ୍ତି। କାର୍ଯ୍ୟାଳୟ ଜାଳିଦେବା ଏବଂ ଜେଲ୍‌ରୁ କଏଦୀଙ୍କୁ ଭଗାଇବା ଘଟଣାକୁ ଯୋଜନାବଦ୍ଧ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏପରି ସମୟରେ ଜେନ୍ ଜେଡ୍ ଗୋଷ୍ଠୀ ନିଜ ଦାବି ରଖିଛନ୍ତି। ସରକାରରେ ସଂସ୍କାରେ, ପ୍ରତିନିଧି ସଭା ଭଙ୍ଗ, ନୂତନ ଭାବେ ସମ୍ବିଧାନ ଲେଖିବା କିମ୍ବା ସଂଶୋଧନ ଏବଂ ଗତ ତିନି ଦଶନ୍ଧି ମଧ୍ୟରେ ରାଜନେତାଙ୍କ ଦ୍ୱାରା ହୋଇଥିବା ଲୁଟର୍ ତଦନ୍ତ କରିବାକୁ ଦାବି ହୋଇଛି। ବିକ୍ଷୋଭରେ ପ୍ରାଣ ହରାଇଥିବା ଲୋକଙ୍କୁ ସହିଦ ମାନ୍ୟତା, ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନ ଦେବାକୁ କୁହାଯାଇଛି। ବେକାରୀର ମୁକାବିଲା ପାଇଁ ସାମାଜିକ ଯୋଜନା, ପ୍ରବାସନକୁ ରୋକିବା,ସାମାଜିକ ଅନ୍ୟାୟ ଦୂର କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ, ସୁରକ୍ଷା ଏବଂ ଯୋଗାଯୋଗକୁ ମଜବୁତ କରିବାକୁ ମଧ୍ୟ ଦାବି କରାଯାଇଛି।

ନେପାଳ ହିଂସା କଏଦୀଙ୍କ ପାଇଁ ଏକ ସୁଯୋଗ ସାବ୍ୟସ୍ତ ହୋଇଛି। ପୁଲିସର ସୂଚନା ଅନୁଯାୟୀ, ସାରା ଦେଶର ଜେଲ୍‌ରୁ ପ୍ରାୟ ୧୧ ହଜାର କଏଦୀ ଫେରାର ହୋଇଯାଇଛନ୍ତି। ପଶ୍ଚିମ ନେପାଳର ଏକ ଜେଲ୍‌ରେ ସୁରକ୍ଷାକର୍ମୀ ଏବଂ କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଠାରେ ପୁଲିସ ଗୁଳିରେ ୫ କଏଦୀ (ନାବାଳକ)ଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶକୁ ଲାଗିଥିବା ନେପାଳୀ ଜିଲ୍ଲା ଏହି ହିଂସାରେ ପ୍ରଭାବିତ ହୋଇଛି। ଏଠାରେ ବୁଧବାର ପୁଣି ହିଂସା ହୋଇଛି। ସରକାରୀ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ଜାଳି ଦେଇଛନ୍ତି। କିଛି ସ୍ଥାନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଏହାକୁ ଦେଖି ସୀମାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ନେପାଳ ଜେଲ୍‌ରୁ ଫେରାର ୯ କଏଦୀଙ୍କୁ ମହାରାଜଗଞ୍ଜର ସୋନୌଲି ସୀମାରୁ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଗିରଫ କରିଛି। ସେହିପରି ଲକ୍ଷ୍ମୀପୁର, ମହାରାଜଗଞ୍ଜ ଏବଂ ବହରାଇଚ ସୀମା ସିଲ୍ ହୋଇଥିବାରୁ ଭାରତର ୨୦୦ରୁ ଅଧିକ ଟ୍ରକ୍ ଡ୍ରାଇଭର ନେପାଳରେ ଫସି ରହିଛନ୍ତି। ସେମାନେ ଭୟରେ କାଳତିପାତ କରୁଛନ୍ତି। ହିଂସାରେ ତାଙ୍କ ଟ୍ରକ୍‌କୁ ପୋଡ଼ି ଦେବାର ଭୟ ରହିଛି। ସୋନୌଲି ସୀମାରେ ଭାରତ ଅଭିମୁଖେ ୮ କିମି ପର୍ଯ୍ୟନ୍ତ ଲମ୍ବା ଲାଇନ ଲାଗି ରହିଛି। ଶୀଘ୍ର ଛାଡ଼ିବା ପାଇଁ ସେମାନେ ଏଜେନ୍ସିଗୁଡିକୁ ଅନୁରୋଧ କରୁଛନ୍ତି। ଅନ୍ୟପଟେ ନେପାଳରେ ଫସିଥିବା ତେଲୁଗୁ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଆନ୍ଧ୍ର ପ୍ରଦେଶ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଦୂତାବାସ ସହ ଯୋଗାଯୋଗ କରି ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି।

### କାଠମାଣ୍ଡୁରେ ଫସିଛନ୍ତି...

କୁଲେଶ୍ୱରରେ ରହୁଥିବା ବେଳେ ପ୍ରକଳ୍ପ କାମ ପାଇଁ ଦକ୍ଷିଣକାଳୀକୁ ଯାଇ ସେଠାରେ ଫସି ରହିଛନ୍ତି। ସେହିପରି ଶ୍ରୀରାମପୁରର ସଂଗ୍ରାମ ମହାପାତ୍ର କାଠମାଣ୍ଡୁରେ ଥିବା ବେଳେ ଆସନ୍ତା ୨୫ତାରିଖରେ ଘରକୁ ଫେରିବାର ଥିଲା। କିନ୍ତୁ ତାଙ୍କ ଫେରିବା ରାସ୍ତା ବନ୍ଦ ହୋଇ ଯାଇଥିବାରୁ ଓ ଫୋନ୍‌ରେ ଯୋଗାଯୋଗ ହୋଇପାରୁନଥିବାରୁ ପତ୍ନୀ ପାର୍ବତୀ ମହାପାତ୍ର ଚିନ୍ତାରେ ପଡ଼ିଛନ୍ତି। ତାଙ୍କ ସ୍ୱାମୀଙ୍କୁ ନିରାପଦରେ ଭାରତ ଫେରାଇ ଆଣିବା ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳର ତରଡିପାଳ ଏବଂ ପେଣ୍ଠପାଳ ପଞ୍ଚାୟତର ଚନ୍ଦନ ବେହେରା, ମାନସ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ସଞ୍ଜୟ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, କଳନ୍ଦୀ ଗୋଛାୟତ, ବିଭୂତି ଭୂଷଣ ଦାସ, ଭାସ୍କର ସେଠୀ, ପ୍ରତାପ ସେଠୀ, ପୁରୁଷୋତ୍ତମ ଦାସ, ଶତ୍ରୁଘ୍ନ ଦାସ, ସୁଦର୍ଶନ ଦାସ, ଦିନେଶ ସେଠୀ, ଭୋଲାନାଥ ସେଠୀ ପ୍ରମୁଖ ବହୁ ଲୋକ ନେପାଳ କାଠମାଣ୍ଡୁରେ ଫସି ରହିଛନ୍ତି।

### ଅକ୍ଟୋବରରୁ ସାରା...

ଭୋଟରେ ସାମିଲ ପାଇଁ ଏସ୍‌ଆଇଆର୍ ଯୋଗ୍ୟତା ତାରିଖ ଏବଂ ତାଲିକାର ଡିଜିଟାଇଜେସନ ଓ ଅପଲୋଡିଂ ସଂପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଗୋଟିଏ ପୋଲିଂ ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ରୁ ଅଧିକ ହେବା ଉଚିତ ନୁହେଁ ବୋଲି ନିର୍ବାଚନ ଅଧିକାରୀ ମତ ଦେଇଥିଲେ। ବୈଠକରେ ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ଉପସ୍ଥାପନ କରିଥିଲେ। ରାଜ୍ୟରେ ଏସ୍‌ଆଇଆର୍ ବେଳେ ଅଧିକାରୀମାନେ ସମ୍ମୁଖୀନ ହୋଇଥିବା ସମସ୍ୟା ଏବଂ ଏହାର କିପରି ମୁକାବିଲା କରାଯାଇଥିଲା, ସେସଂପର୍କରେ କହିଥିଲେ। ଏହି ଅବସରରେ ନିର୍ବାଚନ କମିସନ କହିଥିଲେ ଯେ ବିହାରରେ ଏସ୍‌ଆଇଆର୍ ପାଇଁ ଗତବର୍ଷ ଜୁନ୍ ୨୪ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଦେଶର ଅବଶିଷ୍ଟ ଅଞ୍ଚଳ ପାଇଁ ଖୁବଶୀଘ୍ର ତାରିଖ ଘୋଷଣା କରାଯିବ। ନିର୍ବାଚନ କମିସନ କହିଥିଲେ ଯେ ଏସ୍‌ଆଇଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ।ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା। ଯେଉଁମାନେ ମୃତ୍ୟୁ ବରଣ କରିଛନ୍ତି, ଯେଉଁମାନେ ଅନ୍ୟ ଅଞ୍ଚଳକୁ ସ୍ଥାୟୀ ଭାବେ ଚାଲିଯାଇଛନ୍ତି, ଯେଉଁମାନଙ୍କର ଦୁଇଟି ସ୍ଥାନରେ ନାମ ରହିଛି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି, ସେମାନଙ୍କ ନାମକୁ ଏହି ପ୍ରକ୍ରିୟାରେ କାଟି ଦିଆଯିବ। ତେବେ ସଂଶୋଧିତ ତାଲିକାରେ ଯେପରି ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯିବ, ସେଥିପାଇଁ ଉଦ୍ୟମ କରାଯିବ। ଏସ୍‌ଆଇଆର।‌ରେ ନାମ ପଞ୍ଜୀକରଣ ପାଇଁ କମିସନ ବିହାରରେ ଯେଉଁ ୧୧ଟି ଦସ୍ତାବିଜ ଲୋଡ଼ିଥିଲେ, ସେଥିରେ ଆଧାର ନଥିଲା। ଏହାକୁ ନେଇ ବିବାଦ ଦେଖାଦେବାରୁ ଆଧାରକୁ ଏହି ଦସ୍ତାବିଜ ତାଲିକାରେ ସାମିଲ କରିବାପାଇଁ ସୁପ୍ରିମ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଶିଥିଳ ପଡ଼ିଲା...

ମନରେ ମଧ୍ୟ ଅସନ୍ତୋଷ ସୃଷ୍ଟି କରିଛି। ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋର୍ଡ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି। ଦିନକ ପରେ ସରକାରକୁ ପୂରିବ ୧୫ ମାସ। ମାତ୍ର ମନ୍ତ୍ରୀ ପରିଷଦରେ ଆବଶ୍ୟକ ଥିବା ଆଉ ୬ ମନ୍ତ୍ରୀ ପଦ ସହ ନିଗମ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଏସବୁ ପଦବୀ ପୂରଣରେ ଅହେତୁକ ବିଳମ୍ବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ସରକାର ଓ ସଂଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

### ୩ ବର୍ଷରେ...

ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଥିଲେ ହେଁ ସେମାନେ ଏହାକୁ ଏଡ଼ାଇବାକୁ ବିଳାସପୂର୍ଣ୍ଣ ସାମଗ୍ରୀ ଓ ପ୍ରିମିୟମ ଉତ୍ପାଦଗୁଡ଼ିକରେ କରୁଥିବା ବ୍ୟୟକୁ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଯାହାର ନକରାତ୍ମକ ପ୍ରଭାବ ବଜାର ଉପରେ ପଡୁଛି। ପାରିବାରିକ ଖର୍ଚ୍ଚ ବୃଦ୍ଧି ଲୋକଙ୍କ ଗ୍ରାହକ ବା ଉପଭୋକ୍ତା ଭାବନାକୁ ଦୁର୍ବଳ କରିଛି। ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଗ୍ରାହକ ଆତ୍ମବିଶ୍ୱାସ ସୂଚକାଙ୍କ ଗତ ଏକ ବର୍ଷ ମଧ୍ୟରେ ୩%ରୁ ଊର୍ଦ୍ଧ୍ୱ ହ୍ରାସ ପାଇଛି। ୨୦୨୪ ମାର୍ଚ୍ଚରେ ଦେଶରେ ଉପଭୋକ୍ତା ଆତ୍ମବିଶ୍ୱାସ ସୂଚକାଙ୍କ ୯୮.୫% ରହିଥିବାବେଳେ ୨୦୨୫ ମେ ମାସରେ ଏହା ୯୫.୪%କୁ ଖସିଥିବା ଦେଖାଯାଇଛି। ଦେଶର ୫୯%ରୁ ଊର୍ଦ୍ଧ୍ୱ ପରିବାର ଆଗାମୀ କେଇମାସ ମଧ୍ୟରେ ସେମାନଙ୍କର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶଙ୍କା କରୁଛନ୍ତି ଓ ୩୦% ଲୋକ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଭବିଷ୍ୟତରେ ଅଧିକ ଖରାପ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଦେଶର ଉପଭୋକ୍ତାମାନେ ଏବେ ସେମାନଙ୍କର ଆୟର ପ୍ରମୁଖ ଅଂଶ ଶିକ୍ଷା, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ ଓ ଋଣ ପରିଶୋଧ ନିମନ୍ତେ ବ୍ୟୟ କରୁଛନ୍ତି। ସେମାନଙ୍କ ପାଖରେ ସଞ୍ଚୟ ପାଇଁ କମ୍ ଅର୍ଥ ରହୁଛି। ଯଦି ଭବିଷ୍ୟତରେ ଅଧିକ ଆୟ ହୁଏ ତେବେ ୫୪ ପ୍ରତିଶତ ପରିବାର ସଞ୍ଚୟ କରିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ମତ ଦେଇଥିବାବେଳେ ୩୮% ପରିବାର ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପାଇଁ ଏହାକୁ ଖର୍ଚ୍ଚ କରିବେ ବୋଲି ମତ ଦେଇଛନ୍ତି। ଅନ୍ୟପକ୍ଷରେ ମାତ୍ର ୭% ପରିବାର ଅଧିକ ଆୟକୁ ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ ନିମନ୍ତେ ବ୍ୟବହାର କରିବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି।

### ପେଟ୍ରୋଲ ଢାଳି...

କରାଯାଇଛି। କୌଣସି କାରଣକୁ ନେଇ ଆଜି ରାତି ପ୍ରାୟ ୯ଟା ବେଳେ ସୂରଜ ମେଣ୍ଟୁ ଛକରେ ପହଞ୍ଚି ନିଜ ସହ ଆଣିଥିବା ପେଟ୍ରୋଲକୁ ଶରୀରରେ ଢାଳିବା ପରେ ନିଆଁ ଲଗାଇ ଦେଇଥିଲେ। ସେ ହୁତୁହୁତୁ ହୋଇ ଜଳୁଥିବା ଦେଖି ଉପସ୍ଥିତ ଲୋକେ ଦୌଡ଼ି ଯାଇ ନିଆଁ ଲିଭାଇଥିଲେ। ତେବେ କ'ଣ ପାଇଁ ସେ ଏପରି ପଦକ୍ଷେପ ନେଲେ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ, ଆଜି ସେ ଇନ୍‌ଷ୍ଟାଗ୍ରାମରେ ଦୁଃଖଭରା ଷ୍ଟାଟସ୍ ଦେବା ସହ 'ମୋର କିଛି ହେଲେ କାହାର ଦୋଷ ନାହିଁ' ଲେଖି ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ପ୍ରେମକୁ ନେଇ ଝଗଡ଼ା ପରେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଏଥିରୁ ଅନୁମାନ କରାଯାଉଛି। ପୁଲିସ ଏନେଇ ଅଧିକ ତଦନ୍ତ ଚଳାଇଛି।

### ସୁଭଦ୍ରାରୁ ୨ ଲକ୍ଷ...

ମଧ୍ୟରୁ ୧୮୦୫ ଜଣ ଜୀବିତ ଥିବା ଜଣାପଡ଼ିଛି। ଅଭିଯୋଗ ପରେ ଏ ବିଷୟରେ ତଦନ୍ତ କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଘରକୁ ଘର ବୁଲି ଯାଞ୍ଚ କରାଯିବ। ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ବକେୟା ସହ ୩ କିସ୍ତିର 'ସୁଭଦ୍ରା' ଟଙ୍କା ଏକାଥରକେ ମିଳିବ। ଯେଉଁ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି, ପୁଣି ଥରେ ତର୍ଜମା କରାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି, ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଞ୍ଚ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଜମି ପାଇଁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ କ୍ଷେତ୍ର ଅନୁଧାନ କରାଯିବାକୁ କୁହାଯାଇଛି। ସେହିପରି ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟ କରି ତଦନ୍ତ ରିପୋର୍ଟ ଦେବେ। ଏଥିପାଇଁ ଦୁଇ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉ ଥରେ ସାମିଲ ପାଇଁ ଆବେଦନ କରି ପାରିବେ। ତେବେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ରକ୍ତ ଭଣ୍ଡାରରେ ଚିହ୍ନଟ...

ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ନିବେଦନ କରାଯାଇଛି। ୨୦୨୩ରେ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସମସ୍ତ ରକ୍ତଭଣ୍ଡାରରେ ଏନ୍‌ଏଟି-ପିସିଆର ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ୧୧ଟି ରକ୍ତଭଣ୍ଡାରରେ ଏହି ସୁବିଧା ରହିଛି। ଏବଂ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଅବଶିଷ୍ଟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ଉପଲବ୍ଧ ହେବ ବୋଲି ସରକାର ଜବାବ ରଖିଥିଲେ।

## ଏମଆରଆଇ ରିପୋର୍ଟ ପ୍ରଦାନରେ ଖାମଖିଆଲି

# ଏମକେସିଜିରେ ରୋଗୀ ହନ୍ତସନ୍ତ



ବ୍ରହ୍ମପୁର, ୧୦।୯ (ସମିସ): ଏମ୍‌କେସିଜି ମେଡ଼ିକାଲରେ ଥିବା ପିଏମ୍‌ଏସ୍‌ଏସ୍‌ୱାଇକୁ ଡାକ୍ତରଙ୍କ ପରାମର୍ଶକ୍ରମେ ଏମ୍‌ଆରଆଇ ପରୀକ୍ଷା କରୁଥିବା ରୋଗୀଙ୍କୁ ସଠିକ ସମୟରେ ରିପୋର୍ଟ ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ବହୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ହେବା ସହିତ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ବୁଧବାର ବହୁ ରୋଗୀ ଏମ୍‌କେସିଜି ମେଡିକାଲର ପ୍ରଶାସକ ସଂଗ୍ରାମ ଶେଖର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିବା ସହିତ ତଦନ୍ତ ଦାବି କରିଛନ୍ତି। ମେଡ଼ିକାଲର ରେଡିଓଲୋଜି ବିଭାଗରେ କାର୍ଯ୍ୟରତ କିଛି ଡାକ୍ତର ଡ୍ୟୁଟି ସମୟରେ ବିଭାଗରେ ନରହି ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରରେ ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଫଳରେ ସଠିକ ସମୟରେ ରୋଗୀଙ୍କୁ ରିପୋର୍ଟ ମିଳୁ ନଥିବା ସେମାନେ ଦର୍ଶାଇଛନ୍ତି। ରୋଗୀମାନେ ଏମ୍‌ଆରଆଇ ପରୀକ୍ଷା କରି ରିପୋର୍ଟ ପାଇଁ ଏକ ସପ୍ତାହ ଧରି ଅପେକ୍ଷା କରିବାକୁ ପଡୁଥିବା ଯୋଗୁଁ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା କହିଛନ୍ତି। ଫଳରେ ଶିଶୁ, ମେଡ଼ିସିନ ଓ ଇଏନଟି ବିଭାଗ ଭଳି ବହୁ ବିଭାଗରେ ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଶାସକ ଶ୍ରୀପଣ୍ଡାଙ୍କ ଘଟଣାର ତଦନ୍ତ କରିବା ସହ ରେଡ଼ିଓଲୋଜି ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏବଂ ତୁରନ୍ତ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।

## 'ଉତ୍କଳ'ରେ ଉତ୍ତେଜନା ଜାରି

# ଆଜି ଉଚ୍ଛେଦ ହେବ ଜବରଦଖଲ କ୍ୱାର୍ଟର୍ସ



ଭୁବନେଶ୍ୱର, ୧୦।୯ (ସମିସ): ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ଉତ୍ତେଜନା ଲାଗି ରହିଛି। କ୍ୟାମ୍ପସ୍‌ରୁ ବସ୍ତିଉଚ୍ଛେଦ ସହ ଜବରଦଖଲ ହୋଇଥିବା କ୍ୱାର୍ଟର୍ସ ଏବଂ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ବାହାର କରିବାକୁ ପୂର୍ବତନ ଛାତ୍ରଙ୍କ ସମେତ କିଛି ଛାତ୍ରଛାତ୍ରୀ ମଙ୍ଗଳବାର ଦିନ କୁଳପତିଙ୍କୁ ଘେରିଥିବା ବେଳେ ଆଜି ମଧ୍ୟ ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ଲଗାତାର ୩ ଦିନ ହେଲା ବିଶ୍ୱବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିବା ସହ ବ୍ୟାପକ ପୁଲିସ୍ ମୁତୟନ ହୋଇଛନ୍ତି। ଅପରପକ୍ଷରେ, ଆସନ୍ତାକାଲି (ଗୁରୁବାର) ଅବୈଧ ଭାବେ ଅକ୍ତିଆର ହୋଇଥିବା ସମସ୍ତ କ୍ୱାର୍ଟର୍ସକୁ ଜବରଦଖଲମୁକ୍ତ କରାଯିବ ବୋଲି ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ଭଡ଼ାରେ ଲଗାଯାଇଛି। ଚାକିରି ସରିବା ପରେ ମଧ୍ୟ ଅନେକ କର୍ମଚାରୀ କ୍ୟାମ୍ପସ୍‌ରେ ରହୁଛନ୍ତି। ଅନେକ କ୍ୱାର୍ଟର୍ସକୁ ବେଆଇନ ଭାବେ କିଛି କର୍ମଚାରୀ ଓ ବାହାର ଲୋକ କବ୍‌ଜା କରିଛନ୍ତି। ଦୀର୍ଘ ଦିନରୁ ବେଆଇନ ଅକ୍ତିଆର ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଅନୁରୂପ ଭାବେ କ୍ୟାମ୍ପସ୍‌ରେ ଅନେକ ବସ୍ତି ଗଢ଼ିଉଠିଛି।

**କ୍ୱାର୍ଟର୍ସ ଓ ବସ୍ତି ଉଚ୍ଛେଦ ଦାବିରେ ଧାରଣା**

ସେମାନଙ୍କ ପାଇଁ ନିଶା କାରବାର ବଢ଼ିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବାରମ୍ବାର ବିପଦ ସୃଷ୍ଟି କରୁଛି। ଏଣୁ ଶୈକ୍ଷିକ ପ୍ରକ୍ରିୟା ସହ ଜଡ଼ିତ ନଥିବା ସମସ୍ତଙ୍କୁ ବାହାର କରିବାକୁ ସେମାନେ ପୁନଃ ଦାବି କରିବା ସହ ଧାରଣା ଦେଇଛନ୍ତି। ଅପରପକ୍ଷରେ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ କ୍ୟାମ୍ପସ୍‌ରେ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ଅଲ୍-ଆଉଟ୍ କରାଯିବ ବୋଲି ଦୋହରାଇଛନ୍ତି। ପୂର୍ବରୁ ବେଆଇନ ଭାବେ ଦଖଲ ହୋଇଥିବା କ୍ୱାର୍ଟର୍ସ ଖାଲି କରିବାକୁ ନୋଟିସ୍ ଦିଆଯାଇଛି। ସମସ୍ତଙ୍କୁ ଉଚ୍ଛେଦ କରାଯିବ ବୋଲି ଧାରଣାରତ ଛାତ୍ରଙ୍କୁ କୁଳପତି କହିଛନ୍ତି। ଅପରପକ୍ଷରେ ଆସନ୍ତାକାଲି ଅର୍ଥାତ୍ ଗୁରୁବାର କ୍ୱାର୍ଟର୍ସ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ଜୋନ୍ ଏସିପି ଗଣମାଧ୍ୟମକୁ ସୂଚନା ଦେଇ ଆଇନଶୃଙ୍ଖଳା ବଜାୟ ରଖି ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି। ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ପୁଲିସ୍ ପହରାକୁ ଅଧିକ କଡ଼ାକଡ଼ି କରାଯାଇଛି। ହଷ୍ଟେଲ୍ ସମ୍ମୁଖରେ ଅସ୍ଥାୟୀ କ୍ୟାମ୍ପ କରିବା ସହ ହଷ୍ଟେଲ୍‌କୁ ଅଣଛାତ୍ରଙ୍କ ପ୍ରବେଶ ଉପରେ କଡ଼ା ନଜର ରଖିଛି।

# ୬୨୮ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୧୦।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଫୁଟ୍ ଟପିଛି। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତର ରହିଥିବା ନଦୀବନ୍ଧ ସୂତ୍ରରୁ କୁହାଯାଇଛି। ଆଜି ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୨୫ଫୁଟ୍ ରହିଥିଲା। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୩୯୫ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୨,୨୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬,୩୦୫ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୫୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୧୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୦.୮୯ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୨୫ ଫୁଟ୍ ରହିଥିଲା।

**NOTICE (for Minor)**

By virtue of an affidavit sworn before Executive Magistrate, Bhubaneswar Dated. 04.09.2025 I Bichitrananda Dalai Address At- Soti, Po- Hatsahi, Ps. Panikoili, Dist- Jajpur, Odisha, pin-755043, declare that i have changed the name of my daughter from Jaeyinaseni Dalai to Jagyanseni Dalai. Henceforth, she shall be known as Jagyanseni Dalai for all purpose.

**Bichitrananda Dalai**

**NOTICE**

By virtue of an affidavit sworn before the Executive Magistrate, Talcher, Dist.-Angul, dated 09th day of September 2025 I, Dipak Debta, At- Ghantapada, Podachalgarh, Po- Ghantapada, Ps – Colliery, Dist.- Angul, Odisha - 759103 declare that I have change my minor son name from ABHINAM DEBATA to ABHINAM DEBTA. Henceforth, my minor son shall be known as ABHINAM DEBTA for all purpose.

**Sd/- Dipak Debta**

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chandrika Mali. Henceforth She will be known as Chandrika Mali for all purposes.

**Sd/- Sanu Mali**

**NOTICE**

By virtue of an affidavit sworn before Executive Magistrate, Udala, Mayurbhanj No-4844, dated 09.09.2025 I, Suryakanta Nayak, Address At- Nandursahi, Po-Sarbanaghaty, Ps-Kaptipada, Dist- Mayurbhanj, Odisha-757077 declare that I have changed my name from Sruyakanta Nayak to Suryakanta Nayak. Henceforth, I will be known as **Suryakanta Nayak** for all purposes.

**NOTICE**

By virtue of an affidavit sworn before Executive Magistrate, Birmaharajpur, dated 06/09/2025, I Prashanna Kumar Padhan, At- Kanpur, Po/Ps- Birmaharajpur, Dist- Subarnapur, Pin-767018 declare that I have changed my name from Prasanna Kumar Padhan to Prashanna Kumar Padhan. Henceforth, I shall be known as Prashanna Kumar Padhan for all purposes.

**Prashanna Kumar Padhan**

**AFFIDAVIT**

I Susanta Kumar Sahu, aged about 47 years, S/o- Gandharba Sahoo, resident of Shyampur, Near Sum Hospital, PO- Ghatikia, Ps- Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1838, dtd. 09/09/2025 that now onwards I shall be known as **SUSANTA KUMAR SAHOO** for all future purposes.

**AFFIDAVIT**

I, **Jayanta Kumar Giri,** aged about 49 years, son of Pratap Chandra Giri, resident of at Plot No.: 371/4086, Nandighosh Nagar, Sisupal, P.O.: Sisupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, declare that I have changed the name of my daughter from **Sadhanamani Padmagiri** (old name to **Sadhana Manipadma Giri** (new name). Henceforth, she shall be known as **Sadhana Manipadma Giri** (new name) for all purposes.

**NOTICE**

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Bilipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.

(Sd- **MANASI BEHERA**)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS2025 033, ତା.21.08.2025ରିଖର

**ଶୁଦ୍ଧିପତ୍ର ସଂ. 01**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** କାର୍ଯ୍ୟ ଶେଷ ହେବା ଅବଧି :

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 18 (ଅଠର) ମାସ | 24 (ଚବିଶି) ମାସ |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ଯେ, ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-102/CI/25-26

**AFFIDAVIT**

I Arpita Sahu, aged about 45 years, W/o- Susanta Kumar Sahoo, resident of Shyampur, Near Sum Hospital, PO- Ghatikia, Ps-Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1839, dtd. 09/09/2025 that now onwards I shall be known as **ARPITA SAHOO** for all future purposes.

**AFFIDAVIT**

By the virtue of an affidavit sworn before Notary Public Daringibadi, Dated 21.08.2025. I JAMINRAJ NAYAK , S/o. AJAYA Nayak, Address Jhimabadi, Po: Partamaha, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from Jaminraj Digal to JAMINRAJ NAYAK son of Ajaya Pradhan to AJAYA NAYAK. Henceforth, I shall be known as JAMINRAJ NAYAK son of AJAYA NAYAK for all purposes.

**AFFIDAVIT**

I, Bijay Kumar Sahu, S/o- Prahallad Chandra Sahoo, Resident of Village- Kundibag, PO- Bhadrak By-Pass, PS- Sabarang, Dist-Bhadrak, Pin -756181, Odisha, declare by this affidavit No -.8365, dated - 09.09.2025, that now on-wards I shall be known as **BIJAY KUMAR SAHOO** for all future purposes.

| GOVERNMENT OF ODISHA | | A-604 |
|---|---|---|
| DEPARTMENT OF WATER RESOURCES | | |
| 'e' Procurement Notice No 03 (BGR) / 2025-26 | | |
| 1 | Name of work | Construction of Check Dam & Repair and Renovation of M.I.Ps |
| 2 | Total No. of work | 26 (Twenty-Six) |
| 3 | Estimated cost | Rs.12.58 Lakhs to 99.96 Lakhs |
| 4 | Period of completion | (05) Five calendar months |
| 5 | Date & time of availability of Bid Document in the portal | 10.00 hours of 12.09.2025 to 17.00 hours 21.09.2025 |
| 6 | Last date/ Time for receipt of Bids in the Portal | 21.09.2025 up to 17.00 hours |
| 7 | Date and place of opening of Technical Bid | Dt. 22.09.2025 at 10.00 Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | 24.09.2025 |
| 9 | Date of lottery scheduled to be held (If required) | 26.09.2025 |
| 10 | Name and address of the O.I.T (Officer Inviting Tender) | Superintending Engineer, Minor Irrigation Division, Balangir. |

Further details can be seen from the e-Procurement Portal "https://tendersodisha.gov.in"

Superintending Engineer, Minor Irrigation Division, Balangir.

OIPR-32550/11/0007/2526

**AFFIDAVIT**

By virtue of an affidavit No-1489, sworn before the Executive magistrate, Gondia, Dhenkanal on dtd- 08/09/2025, I **Ambuja Dehuri,** S/o- Ratanakar Dehuri, resident of At-Balipasi, Po/Ps- Nihalprasad, Dist- Dhenkanal, Pin-759016. My Aadhar Card bearing No: 3293 5768 8989, My LIC Policy Bond vide No: 585273373 & my SBI Account Passbook vide A/C No: 35711518947. I have changed my name from **Kalandi Dehury** (old name) to **Ambuja Dehuri** (new name). Henceforth both the names Kalandi Dehury and Ambuja Dehuri is one & same person & I will be known as **Ambuja Dehuri** (new name) for all future purposes.

**Ambuja Dehuri**

**AFFIDAVIT**

I, Minarani Sahu, W/o- Bijay Kumar Sahoo, Resident of Village- Kundibag, PO - Bhadrak By- Pass, PS - Sabarang, Dist-Bhadrak, Pin - 756181, Odisha, declare by this affidavit No - 8369, dated - 0 9.09.2025, that now onwards I shall be known as **MEENARANI SAHOO** for all future purposes.

**AFFIDAVIT**

I, Prahallad Chandra Sahu, S/o Late Karunakar Sahoo, Resident of Village- Kundibag, PO-Bhadrak By-Pass, PS-Sabarang, Dist-Bhadrak, Pin - 756181, Odisha, declare by this affidavit No -932, dated - 09.09.2025, that now on-wards I shall be known as **PRAHALLAD CHANDRA SAHOO** for all future purposes.

ସକାଳ
THE SAKALA



www.sakalaepaper.com

# ପାଇକମାଳକୁ ଏନ୍‌ଏସି ଦାବିରେ ବିଜେଡିର ୧୨ଘଣ୍ଟିଆ ବନ୍ଦ

ପାଇକମାଳ,୧୦।୯ (ସମିସ)



ପାଇକମାଳକୁ ଏନ୍‌ଏସି ଦାବି ନେଇ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଦିଆଯାଇ ଥିବା ବନ୍ଦ ଡାକରାରେ ପାଇକମାଳରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଗତ ବିଜେଡି ସରକାର ସମୟରେ ପାଇକମାଳକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ଚଳିତ ସରକାର ଏବେ ଯେଉଁ ଅଞ୍ଚଳକୁ ଏନଏସି ଘୋଷଣା କଲେ ସେଥିରେ ପାଇକମାଳର ନାମ ନାହିଁ। ତେଣୁ ଆଜି ବିଜେଡି ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନ ନେଇ ମଙ୍ଗଳବାର ଡାକବାଜି ଯନ୍ତ୍ରରେ ପ୍ରଚାର ପ୍ରସାର ହୋଇଥିଲା। ବନ୍ଦ ପାଳନ ପାଇଁ ସକାଳେ ଦୋକାନ ବଜାର, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିବାକୁ ବିଜୁ ଜନତା ଦଳ କର୍ମୀ ମାନେ ପିକେଟିଂ କରୁଥିବା ଦେଖାଯାଇଥିଲା। ତେବେ କିଛି ଦୋକାନ ଖୋଲା ଯିବା ନେଇ ବିଜେଡି ଓ ବିଜେପି ଦଳର କର୍ମୀ ମାନଙ୍କ ମଧ୍ୟରେ ତର୍କବିତର୍କ ହୋହାଲ୍ଲା ହୋଇଥିଲା। ଏସବୁ ଦେଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରା ଯାଇଥିଲା। ବିଜେଡି କର୍ମୀମାନେ ପାଇକମାଳ ଛକରେ ଧାରଣାରେ ବସିଥିଲେ। ବିଜେଡି ନେତା ଟାଇଲ ଚନ୍ଦ୍ର ଭୋଇଙ୍କ ପରିଚାଳନା ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବ୍ଲକ୍ ଉପାଧ୍ୟକ୍ଷ ଭାବନା ସିଂ, ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ, ଗୌତମ ସିଂ, ବିଜେଡି ନେତା ବିଜୟ ସ୍ୱାଇଁ, ବନିତା ମହାନନ୍ଦ, ସସ୍ମିତା ବାରିକ, ଗିରୀଶ ଡନସନା, ରାଜୁ ଘିବେଲା, ଭୋଜରାଜ ସିଂ ବରିହା, ଆର୍ତ୍ତତ୍ରାଣ ସାହୁ, ବେଣୁଧର ଭୋଇ, ନରସିଂହ ବନଛୋର, ଗୀତା ସୁନା ପ୍ରମୁଖ ନିଜ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଧାରଣାରେ ପାଇକମାଳ

- ଦୋକାନ ଖୋଲାକୁ ନେଇ ବିଜେଡି ଓ ବିଜେପି ମୁହାଁମୁହିଁ
- ଶାନ୍ତି ଶୃଙ୍ଖଳା ପାଇଁ ୪ ପ୍ଲାଟୁନ ପୁଲିସ ମୁତୟନ

ବ୍ଲକ୍‌ର ସରପଞ୍ଚ ସମିତି ସହ ଶତାଧିକ ବିଜେଡି କର୍ମୀ ବନ୍ଦରେ ସାମିଲ ଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ସହ ପଦ୍ମପୁର, ପାଇକମାଳ, ଝାରବନ୍ଧ, ଗାଇସିଲେଟ, ଜଗଦଲପୁର ଆଦି ଥାନାର ଅଧିକାରୀ ସମେତ ୪ ପ୍ଲାଟୁନ ପୁଲିସ ଉପସ୍ଥିତ ରହିବା ସହ ପରିସ୍ଥିତି ଉପରେ କଡା ନଜର ରଖା ଯାଇଥିଲା।

● ଜବରଦଖଲ ଉଚ୍ଛେଦ

# ପ୍ରଶାସନର ସ୍ୱେଚ୍ଛାଚାରିତା ବିରୋଧରେ ପୌରପରିଷଦର ଉଦ୍‌ବେଗ

ବରଗଡ଼,୧୦।୯ (ସମିସ): ବରଗଡ଼ ପୌରପରିଷଦ ପୌରାଧ୍ୟକ୍ଷାଙ୍କ ଅଧକ୍ଷତାରେ ପୌରପରିଷଦ ସଭାଗୃହରେ ଜରୁରୀକାଳୀନ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ପୌରପରିଷଦ ତରଫରୁ ବ୍ୟବସାୟ ପାଇଁ ଲାଇସେନ୍ସ ପ୍ରଦାନ କରିଥିବା ଥାନା ଆଗରେ ଥିବା ଏସଆରଆଇଟି କମ୍ପ୍ଲେକ୍ସ ତଥା ସମବାୟ ବ୍ୟାଙ୍କ ସମ୍ମୁଖରେ ଥିବା ଦୋକାନ ଗୃହ ଗୁଡିକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି। ଲାଇସେନ୍ସ ବଳବତ୍ତର ଥିବା ସତ୍ତ୍ୱେ ପୌରପରିଷଦକୁ ଅବଗତ ନ କରି ଦୋକାନ ଗୁଡିକୁ ଭଙ୍ଗା ଯାଇଥିବାରୁ ବୈଠକରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରଶାସନର ଏତାଦୃଶ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରାଯାଇଥିଲା। ଆହୁରି ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ଉଚ୍ଚତମ ନ୍ୟାୟଳୟ, ଉଚ୍ଚ ନ୍ୟାୟାଳୟ, ଓଡ଼ିଶା ଏବଂ ରାଜ୍ୟ ମାନବାଧିକାର କମିଶନ ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ସ୍ପଷ୍ଟ ଭାବେ ଉଲଂଘନ କରାଯାଉଛି। ଏହାକୁ ନେଇ ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି। ସହରରେ ଏପରି ଅଶାନ୍ତିର ବାତାବରଣ ସୃଷ୍ଟି କରିବା ପାଇଁ ପୌରପରିଷଦ ସଭାରେ ଜିଲ୍ଲା ପ୍ରଶାସନର କାର୍ଯ୍ୟକଳାପକୁ ନିନ୍ଦା କରାଯାଇଥିଲା। ପୌର ପରିଷଦ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଦୋକାନ ଗୁଡିକୁ ଆଗାମୀ ଦିନରେ ମଧ୍ୟ ଉଚ୍ଛେଦ କରାଯିବାର ଆଶଙ୍କା ରହିଛି। ଏପରି ହେଲେ ପୌରପରିଷଦର ଆୟରେ କ୍ଷତି ହେବାର ସାମ୍ଭାବନା ରହିଛି। ପରିଣାମ ସ୍ୱରୂପ ପରବର୍ତ୍ତୀ ସମୟରେ ସହରର ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଅର୍ଥର ଅଭାବ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପ୍ରକାଶ ଯେ, ପ୍ରଥମେ ବରଗଡ଼ ସହରର ମୁଖ୍ୟରାସ୍ତା ପୌରପରିଷଦ ଅଧୀନସ୍ତ ଥିଲା। କିନ୍ତୁ ପୌରପରିଷଦ ରକ୍ଷଣାବେକ୍ଷଣ କରି ନ ପାରିବାରୁ ୨୦୦୮/୨୦୦୯ ଆର୍ଥିକ ବର୍ଷରେ ଏହିରାସ୍ତାର ଦୋକାନ ଗୃହ ଗୁଡିକୁ ଛାଡି ପୁନର୍ବାର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହାକୁ ତତ୍କାଳୀନ ରାଜ୍ୟ ସରକାର ଅନୁମଦନ କରିଥିଲେ। ଏହାସତ୍ତ୍ୱେ ଜିଲ୍ଲା ପ୍ରଶାସନ ତରଫରୁ ଦୋକାନ ଗୁଡିକୁ ଉଚ୍ଛେଦ କରାଯାଉଥିବାରୁ ଏ ସଂକ୍ରାନ୍ତରେ ପୌର ପରିଷଦ ତରଫରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଛି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା



ପଦମପୁର,୧୦।୯ (ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜମରତଲା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାଜେଶ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରମୋଦ ନାଥ ଓ ଜୀବନାନନ୍ଦ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୀତିରଶ୍ମୀ ସେଠ ସହଯୋଗ କରିଥିଲେ। ବ୍ଲକ୍‌ର ୬ଟି ସ୍କୁଲରୁ ବିଜ୍ଞାନ ଭିତ୍ତିକ ୬ ଟି ନାଟକ ପ୍ରଦର୍ଶିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟ ଦ୍ୱାରା ପ୍ରଦର୍ଶିତ ନାଟକ 'ବିଜ୍ଞାନରେ ନାରୀ' ସର୍ବଶ୍ରେଷ୍ଠ ହୋଇ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିଲା। ନାଟକଟିର ଲେଖକ ଓ ନିର୍ଦ୍ଦେଶକ ଭାବେ ପୁଷ୍ପାଞ୍ଜଳି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଲାଲାଜୀ ବାଲାଜୀ ସଂସ୍କୃତ ବିଦ୍ୟାଳୟ ଦ୍ୱାରା ପ୍ରଦର୍ଶିତ ନାଟକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଂଶୁମାନ ସାହୁ ଶ୍ରେଷ୍ଠ ଅଭିନେତା ଓ ଶ୍ରାବଣୀ ସାହୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ।

# ସରକାରଙ୍କ ଏସ୍‌ସି-ଏସ୍‌ଟି ମାରଣ ନୀତି ବିରୋଧରେ ଦାବିପତ୍ର



ବରଗଡ଼,୧୦।୯ (ସମିସ): ଅନୁସୂଚିତ ଜାତି ଜନଜାତି ନିର୍ଯାତନା ନିବାରଣ ଆଇନ ୧୯୮୯କୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମନ୍ୱୟ ସମିତି ଓଡ଼ିଶା ତରଫରୁ ଗୁରୁଚରଣ ହରିପାଲଙ୍କ ନେତୃତ୍ୱରେ ବୁଧବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶରେ ଜାତିଗତ ନିର୍ଯାତନାକୁ ରୋକିବା ପାଇଁ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନ୍ ୧୯୮୯ ରହିଛି। ଏହି ଆଇନ ଅନୁସାରେ ନିୟମ ରହିଛି ଯେ, କୌଣସି ଜାତିଭିତ୍ତିକ ଅଭିଯୋଗ ହେଲେ ନିର୍ଯାତନା ନିବାରଣ ଅଧୀନ ମାମଲା ଗୁଡିକୁ ଡିଏସପି ଠାରୁ ତଳ ପାହ୍ୟାର ଅଫିସର ମାନେ ତଦନ୍ତ କରିପାରିବେ ନାହିଁ। କିନ୍ତୁ ଓଡ଼ିଶାରେ ଗତ ଅଗଷ୍ଟ ୩୦ ତାରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି ଯେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନ୍ ୧୯୮୯ ଅଧୀନ ମାମଲାରେ ପୁଲିସ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର ମାନେ ଗିରଫ, ତଦନ୍ତ, ଅନୁସନ୍ଧାନ ଓ ସ୍ୱତନ୍ତ୍ର ଅଦାଲତ ପାଖରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରିବେ। ଗୃହ ବିଭାଗର ଏହି ବିଜ୍ଞପ୍ତି ପ୍ରତ୍ୟାହାର କରିବା ପାଇଁ ଆଜି ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ ଓ ସଂଖ୍ୟାଲଘୁ ସମନ୍ୱୟ ସମିତି, ଓଡ଼ିଶା ତରଫରୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବରଗଡ଼ରେ ମଧ୍ୟ ଏକ ଟିମ୍ ଜିଲ୍ଲାପାଳଙ୍କୁ ଭେଟି ଏହି ବିଷୟରେ ଆଲୋଚନା କରିବା ସହ ଗୃହ ବିଭାଗ ଦ୍ୱାରା ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ କମିଟିର ଆବାହକ ଗୁରୁଚରଣ ହରିପାଲ, ଜଗଦୀଶ ବୌଦ୍ଧ, ପିତାମ୍ବର ମହାନନ୍ଦ, ଭୀମସେନ ନାଗ, ଗଙ୍ଗାଧର ବିଭାର, ବିକ୍ରମ ଛତର, ପୁରନ୍ଦର ଭୋସାଗର, ଅବିନାଶ ବାଗଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

● ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରତିଯୋଗିତା

# ବାଦୁପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ସେମିନାରକୁ ମନୋନୀତ



ଦହିତା,୧୦।୯ (ସମିସ): ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଦୁପାଲିର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ସଂସ୍କାର ପଟ୍ଟନାୟକ (୧୦ମ ଶ୍ରେଣୀ), ଦ୍ୱିତୀୟ ସ୍ଥାନରେ ଶ୍ରୀୟମ ଶତପଥୀ (୯ମ ଶ୍ରେଣୀ) ରହିଛନ୍ତି। ସେହିପରି ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ନାଟକ ପ୍ରତିଯୋଗିତାରେ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀ ମାନେ ଉତ୍କୃଷ୍ଟ ନାଟକ ପ୍ରଦର୍ଶିତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟ କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଓ ନାଟକ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବାରୁ ଭାରପ୍ରାପ୍ତ ଅଧ୍ୟକ୍ଷ ଜାନକୀ ବଲ୍ଲଭ ପାଇକ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଭିଭାବକ ଅଶ୍ୱିନୀ ଧରୁଆ, ମାନସ ଶତପଥୀ, ରମେଶ ନାୟକ, ବିଦେଶୀ ବରିହା ସମେତ ସମସ୍ତ ଅଭିଭାବକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ରାସ୍ତା ପାଇଁ ସବୁଜିମା ଧରାଶାୟୀ

# ରାସ୍ତା ନିର୍ମାଣ ପରେ ଗଛ ଲଗା ହେଉନି



ପଦ୍ମପୁର,୧୦।୯ (ସମିସ): ରାସ୍ତା ପାଇଁ ବଳି ପଡୁଛି ଶହଶହ ସଂଖ୍ୟାରେ ଗଛ। ଯେଉଁଠି ଉନ୍ନୟନ କାମ ପାଇଁ ଗଛ କଟା ହେବ ନିର୍ମାଣ ପରେ ସେହି ସ୍ଥାନରେ ପୁନଃ ଚାରାରୋପଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ଏହାପ୍ରତି କାହାରି ଦୃଷ୍ଟି ରହୁ ନ ଥିବାରୁ ପରିବେଶ ଉପରେ ନକରାତ୍ମକ ପ୍ରଭାବ ପଡୁଛି। ଗମନାଗମନ ସୁବିଧା କରାଯିବା ସହ ପରିବେଶ ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନିଆଯିବା ଉଚିତ। ମାତ୍ର ଏଥିପାଇଁ କୌଣସି ପଦକ୍ଷେପ ନିଆ ଯାଉ ନଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଦ୍ମପୁର ପାଟଣାଗଡ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା ପାଶ୍ୱର୍ରେ ଥିବା ଛୋଟ ବଡ ସବୁ ଗଛକୁ ଧରାଶାୟୀ କରାଯାଇଛି। କେବଳ ପଦ୍ମପୁର ସୀମା ପର୍ଯ୍ୟନ୍ତ ୨୬୮ ଗଛ କଟାଯାଇଛି। କେଉଁ କାଳରୁ ମହାଦ୍ରୁମରେ ପରିଣତ ହୋଇଥିବା ଏହି ଗଛ ଗୁଡିକ କଟିଯିବା ଫଳରେ ରାସ୍ତା ପାଶ୍ୱର୍ରେ ଛାଇ ଟିକିଏ ମିଳୁନାହିଁ। ଏଭଳି ସ୍ଥଳେ ପଥଚାରୀଙ୍କ ପାଇଁ ଥକ୍କା ମେଣ୍ଟାଇବା ପାଇଁ ସ୍ଥାନ ଆଉ ରହିନାହିଁ। ୪୦କିମି ଥିବା ପଦ୍ମପୁର ପାଟଣାଗଡ ରାସ୍ତା ଦୁଇ ଲେନ କରାହେବ। ଏହି ବିକାଶ ମୂଳକ କାର୍ଯ୍ୟକୁ ବିରୋଧ କରାଯାଉ ନାହିଁ; ମାତ୍ର ପରିବେଶ ସୁରକ୍ଷା ପ୍ରତି ପ୍ରଶାସନ ଓ ସରକାର ଦୃଷ୍ଟି ଦେବାକୁ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି।

# ନୂଆଗଡ଼ ସ୍କୁଲରେ 'ମା'ଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ




ଭଟଲି,୧୦।୯ (ସମିସ): ଭଟଲି ବ୍ଲକ୍ ଅଧୀନ ନୂଆଗଡ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଉଦ୍ୟାନ କୃଷି ବିଭାଗ ତରଫରୁ 'ମାଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ପରଦେଶୀ ବୁଢ଼ିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଭାବେଶ ଦଳେଇ ମୁଖ୍ୟ ଅତିଥି, ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧକାରୀ ଅଙ୍କିତା ଦାସ ଶର୍ମା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବତ୍ସ ପାଣିଗ୍ରାହୀ, ସମାଜସେବୀ ମନବୋଧ ସାହୁ, ବିଦ୍ୟାଳୟ ଆଲୁମ୍ନି ସଦସ୍ୟ ଅଶୋକ ସାହୁ ଓ ଅଶ୍ୱିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଲେମ୍ବୁ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଗଜାନନ ବେହେରା, ଆନନ୍ଦ ସହୁ, ରାଜେଶ ପଟେଲ, ଶିକ୍ଷୟିତ୍ରୀ ସୁମିତ୍ରା ପଟେଲ, ଡଲି ସରାଫ ଓ ଜୁଲି ସରାଫ ସହଯୋଗ କରିଥିଲେ।

# ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ,୧୦।୯ (ସମିସ): ବଡ଼ଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦି ଠାରେ, ପବିତ୍ର ଭାଦ୍ରବ ପୂର୍ଣ୍ଣିମା ତିଥିରେ ଭାଗବତ ଜମୋତ୍ସବ ସହିତ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗୀ ପକ୍ଷରୁ ପ୍ରବଚନ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପେଟୁପାଲି ନିବାସୀ କମଳାକାନ୍ତ ଜାଲ ଓ ତାଙ୍କ ପତ୍ନୀ ଜେମାଦେଇ ଜାଲ କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭାଗବତ ସଭାରେ ଗଜରାଜ ମେହେର ସଭାପତିତ୍ୱ କରିଥିଲେ। ପ୍ରବଚକ ବଳରାମ ମେହେର, ସୁରେଶ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ରୁପଦୀ ଭୋଇ ମଧ୍ୟ ଭାଗବତ ପାରାୟଣ ଓ ଭଜନ ପରିବେଷଣ କରିଥିଲେ। ସଭାରେ ସାଧୁ ସନ୍ଥ, ବକ୍ତା ଶ୍ରୋତା, ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ବରିଷ୍ଠ ସଭ୍ୟ ମହେନ୍ଦ୍ର ନାଗ, ବଡ ଭୋଇ, ସାନ ଭୋଇ, ରକ୍ଷାକାରୀ ସାହୁ, ଅଭିମନ୍ୟୁ ବଢ଼ିୟା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ଆଶ୍ୱିନ ପୂର୍ଣ୍ଣିମା ଅକ୍ଟୋବର ୫ ରୁ ୭ ତାରିଖ ଏହି ଭାଗବତ ଗାଦିରେ ତ୍ରିଦିବସିୟ, ସତସଙ୍ଗ, ପ୍ରବଚନ, ଭାଗବତ ସଭା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଶିଷ୍ଟ ପ୍ରବଚକ ମାନେ ବକ୍ତବ୍ୟ ଦେବାର କାର୍ଯ୍ୟକ୍ରମ ରହିଛି। ଏଣୁ ସମସ୍ତ ଯୋଗୀ ବୈଷ୍ଣବ, ସାଧୁ ସନ୍ଥ, ଶ୍ରୋତା ବକ୍ତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଏହି ମହୋତ୍ସବରେ ଉପସ୍ଥିତ ରହିବାକୁ ଆଞ୍ଚଳିକ ସତସଙ୍ଗ ଗୋଷ୍ଠୀ ନିବେଦନ କରିଛନ୍ତି।

# ଜମଲା ଡିଗ୍ରୀ କଲେଜରେ ତମାଖୁ ସଚେତନତା

ପଦ୍ମପୁର,୧୦।୯ (ସମିସ): ଜମଲା ଡିଗ୍ରୀ କଲେଜରେ ବୁଧବାର ଜାତୀୟ ସେବା ଯୋଜନା ତରଫରୁ ତମାଖୁ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜର ସଭାପତି କଲାକହ୍ନେଇ ପଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ.ଲୋକପାଳ ଭୋଇ ଯୋଗ ଦେଇ ତମାଖୁ ଓ ନିଶା ଦ୍ରବ୍ୟ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଭିଳାଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି ଆଇନଜୀବୀ ନିହାରିକା



ବରଗଡ଼,୧୦।୯ (ସମିସ): ନିହାରିକା ଗିରୀ ଏକାଧାରରେ ଜଣେ ଆଇନଜୀବୀ ଓ ସମାଜସେବୀ। ଗିରୀଙ୍କ ଆଦର୍ଶ ହେଉଛନ୍ତି ତାଙ୍କ ଜେଜେମା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରୀ। ଯେତେବେଳେ ପଶ୍ଚିମ ଓଡ଼ିଶାର କଥା ଆସେ ଗିରୀ ତାଙ୍କ ବ୍ୟସ୍ତ ବହୁଳ ଜୀବନକୁ ଭୁଲିଯାଇ ପ୍ରଥମେ ତାଙ୍କ ଅଞ୍ଚଳ କଥା ଦେଖନ୍ତି। ସେ କଟକ, ଭୁବନେଶ୍ୱରରେ ନିଜ ଆଇନ ପେସା କରିବା ସହିତ ପଶ୍ଚିମ ଓଡ଼ିଶାରୁ ଯାଉଥିବା ଅଗଣିତ ରୋଗୀଙ୍କୁ ସେବା ଯୋଗାଇ ଦେଇଛନ୍ତି। ସେମାନଙ୍କ ସେବାରେ କେବେ ଅବହେଳା କରିନାହାନ୍ତି। ସେମାନେ କୋଉ ଡାକ୍ତରଖାନାରେ ଆଡମିସନ ନେବେ, କେମିତି ସ୍ୱାସ୍ଥ୍ୟ କାର୍ଡ ଲାଗୁହେବ, ରକ୍ତ ଯୋଗାଡ ତଥା ସେମାନଙ୍କ ରହିବା, ଖାଇବା, ପିଇବା ସୁବିଧା ଯୋଗାଇ ଆସୁଛନ୍ତି। ଆହୁରି ମଧ୍ୟ ସେ ଆଇନ କ୍ଷେତ୍ରରେ ବହୁତ ଲୋକଙ୍କୁ ଗିରୀ ସହାୟତା କରିଛନ୍ତି। ତାଙ୍କ ଲକ୍ଷ୍ୟ ହେଲା କେମିତି ମାଗଣାରେ ଲୋକେ ଉଚିତ ନ୍ୟାୟ ପାଇବେ। ସମାଜର ଏକ ମୁଖ୍ୟ ସମସ୍ୟା ହେଉଛି ନିରକ୍ଷର ଲୋକମାନେ ନିଜର ସାମ୍ବିଧାନିକ ଅଧିକାର ଓ ମାନବିକ ଅଧିକାର ବିଷୟରେ ଅଜ୍ଞ ରହିବା। ଏଣୁ ସେ ଗରିବ, ନିଷ୍ପେସିତଙ୍କ ସହ ସମାଜରେ ନିଃସହାୟ ଅବହେଳିତ ନାରୀ ମାନଙ୍କୁ କୋର୍ଟ କଚେରୀ ମମଲାରେ ସାହାଯ୍ୟ କରିଆସୁଛନ୍ତି। ଯୌତୁକ ନିର୍ଯାତନା, ନାରୀ ନିର୍ଯାତନା, ପାରିବାରିକ ହିଂସାରେ ପୀଡ଼ିତା ମାନଙ୍କୁ ସହାୟତାର ହାତ ବଢ଼ାଇ ସାହାଯ୍ୟ କରି ଆସୁଛନ୍ତି। ଯେଉଁମାନେ କ୍ଷମତାରେ ରହି ମଧ୍ୟ ସମାଜ ପାଇଁ କିଛି କରି ପାରୁନାହାନ୍ତି, ସେମାନଙ୍କ ପାଇଁ ଆଜି ଜଣେ ସାଧାରଣ ନାରୀ ଅସାଧାରଣ ବ୍ୟକ୍ତିତ୍ୱର ଉଦାହରଣ ସୃଷ୍ଟି କରି ପାରିଛନ୍ତି।

# ପିଏମ୍‌ଶ୍ରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ୍ ଗାଇଡ ତରଫରୁ ପଚମାରୀ ଦିବସ



ଅମ୍ବାଭୋନା,୧୦।୯ (ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ବଶିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ପଚମାରୀ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ଶ୍ରୀ ସାହୁ ପଚମାରୀ ଦିବସ ଭାରତ ଗାଇଡ ସହ ଥିବା ନିଆରା ସମ୍ପର୍କ ବିଷୟରେ ଅବଗତ କରିଥିଲେ। ଶିକ୍ଷୟିତ୍ରୀ ଉପମା ପ୍ରଧାନ ପଚମାରୀ ଜୈବ ମଣ୍ଡଳର ମହତ୍ତ୍ୱ ବିଷୟରେ କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶୈରନ୍ଧ୍ରି ରଥ ମଞ୍ଚାସୀନ ଥିଲେ। ଶିକ୍ଷକ ଶୁଭାଶିଷ ଜଗତ, ଚିନ୍ମୟ ସାହୁ, କୌଶଲ୍ୟା ସାହୁଙ୍କ ତତ୍ତ୍ୱାବଧାନରେ ୪୦ ଟି ବୃକ୍ଷରୋପଣ କରା ଯାଇଥିଲା। ଶିକ୍ଷକ ଶୁଭାଶିଷ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଶାନ୍ତ ସାହୁ ପ୍ରଦେଶ କଂଗ୍ରେସ ରାଜ୍ୟ ସୋସିଆଲ ମିଡିଆ କମିଟି ସଦସ୍ୟ



ବରଗଡ଼,୧୦।୯ (ସମିସ): କଂଗ୍ରେସର ଯୁବ ନେତା ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବରଗଡ଼ ଜିଲ୍ଲା ଯୁବ ସଭାପତି ସୁଶାନ୍ତ ସାହୁ ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ରାଜ୍ୟ ସୋସିଆଲ ମିଡିଆ କମିଟିରେ ସ୍ଥାନ ପାଇଛନ୍ତି। ଶ୍ରୀ ସାହୁ ପୂର୍ବରୁ କଂଗ୍ରେସର ବିଭିନ୍ନ ପଦପଦବୀରେ ଦାୟିତ୍ୱ ବହନ କରି ଆସିଛନ୍ତି। ପଞ୍ଚାୟତ କଲେଜର ଛାତ୍ର ସଂସଦର ସାଧାରଣ ସଂପାଦକ, ଛାତ୍ର କଂଗ୍ରେସର ସଭାପତି ଏବଂ ବରଗଡ଼ ଜିଲ୍ଲା ଯୁବ କଂଗ୍ରେସର ସଭାପତି ପଦରେ ଦାୟିତ୍ୱ ତୁଲାଇ ସାରିଛନ୍ତି।

# ବିଦ୍ୟୁତ୍ ସେବା ବନ୍ଦ; ପ୍ରତିବାଦରେ ଲୋକଙ୍କ ରାସ୍ତା ଅବରୋଧ

ବରଗଡ଼,୧୦।୯ (ସମିସ)



ବରଗଡ଼ରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ଆଇନ ଶୃଙ୍ଖଳା ପରିସ୍ଥିତି। ପ୍ରତିଦିନ କୋଉଠି ନା କୋଉଠି କିଛି ନା କିଛି ଆନ୍ଦୋଳନ ଚାଲିଛି। ସମସ୍ତେ ନିଜ ନିଜର ନାର୍ଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି। କେତେବେଳେ ଚାଷୀ ପଞ୍ଜୀକରଣକୁ ନେଇ ତ କେତେବେଳେ ସହରରେ ଜବରଦଖଲ ଉଚ୍ଛେଦକୁ ନେଇ। ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ବଢ଼ିବାରେ ଲାଗିଛି। ବରଗଡ଼ ଭଟଲି ରାସ୍ତା ବରଡୋଳ ପଞ୍ଚାୟତ ଅଧୀନ ପ୍ରଧାନ ଟିକିରା ଅଞ୍ଚଳରେ ମଙ୍ଗଳବାର ଠାରୁ ବିଦ୍ୟୁତ ସେବା ଠପ ହୋଇଛି। ସ୍ଥାନୀୟ ଲୋକେ ବାରମ୍ବାର ଟାଟା ପାୱାର ଅଧିକାରୀଙ୍କୁ ଅଭିଯୋଗ କଲେ ସୁଦ୍ଧା ସେମାନେ କର୍ଣ୍ଣପାତ କରୁନଥିଲେ। ଏମିତିକି ଫୋନ ବନ୍ଦ କରିଦେଉଥିବା ନେଇ ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁଇଦିନ ଧରି ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ପ୍ରଧାନ ଟିକିରା ଅଞ୍ଚଳରେ ଲୋକେ ପିଇବା ପାଣି ଟିକେ ମଧ୍ୟ ପାଇ ପାରି ନଥିଲେ। ଏଣୁ ବୁଧବାର ଅପରାହ୍ଣରେ ଲୋକେ ବରଗଡ଼ ଭଟଲି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଫଳରେ ଦୀର୍ଘ ଦୁଇ ଘଣ୍ଟା ଧରି ରାସ୍ତାରେ ଯିବାଆସିବା ଠପ ହୋଇଥିଲା। ପରେ ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ଘଟଣା ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏକ ୨୦୦ କେଭି କ୍ଷମତା ସମ୍ପନ୍ନ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦେବାର ବ୍ୟବସ୍ଥା କରିବା ପରେ ଲୋକେ ରାସ୍ତାରୋକରୁ ଓହରି ଥିଲେ।

# ମରାକୁଟା କଲୋନୀ ଛକରୁ ବୁଢ଼ିପଦର ଏନ୍‌ଏଚ୍ ୪୯ ଯାଏଁ ରାସ୍ତା ନିର୍ମାଣ ଦାବି



ଇବଥର୍ମାଲ,୧୦।୯ (ସମିସ): ଝାରସୁଗୁଡା ଜିଲ୍ଲା ମରାକୁଟା କଲୋନୀ ଛକରୁ ବୁଡିପଦର ଏନଏଚ-୪୯ ଯାଏଁ ଅଞ୍ଚଳବାସୀ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ବୁଧବାର ମରାକୁଟା ପଞ୍ଚାୟତର ସରପଞ୍ଚ ଲିଲି ତନ୍ତୀଙ୍କ ସହ ସ୍ଥାନୀୟ ବାସିନ୍ଦା ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏଥିପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ମରାକୁଟା କଲୋନୀ ଛକରୁ ବୁଡିପଦର ଏନଏଚ-୪୯ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏହି ରାସ୍ତାରେ ବିବାଦ ଯୋଗୁଁ ୨୦୦ରୁ ୩୦୦ ମିଟର ରାସ୍ତା ତିଆରି ମଧ୍ୟ ହୋଇନାହିଁ। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଅଞ୍ଚଳବାସୀ, ଛାତ୍ରଛାତ୍ରୀ, ଯାନବାହନ ବେଶ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବସ୍ଥା ଏପରି ଶୋଚନୀୟ ଯେ, ଲକ୍ଷ୍ମୀ ବସ ମଧ୍ୟ ଏହି ରାସ୍ତା ଦେଇ ଚଳାଚଳ କରିପାରୁ ନାହିଁ। ଖାଲଖମା ଭରା ଏହିରାସ୍ତାରେ ଯାତାୟତ ବେଳେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ମଧ୍ୟ ହାନି ହେଉଛି। ଏହାଦ୍ୱାରା ବୁଡିପଦର, ତିହାଡିପାଲି, ମରାକୁଟା, ସାଲେଟ୍ରିକା, ଜମେରା, ଜାମଟିକ୍ରା, ପଣ୍ଡ୍ରିପଥର ଆଦି ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହିରାସ୍ତା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଜିଲ୍ଲାପାଳ କୁଣାଳ ମୋତିରାମ ଚୌହାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ସାର ଚୋରି ଅଭିଯୋଗରେ କିର୍ମିରା ପାକ୍ସ ସମ୍ପାଦକ ଗିରଫ



ଇବଥର୍ମାଲ,୧୦।୯ (ସମିସ)

ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ୍ କିର୍ମିରା ସୋସାଇଟିରୁ ସାର ଚୋରି ଘଟଣାରେ କିର୍ମିରା ପାକ୍ସ ସମ୍ପାଦକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ବୁଦ୍ଧଦେବ ସାହୁ ବୋଲି ଲାଇକେରା ପୁଲିସ ସୂଚନା ଦେଇଛି। ମଙ୍ଗଳବାର ରାତିରେ କିର୍ମିରା ସୋସାଇଟିରୁ ସାର ଚୋରି ବେଳେ ଗ୍ରାମବାସୀ ୨୬ ବସ୍ତା ସାର ଲୋଡିଂ ହୋଇଥିବା ପିକ୍‌ଅପ୍‌କୁ ଧରି ଲଇକେରା ଥାନାର ଜିମା ଦେଇଥିଲେ। ଖବର ପାଇ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, ଲଇକେରା ତହସିଲଦାର ସଞ୍ଜୀବ କୁଲୁ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ କରିଥିଲେ। ସାର ଚୋରିରେ ପାକ୍ସ ସମ୍ପାଦକ ବୁଦ୍ଧଦେବ ସାହୁ ସମ୍ପୃକ୍ତ ଥିବା ନେଇ ଜଣା ପଡିବା ପରେ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କ ବିରୋଧରେ ଲଇକେରା ଥାନାରେ ଏତଲା ଦିଆ ଯାଇଥିଲା। ପୁଲିସ ଘଟଣାର ତଦନ୍ତ କରିବା ସହ ବୁଦ୍ଧଦେବଙ୍କୁ ଗିରଫ କରି ଏବଂ ସାର ଚୋରି ପାଇଁ ବ୍ୟବହୃତ ପିକଅପକୁ ଜବତ କରିଛି।

## ୫୫ ଦିନରେ ମାମଲାର ବିଚାର

# ତଦନ୍ତକାରୀ ଆଇଆଇସି ଏବଂ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ



ଇବଥର୍ମାଲ,୧୦।୯ (ସମିସ): ଝାରସୁଗୁଡା ଜିଲ୍ଲାରେ ଏକ ପକ୍ସୋ ମାମଲାର ତଦନ୍ତ ଏବଂ ବିଚାର ମାତ୍ର ୫୫ ଦିନରେ ସରିବା ଘଟଣାରେ ତଦନ୍ତକାରୀ ବ୍ରଜରାଜନଗର ଆଇଆଇସି ଏବଂ ନିରୀକ୍ଷକ ଝାରସୁଗୁଡ଼ାର ତତ୍କାଳୀନ ଆରକ୍ଷୀ ଅଧୀକ୍ଷକଙ୍କୁ ମଙ୍ଗଳବାର ରାଜ୍ୟ ପୁଲିସ କାର୍ଯ୍ୟାଳୟ ଭୁବନେଶ୍ୱର ତରଫରୁ ପୁରସ୍କୃତ କରାଯାଇଛି। ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଥାନା ଅଞ୍ଚଳରେ ଏକ ପକ୍ସୋ ମାମଲା ଗତ ୨୦୨୫ ମସିହା ମାର୍ଚ୍ଚ ୨୩ ତାରିଖରେ ଘଟିଥିଲା। ମାମଲାର ତଦନ୍ତକାରୀ ଅଫିସର ଭାବେ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ଓ ମାମଲାର ନିରୀକ୍ଷକ ଅଫିସର ଭାବେ ତତ୍କାଳୀନ ଏସପି ସ୍ମିତ ପି ପରମାର ରହିଥିଲେ। ମାମଲା ଟିର ତଦନ୍ତ ଏବଂ ବିଚାର ମାତ୍ର ୫୫ ଦିନରେ ସରିଥିଲା। ପୀଡ଼ିତାଙ୍କୁ ନ୍ୟାୟ ବାବଦକୁ ଅଭିଯୁକ୍ତକୁ ୨୫ ବର୍ଷ ଜେଲ ଏବଂ ୧୨ହଜାର ଟଙ୍କା ଜରିମାନା କରାଯାଇଥିଲା। ମାମଲାର ତଦନ୍ତ ଶୀଘ୍ର ସାରିଥିବାରୁ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ଏବଂ ଝାରସୁଗୁଡା ତତ୍କାଳୀନ ଏସପି ସ୍ମିତ ପି ପରମାର ରାଜ୍ୟ ପୁଲିସ କାର୍ଯ୍ୟାଳୟ ଠାରୁ ପୁରସ୍କୃତ ହୋଇଛନ୍ତି।

# ବାଙ୍ଗାଲୋରରେ ନୂଆଁଖାଇ ଭେଟ୍‌ଘାଟ୍



ବରଗଡ଼,୧୦।୯ (ସମିସ): ପ୍ରବାସୀ ପଶ୍ଚିମ ଓଡ଼ିଶା ବାସୀ ବାଙ୍ଗାଲୋର୍‌ର ୟଲଙ୍କା, ଚୋଖନହଲ୍ଲି ଅଞ୍ଚଳରେ ବାସ କରୁଥିବା ପ୍ରୋଭିଡେଣ୍ଟ ହାରମୋନି କ୍ଲବ୍ ହାଉସ ଠାରେ ଓଡ଼ିଆ ଉତ୍କଳ ସମାଜ ପକ୍ଷରୁ ଗତକାଲି ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସନ୍ତୋଷ ଡନସେନା ଓ ଅକ୍ଷୟ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଆଶିଷ ରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଅଶୋକ ପଣ୍ଡା, ପ୍ରଶାନ୍ତ ମହାନ୍ତି, ଆକାଶ ପ୍ରଧାନ, ଜିତୁ ପଣ୍ଡା, ମନିନ୍ଦର ସୁନା, ଆୟୁଷ ନାଏକ, ସୁମନ ମହାନ୍ତି, ରୁଚିକା, ଜାହ୍ନବୀ ମିଶ୍ର (ଜୁଲି), ସାସ୍ୱତୀ ନାଏକ ଓ ଆହୁରି ଅନେକ ଯୋଗଦେଇ ସହଯୋଗ କରିଥିଲେ। ଯୋଗ ଦେଇଥିବା ସମସ୍ତ ସଦସ୍ୟ/ସଦସ୍ୟା ସମ୍ବଲପୁରୀ ପୋଷାକ ଓ ସମ୍ବଲପୁରୀ ଖାଦ୍ୟ ପେୟରେ ନୂଆଁଖାଇ ଉତ୍ସବ ପାଳନ ପୂର୍ବକ ପରସ୍ପରକୁ ଅଭିବାଦନ ଜଣାଇଥିଲେ। ନୂଆ ଧାନରୁ ଚାଉଳ କରି ମାଁ ସମଲେଶ୍ୱରୀଙ୍କ ପାଖେ ଭୋଗ ଲାଗିଲା ପରେ ସମସ୍ତେ ପ୍ରସାଦ ପାଇଥିଲେ। ଅରୁଆ ଅନ୍ନ ସହ ମୁଗ ଡାଲି, ବିଭିନ୍ନ ପ୍ରକାରର ତରକାରୀ, ଭଜା, ଶାଗ, ଆମ୍ବିଲ, ସହ ପିଠା ପଣା ପ୍ରସ୍ତୁତ କରି ଏକା ସାଙ୍ଗରେ ସମସ୍ତେ ନୂଆଁ ଖାଇଥିଲେ। ପରେ ସାନ ମାନେ ନିଜଠୁ ବଡ଼ ଗୁରୁଜନଙ୍କୁ ପ୍ରଣାମ କରିବା ସହ ଆଶୀର୍ବାଦ ନେଇଥିଲେ। ରାଜ୍ୟ ବାହାରେ ରହିଲେ ବି ସମସ୍ତେ ମିଶି ପରିବାର ସହ ଆନନ୍ଦ ଉଲ୍ଲାସ ସହ ନୂଆଁଖାଇ ପର୍ବ ପାଳନ କରିଥିଲେ। ଶେଷରେ ଜଟାଧାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକରକେନ୍ଦ ଡିଗ୍ରୀ କଲେଜରେ ଆଇନ ସଚେତନତା



ବରଗଡ଼,୧୦।୯ (ସମିସ): ଚକରକେନ୍ଦର ସନ୍ଥ କବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟର ସଭାଗୃହରେ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି, ପ୍ରାଧିକରଣର ମୁଖ୍ୟ ସମାଧାନ ଅଧିକାରୀ ମୁନସୀ ସାହୁ, ମହାବିଦ୍ୟାଳୟର ଆଇନ ପରାମର୍ଶଦାତା ତଥା ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲାର ସଭାପତି ବିମଳ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯୌନ ଉତ୍ପୀଡନରୁ ନାବାଳିକାଙ୍କୁ ସୁରକ୍ଷା ତଥା ପୀଡିତାଙ୍କୁ ଆଇନ ସହାୟତା ଓ କ୍ଷତିପୂରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ନାୟକ ଆଇନ ଉପରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଶ୍ରୀ ସାହୁ ପକ୍ସୋ ଆଇନ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଶ୍ରୀ ଦାଶ ଏହି ଆଇନ ଗଠନ ତଥା ଏହାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ତୁମ୍ବେଲାଲ ଭୋଇ, ବିଶେଷ ଅତିଥି କଲେଜ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରିବୋଲ ପଧାନ ବିଶେଷ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ଅଧ୍ୟାପିକା ଲୀଳାବତୀ ପଧାନ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ



ବରଗଡ଼,୧୦।୯ (ସମିସ): ବିକାଶ ଲ' ସ୍କୁଲରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ ହୋଇଯାଇଛି। ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଲ' ସ୍କୁଲର ଚତୁର୍ଥ ବର୍ଷର ଛାତ୍ର ସତ୍ୟମ ସାହୁ ଓ ତୃତୀୟ ବର୍ଷର ଛାତ୍ର ସୟମ୍ ମିଶ୍ର ଲୋକଙ୍କ ମନରୁ ଆତ୍ମହତ୍ୟା ପ୍ରବଣତା ଦୂର କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ, ଜୈମିନି ସାହୁ, ଅଭିନନ୍ଦନ ଝୁଟିଆ, ନିହାରରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସାଗତିକା ସାହୁ, ସୁଶୋଭିତା ଦାସ୍, ସନ୍ତୋଷୀ ସାହୁ, ଅଞ୍ଜନା ପୂଜାରୀ, ସାଗରିକା ବିଶ୍ୱାଳ ଓ ଲ'ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଜୈମିନି ସାହୁ ଧନ୍ୟବାଦ ଦେଇଥିଲେ।

# ପୋଖରୀ ହିଡ଼ ସଫା କଲେ ମହିଳା

ଝାରବନ୍ଧ,୧୦।୯ (ସମିସ): ଝାରବନ୍ଧ ପଞ୍ଚାୟତର ପୋଖରୀ ବଡବନ୍ଧ ହିଡରେ ଅନାବନା ଘାସବୁଦା ହୋଇଛି। ପୋଖରୀକୁ ଯିବା ଆସିବା କରିବା ପାଇଁ ଘାସ ବୁଦାରେ ଅସୁବିଧା ହେଉଥିବାରୁ ଗାଁର ମହିଳା ମାନେ ନିଜେ ସ୍ୱେଚ୍ଛାକୃତ ଭାବେ ବାହାରି ପୋଖରୀ ହିଡକୁ ସଫା କରିଛନ୍ତି। ମାଳିପଡା ପାଇଁ ପାହାଚ ନ ଥିବାରୁ ମହିଳା ମାନେ ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି। ପୋଖରୀ ହିଡକୁ ସମ୍ପୂର୍ଣ୍ଣ ଭାବେ ସଫା କରିବା ସହିତ ପାହାଚ ନିର୍ମାଣ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି।



# ଗୋମାଂସ ବିକ୍ରି ଅଭିଯୋଗରେ ୪ ଗିରଫ

ଇବଥର୍ମାଲ,୧୦।୯ (ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁର ଥାନା ଅଧୀନ କୁଡାଲୋଇ ଠକଠକି ପଡାରେ ଗୋମାଂସ ବିକ୍ରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଜଗଦିଶ ରୋହିଦାସ(୨୫), ଭୀଷ୍ମ ରୋହିଦାସ(୩୫), ଇଲି ଆଜାହାର ହରୋ(୪୦) ଓ ଐଶନ ବାରୁ (୩୦) ବୋଲି ଲଖନପୁର ପୁଲିସ ସୂଚନା ଦେଇଛି। ବୁଧବାର ସକାଳେ ଅଭିଯୁକ୍ତ ମାନେ ଗୋ ମାଂସ ବିକ୍ରି କରୁଥିବା ଖବର ପାଇ ବଜରଙ୍ଗ ଦଳର ସଦସ୍ୟ ମାନେ ଲଖନପୁର ପୁଲିସକୁ ଖବର ଦେବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲଖନପୁର ପୁଲିସ ଘଟଣା ସ୍ଥଳରେ ଚଢ଼ଉ କରିବା ସହ ଅଭିଯୁକ୍ତ ମାନଙ୍କ ନିକଟରୁ ପ୍ରାୟ ୧ କ୍ୱିଣ୍ଟାଲ ଗୋ ମାଂସ ଜବତ କରିଥିଲା। ଏହାସହ ବଜରଙ୍ଗ ଦଳର ଅଂଶୁଳ ଜସୱାଲଙ୍କ ଲିଖିତ ଅଭିଯୋଗ କ୍ରମେ ଲଖନପୁର ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟି ଗଠନ

## ଓଡ଼ିଶାରୁ ଚୈତନ୍ୟ ପାଇକ ସଭାପତି



ବରଗଡ଼,୧୦।୯ (ସମିସ): କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟି ଗଠିତ ହୋଇଯାଇଥିବା କଲିକତା ସ୍ଥିତ ଦମଦମ୍‌ର ଏକ ଷ୍ଟୁଡିଓରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ତେବେ ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟିର ସଭାପତି ଭାବେ ଓଡ଼ିଶାରୁ ବରଗଡ଼ ଜିଲ୍ଲା ଚୈତନ୍ୟ ପାଇକ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ପଶ୍ଚିମ ବଙ୍ଗରୁ ଡ.ଅର୍ପିତା ଚାଟାର୍ଜୀ ଓ ଉତ୍ତରପ୍ରଦେଶ ବନାରସରୁ ଡ.ଦିବ୍ୟା ଶ୍ରୀବାସ୍ତବ, ଆନ୍ଧ୍ରପ୍ରଦେଶରୁ ଡ.ପି ସାର୍ଥ ଚନ୍ଦ୍ର, ଅଗରତଲାରୁ ଡ.ରୀମା ବାନାର୍ଜୀ, ମଣିପୁରରୁ ଡ.ନଗନଗି ଚାନୁ, ମନୋନୀତ ହୋଇଥିଲେ। ସମ୍ପାଦକ ଭାବେ ଡ.ଉପେନ୍ଦ୍ର ଶର୍ମା, ଯୁଗ୍ମ ସମ୍ପାଦକ ଭାବେ ରାଜସ୍ଥାନରୁ ଡ.ଗଣିମା ଭାର୍ଗବ, କଲିକତାରୁ ପ୍ରଫେସର ବାବୁ ମାନ୍ନା, ଆସାମରୁ ଗୁରୁ ଚିତ୍ରଲେଖା ଗୋଗଇ, ଦିଲ୍ଲୀରୁ ଡ.ଲଭଲି ରାୟ, ଓଡ଼ିଶାରୁ ତୁଷାର କାନ୍ତ ବେହେରା, କୋଷାଧ୍ୟକ୍ଷ ଭାବେ ଅରୁଣ ପାତ୍ର ପ୍ରମୁଖ ଆସନ୍ତା ୫ବର୍ଷ ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମାଲେସିଆରୁ ଡ.ଚୟନିକା ଚାଟାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ କମିଟିର ସଦସ୍ୟ ସଦସ୍ୟାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅଖିଳ ଭାରତୀୟ କଳା ଓ ସଂସ୍କୃତି କମିଟିର ନବ ନିର୍ବାଚିତ ସଭାପତି ଶ୍ରୀ ପାଇକ ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

## ସଂଗଠନ ସୃଜନ ଅଭିଯାନ

# ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

ବରଗଡ଼,୧୦।୯ (ସମିସ)




ଅଖିଳ ଭାରତ କଂଗ୍ରେସ କମିଟିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସାଂସଦ ଶୋଭା ତାଇ ବଚ୍ଚବ ବୁଧବାର ସଂଗଠନ ସୃଜନ ଅଭିଯାନରେ ବରଗଡ଼ ଜିଲ୍ଲା କଂଗ୍ରେସର ଏକ ସଶକ୍ତ ଜିଲ୍ଲା ସଭାପତି ବଛାଯିବ ବୋଲି କହିଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂଙ୍କ ପୌରହିତ୍ୟରେ ଆଜି ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ ହୋଟେଲ୍ ମହାରାଜାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାମ୍ବାଦିକ ସମ୍ମିଳନୀରେ ବଚ୍ଚବ ଅଖିଳ ଭାରତୀୟ କଂଗ୍ରେସ କମିଟିର ନିଷ୍ପତ୍ତି କ୍ରମେ ତୃଣମୂଳ ସ୍ତରରେ କଂଗ୍ରେସ ଦଳକୁ ମଜବୁତ୍ କରିବା ପାଇଁ ଏହି ଅଭିଯାନ କରାଯାଉଛି ବୋଲି କହିଥିଲେ। ଏହି ଅଭିଯାନରେ ପଞ୍ଚାୟତ, ବ୍ଲକ୍‌ରୁ ଆରମ୍ଭ କରି ଜିଲ୍ଲା କଂଗ୍ରେସ କମିଟିର ସମସ୍ତ କଂଗ୍ରେସର କର୍ମକର୍ତ୍ତା, ନେତା, ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ, ତଥା ସିଭିଲ ସୋସାଇଟିର ସାଧାରଣ ଜନତାଙ୍କୁ ବ୍ୟକ୍ତିଗତ ସ୍ତରରେ ଭେଟି ଆଲୋଚନା କରାଯିବ। ସମସ୍ତଙ୍କୁ ସାଙ୍ଗରେ ନେଇ ସଂଗଠନର ଦାୟିତ୍ୱ ନେଇ କାର୍ଯ୍ୟ କରିପାରୁଥିବା କର୍ମୀଙ୍କୁ ଜିଲ୍ଲାର ନେତୃତ୍ୱ ଦେବାକୁ ନିର୍ଦ୍ଦେଶ ରହିଥିବା ସେ କହିଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ଭୁଜବଳ ମାଝୀ କହିଥିଲେ ଯେ ଆଜି ଦଳର ନେତା ତୃଣମୂଳ ସ୍ତରରୁ କର୍ମୀ ବାଛିବେ, ଯାହା କି ଆଗରୁ ହେଉନଥିଲା। ଏଣୁ ସମସ୍ତ କର୍ମୀ ମାନଙ୍କୁ ଏକଜୁଟ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସହ ପର୍ଯ୍ୟବେକ୍ଷକ ସୁନ୍ଦରଗଡ ଜିଲ୍ଲା କଂଗ୍ରେସ କମିଟିର ନେତ୍ରୀ ଦେବସ୍ମିତା ସାମଲ, ସତ୍ୟ ନାରାୟଣ ସେନାପତି ମଧ୍ୟ ସମ୍ମିଳନୀରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ସମେତ ଜିଲ୍ଲାର ଗତ ନିର୍ବାଚନ ସମୟରେ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ହୋଇଥିବା ପ୍ରାର୍ଥୀ ବ୍ରହ୍ମାନନ୍ଦ ମହାକୁଡ, ନିପନ ଦାଶ, କିଶୋର ଦଫାଦାର, ଟଙ୍କଧର ସାହୁ, ଅଭିଷେକ ସେଟ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକାଶ ଯେ, ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶାରେ 'ସଂଗଠନ ସୃଜନ ଅଭିଯାନ'ର ଶୁଭାରମ୍ଭ ହୋଇଛି। ଏହା ସେପ୍ଟେମ୍ବର ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ରୁକ୍ମିଣୀ ପତିଙ୍କ ପରଲୋକ



ବରଗଡ଼,୧୦।୯ (ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ କେନ୍ଦୁଗୁଡିଆର ଜନାର୍ଦ୍ଦନ ପତିଙ୍କ ପତ୍ନୀ ରୁକ୍ମିଣୀ ପତି (୭୫)ଙ୍କର ପରଲୋକ ଘଟିଛି। ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ କେନ୍ଦୁଗୁଡିଆ ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ଲୋକ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କର ୪ ପୁଅ ମଧ୍ୟରୁ ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟର ଉପକୁଳସଚିତ ଡ.ଉମାଚରଣ ପତି, ନିମାଇଚରଣ ପତି, ବରଗଡ଼ ବିକାଶ ସିନିଅର୍ ସେକେଣ୍ଡାରୀ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତରଞ୍ଜନ ପତି, ଶାସନ ବିକାଶ କନ୍‌ସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବୋହୂ ବନିତା, ନିତାଞ୍ଜଳି, ବିଜୟା, ମିତା ଏବଂ ୮ ନାତିନାତୁଣୀ ଅଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ସଚେତନତା



ଝାରସୁଗୁଡ଼ା,୧୦।୯ (ସମିସ): ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡା ପକ୍ଷରୁ ଆସନ୍ତା ୧୩ ତାରିଖ ଜିଲ୍ଲା କୋର୍ଟ ପରିସରରେ ଓ ଲଖନପୁରରେ ଥିବା ଗାଁ ନ୍ୟାୟାଳୟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାର ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ଭ୍ରାମ୍ୟମାଣ ଗାଡିର ବ୍ୟବସ୍ଥା କରାଯାଇଛି। ଏଥିରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବୁଲି ଡାକବାଜି ଯନ୍ତ୍ର ମାଧ୍ୟମରେ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ ସମ୍ପର୍କରେ ସଚେତନ କରାଯାଉଛି। ଅଦାଲତରେ ବିଚାରାଧିନ ମାମଲା ଓ ନିଜ ମଧ୍ୟରେ ଥିବା ଯେକୌଣସି ମିଳାମିଶା ଯୋଗ୍ୟ ବିବାଦର ଆପୋଷ ବୁଝାମଣା ମାଧ୍ୟମରେ ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରାଧୀନ ସମସ୍ତ ପ୍ରକାରର ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ବିଚାରାଧିନ ମକଦ୍ଦମା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଆଦି ମାମଲା ମାନଙ୍କର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। ଏହାଛଡ଼ା ପ୍ରାକ୍ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଶ୍ରମ ଓ ନିଯୁକ୍ତି ବିବାଦ ମଧ୍ୟ ଆପୋଷ ବୁଝାମଣା ମାଧ୍ୟମରେ ଏହି ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ସମାଧନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ। ଯଦି କୌଣସି ବିଚାରାଧୀନ ମୋକଦ୍ଦମା ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ମଧ୍ୟ ଫେରସ୍ତ ହୋଇପାରିବ। ଅଧିକ ସୂଚନା ନିମନ୍ତେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ସି-ଏସ୍‌ଟି ସମନ୍ୱୟ କମିଟିର ଦାବିପତ୍ର

ଇବଥର୍ମାଲ,୧୦।୯ (ସମିସ)




ଝାରସୁଗୁଡା ଜିଲ୍ଲା ଏସସି ଏସଟି ସମନ୍ୱୟ ଆହ୍ୱାନ କମିଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣଙ୍କୁ ଦାବିପତ୍ର ପ୍ରଦାନ କରିଛି। ଡିସିପି ପାହ୍ୟାର ଅଧିକାରୀ ମାନେ ଆଟ୍ରୋସିଟି ମାମଲାର ତଦନ୍ତ କରୁଥିବା ବେଳେ ଆଇଆଇସି ମାନେ ଏହି ମାମଲାର ତଦନ୍ତ କରି ପାରିବେ ବୋଲି ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ପୁଲିସ କାର୍ଯ୍ୟାଳୟକୁ ଚିଠି କରାଯାଇଛି। ଏହା ଏସସି ଏସଟିଙ୍କ ସ୍ୱାର୍ଥ ବିରୋଧୀ ଅଟେ ବୋଲି ଏସସି ଏସଟି ସମନ୍ୱୟ ଆହ୍ୱାନ କମିଟି ପ୍ରକାଶ କରିଛି। ଆଇଆଇସି ମାନଙ୍କ ଦ୍ୱାରା ଏହି ତଦନ୍ତ ଠିକ ଭାବେ ପରିଚାଳନା ନ ହୋଇ ପାରିବାର ସମ୍ଭାବନା ରହିଛି। ତେଣୁ ଆଟ୍ରୋସିଟି ମାମଲାର ତଦନ୍ତ ଭାର ଡିଏସପି ପାହ୍ୟାର ଅଧିକାରୀଙ୍କୁ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# କୁମ୍ଭୀର ବଞ୍ଚାଇ ଦେଲା ମହିଳାଙ୍କ ଜୀବନ



କାନପୁର, ୧୦।୯ (ଏଜେନ୍ସି): ସ୍ୱାମୀ ସବୁବେଳେ ମଦ ପିଉଥିଲେ। ଆଉ ଏହି ମଦ ନିଶାରେ ଆସି ସେ ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ମାର୍‌ପିଟ କରୁଥିଲେ ଏବଂ ନିର୍ଯାତନା ଦେଉଥିଲା। ପ୍ରାୟ ସବୁ ଦିନ ଏପରି ଲାଗି ରହିଥିଲା। ଏଥିପାଇଁ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା। ଏହାକୁ ନେଇ ମହିଳା ଅତିଷ୍ଠ ହୋଇ ଯାଇଥିଲେ। ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ରାତିରେ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଏକ ପୋଲ ଉପରୁ ଭରା ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ଟିକେ ଟିକେ ପହଁରା ଶିଖିଥିବାରୁ ସଂଘର୍ଷ କରି ମହିଳା କିଛି ବାଟ ପଳାଇ ଥିଲେ। ମାତ୍ର ଅଣନିଃଶ୍ୱାସୀ ଲାଗିବାରୁ ମହିଳା କିଛି ସମୟ ଅଟକିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ନିକଟ ଦେଇ ଭାସି ଯାଉଥିବା ଏକ କାଠକୁ ଆଶ୍ରା କରି ନଦୀ କୂଳ ଆଡକୁ ଚାଲି ଆସିଥିଲେ। ଟିକେ ଅପେକ୍ଷା କରି ଦୀର୍ଘ ଶ୍ୱାସ ନେଉଥିବା ସମୟରେ ସେ ଏକ ବିରାଟକାୟ କୁମ୍ଭୀର ତାଙ୍କ ଅଭିମୁଖେ ଆସୁଥିବା ଦେଖିବାକୁ ପାଇଥିଲେ। ଆଉ ଏହି କୁମ୍ଭୀର ହିଁ ମହିଳାଙ୍କ ମନ ବଦଳାଇ ଦେଇଥିଲା। ଆତ୍ମହତ୍ୟା କରିବାକୁ ଗଙ୍ଗା ନଦୀକୁ ଡେଇଁଥିବା ଏହି ମହିଳା ଜୀବନ ବଞ୍ଚାଇବା ପାଇଁ ଦୌଡି ଥିଲେ। ନଦୀ କୂଳରେ ଥିବା ଏକ ପିଜୁଳି ଗଛ ଦେଖି ଜୀବନ ବିକଳରେ ତା ଉପରେ ଚଢ଼ି ଯାଇଥିଲେ। ସାରା ରାତି ସେହି ଗଛ ଉପରେ ମହିଳା ଅପେକ୍ଷା କରିଥିଲେ। ଆଉ ରାତି ପାହିବା ପରେ ମହିଳାଙ୍କ କାନ୍ଦ ଶୁଣି କିଛି ଲୋକ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ପୁଲିସ ତାଙ୍କ ଘରେ ପହଞ୍ଚାଇ ଥିଲା। ଆଉ ଝଗଡ଼ା ନ କରିବାକୁ ସ୍ୱାମୀଙ୍କୁ ପରାମର୍ଶ ଦେଇଥିଲା। ଉତ୍ତର ପ୍ରଦେଶ କାନପୁର ଅନ୍ତର୍ଗତ ଅହିରୱାନ ବାସିନ୍ଦା ମାଳତୀ ଦେବୀ (୩୨)ଙ୍କ କ୍ଷେତ୍ରରେ ଏଭଳି ଘଟିଥିଲା। ସ୍ୱାମୀଙ୍କ ସହ ଝଗଡ଼ା ହେବା ଯୋଗୁଁ ସେ ଗତ ଶୁକ୍ରବାର ରାତିରେ ଜଜମଉ ପୋଲରୁ ଗଙ୍ଗାକୁ ଡେଇଁଥିଲେ। ଏହି ଖବର ଖୁବ ଚର୍ଚ୍ଚାରେ ରହିଛି।

# ସହାୟତା ମାଗିଲେ ନେପାଳରେ ଫସିଥିବା ଭାରତୀୟ ଯୁବତୀ



ପଞ୍ଚକୁଲା, ୧୦।୯ (ଏଜେନ୍ସି): ନେପାଳରେ ଚାଲିଥିବା ଉଗ୍ର ତଥା ହିଂସ୍ର ଆନ୍ଦୋଳନ କାରଣରୁ ଦିଲ୍ଲୀର ଉପାସନା ଗିଲ୍ ସେଠାରେ ଫସି ରହିଛନ୍ତି। ସହାୟତା କରିବା ପାଇଁ ସେ ସାମାଜିକ ଗଣମାଧ୍ୟମରେ କାନ୍ଦି କାନ୍ଦି ନିବେଦନ କରିଛନ୍ତି। ଉପାସନା ଏକ ଭଲିବଲ୍ ଇଭେଣ୍ଟ ଉପସ୍ଥାପନ କରିବାକୁ ନେପାଳର ପୋଖରା ଯାଇଥିଲେ। ତାଙ୍କ ଟିମ୍‌ରେ ହରିୟାଣା ଓ ଫରିଦାବାଦ୍‌ର ଅନ୍ୟ ଝିଅମାନେ ମଧ୍ୟ ଥିଲେ। ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ସେ ତୁରନ୍ତ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ହରିୟାଣା ରାଜ୍ୟ ମହିଳା କମିଶନ ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସାଇନିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସେ ରହୁଥିବା ହୋଟେଲକୁ ଆନ୍ଦୋଳନକାରୀମାନେ ସମ୍ପୂର୍ଣ୍ଣ ରୂପେ ଜାଳି ଦେଇଛନ୍ତି। ହିଂସା ବେଳେ ସେ ଏକ ସ୍ପାରେ ଥିଲେ। ଉତ୍ତ୍ୟକ୍ତ ଲୋକେ ବାଡି ଧରି ତାଙ୍କୁ ପଛରୁ ଗୋଡାଇଥିଲେ। କୌଶଳ କ୍ରମେ ଯୁବତୀ ଅଳ୍ପକେ ବର୍ତ୍ତିଯାଇ ଖସି ପଳାଇଆସିଛନ୍ତି ବୋଲି ପୋଷ୍ଟ କରିଥିବା ଭିଡିଓରେ ସେ କହିଛନ୍ତି। ପୋଖରାରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ସବୁଆଡେ ଖାଲି ନିଆଁ ଓ ପୋଡାଜଳା ଦେଖିବାକୁ ମିଳିଛି। ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼ ପର୍ଯ୍ୟଟକଙ୍କୁ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଓ ବାହାରୁ ଆସିଥିବା ଲୋକ ଯାହାକୁ ଦେଖୁଛନ୍ତି ସେମାନେ ଆକ୍ରମଣ କରୁଛନ୍ତି ବୋଲି ସେ କହିଛନ୍ତି। ଏବେ ସେ ଓ ତାଙ୍କ ଟିମ୍ ଅନ୍ୟ ହୋଟେଲରେ ରହୁଛନ୍ତି। ସେମାନେ ସେଠାରେ କେତେଦିନ ରହିପାରିବେ ତାହା କହିବା କଷ୍ଟକର। ତେଣୁ ତାଙ୍କ ବାର୍ତ୍ତାକୁ ଭାରତୀୟ ଦୂତାବାସକୁ ପଠାଇବାକୁ ସେ ଅନୁରୋଧ କରିଛନ୍ତି।

## ଶୁକ୍ରବାର ଶପଥ ନେବେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଆସନ୍ତା ଶୁକ୍ରବାର ଦିନ ନବନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶପଥ ଗ୍ରହଣ କରିବେ। ଆଜି ରାଷ୍ଟ୍ରପତି ଭବନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଗତକାଲି ହୋଇଥିବା ନିର୍ବାଚନରେ ଏନଡିଏ ପ୍ରାର୍ଥୀ ରାଧାକୃଷ୍ଣନ୍ ଇଣ୍ଡିଆ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନ୍ ୪୫୨ ଭୋଟ ଏବଂ ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ।

## ପାକିସ୍ତାନକୁ ସିମ୍ କାର୍ଡ ପଠାଇ ନେପାଳୀ ନାଗରିକ ଗିରଫ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ବୁଧବାର ଜଣେ ନେପାଳୀ ନାଗରିକକୁ ଗିରଫ କରିଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ସିମ୍ କାର୍ଡ ପଠାଇବା ଅଭିଯୋଗରେ ପ୍ରଭାତ କୁମାର ଚୌରାସିଆ ନାମକ ଏହି ଯୁବକଙ୍କୁ ଦିଲ୍ଲୀର ଲକ୍ଷ୍ମୀ ନଗରରୁ ଗିରଫ କରାଯାଇଛି ବୋଲି ପୁଲିସ୍ ତରଫରୁ କୁହାଯାଇଛି। ପ୍ରଭାତ ମହାରାଷ୍ଟ୍ରର ଲାଟୁରରୁ ୧୬ଟି ସିମ୍ କାର୍ଡ କ୍ରୟ କରି ନେପାଳ ପହଞ୍ଚାଇଥିଲେ। ସେଠାରୁ ୧୧ଟି କାର୍ଡ ପାକିସ୍ତାନର ବାହବଲପୁରରେ ଥିବା ଟ୍ରେସ୍ ହୋଇଥିଲା। ଏହି କାର୍ଡଗୁଡିକର ନମ୍ବରକୁ ଭାରତ ବିରୋଧୀ ଗତିବିଧିରେ ବ୍ୟବହାର କରାଯାଇଥିଲା। ବାହବଲପୁର ହେଉଛି ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଗଡ଼। ଅପରେସନ ସିନ୍ଦୂରରେ ଭାରତ ଏହି ସ୍ଥାନରେ ଥିବା ଆତଙ୍କବାଦୀ ଠିକଣା ଉପରେ ମିସାଇଲ ଆକ୍ରମଣ କରିଥିଲା। ୨୦୨୪ରେ ପ୍ରଭାତ ଜଣେ ନେପାଳୀ ମଧ୍ୟସ୍ଥି ମାଧ୍ୟମରେ କାର୍ଡଗୁଡିକୁ ପାକିସ୍ତାନ ପଠାଇଥିଲା। ପ୍ରତିବଦଳରେ ଆଇଏସ୍‌ଆଇ ତାଙ୍କୁ ଆମେରିକା ଭିସା ଦେବାକୁ ପ୍ରତିଶ୍ରୁତି ଦେଇଥିଲା।

## ମନମୋହନ ସିଂହଙ୍କୁ 'ପିଭି ନରସିଂହ ରାଓ' ପୁରସ୍କାର

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଅର୍ଥନୀତିଜ୍ଞ ମନମୋହନ ସିଂହଙ୍କୁ ମରଣୋତ୍ତର ଭାବେ 'ପିଭି ନରସିଂହ ରାଓ' ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଅର୍ଥନୀତିର ରୂପାନ୍ତରଣ ଓ ଦେଶ ନିର୍ମାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି। ଦିଲ୍ଲୀରେ ଗତ ସପ୍ତାହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ପାଇଁ ପତ୍ନୀ ଗୁରଶରଣ କୌର ଏହି ପୁରସ୍କାର ଗ୍ରହଣ କରିଥିଲେ ବୋଲି ହାଇଦରାବାଦ ପର୍ଯ୍ୟବସିତ ପିଭି ନରସିହ୍ମା ରାଓ ସ୍ମାରକୀ ଫାଉଣ୍ଡେସନ (ପିଭିଏନ୍‌ଏମ୍‌ଏଫ୍) ତରଫରୁ କୁହାଯାଇଛି। ଯୋଜନା କମିଶନ ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ ସିଂହ ଆହ୍ଲୱାଲିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅର୍ଥନୀତିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ଅବସରରେ ପିଭିଏନ୍‌ଏମ୍‌ଏଫ୍ ଅଧ୍ୟକ୍ଷ କେ ରାମଚନ୍ଦ୍ର ମୁର୍ତ୍ତୀ ଓ ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଉପସ୍ଥିତ ଥିଲେ।

## ଇସ୍ରାଏଲ ବିପକ୍ଷରେ ଯୁଦ୍ଧ କରିବେ ଆରବ ଦେଶ

ଦୋହା, ୧୦।୯(ଏଜେନ୍ସି): କାତାର ରାଜଧାନୀ ଦୋହାରେ ଇସ୍ରାଏଲ ଆକ୍ରମଣ କରିବା ପରେ ଆରବର ସବୁ ଇସ୍‌ଲାମିକ ଦେଶ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲର ଏହି ଆକ୍ରମଣକୁ ନିନ୍ଦା କରି ସାଉଦି ଆରବ, ୟୁଏଇ, କାତାର, ଜୋର୍ଡାନ ଓ ତୁର୍କୀ ଭଳି ଆରବ ଦେଶଗୁଡିକ ମିଳିତ ବିବୃତ୍ତି ଦେଇଛନ୍ତି। ଏହା ଆଞ୍ଚଳିକ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବା ସହ କାତାରର ସାର୍ବଭୌମତ୍ୱ ଉପରେ ଆକ୍ରମଣ ଓ ଅନ୍ତର୍ଜାତୀୟ ନିୟମର ଘୋର ଉଲ୍ଲଂଘନ ବୋଲି କୁହାଯାଇଛି। ଇସ୍ରାଏଲର ଏଭଳି ଆକ୍ରମଣ ଆତଙ୍କବାଦର ଏକ ବୃହତ ରୂପ ବୋଲି କାତାର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ କହିଛନ୍ତି। କାତାରକୁ ସବୁ ଦେଶଗୁଡିକ ସମର୍ଥନ କରିଛନ୍ତି। ଏଭଳି ଆକ୍ରମଣ କଲେ ଇସ୍ରାଏଲ ବିରୋଧରେ ଯୁଦ୍ଧ ଘୋଷଣା କରାଯିବ ବୋଲି ଏହି ଦେଶଗୁଡିକ ମିଳିତ ବିବୃତ୍ତିରେ କହିଛନ୍ତି।

## ବର୍ତ୍ତିଲେ ହମାସ୍ ନେତା; ୬ ମୃତ

ଦୋହା, ୧୦।୯(ଏଜେନ୍ସି): କତାର ରାଜଧାନୀ ଦୋହାରେ ମଙ୍ଗଳବାର ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ଆକ୍ରମଣ ଇସ୍ରାଏଲ ସେନା କରିଛି। ଆତଙ୍କବାଦୀ ସଂଗଠନ ହମାସର କେତେଜଣ ବରିଷ୍ଠ ନେତାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ୍ ସେନା ତରଫରୁ କୁହାଯାଇଛି। ହମାସ ମୁଖ୍ୟ ଖଲିଲ ଅଲ-ହୟାଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। କିନ୍ତୁ ସେ ଅଳ୍ପକେ ବଞ୍ଚିଯାଇଥିବା ବେଳେ ଅନ୍ୟ ୬ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ କରିଛି କିଏ?

### ସନ୍ଦେହ ଘେରରେ ପାୱାର ଓ ଉଦ୍ଧବଙ୍କ ସାଂସଦ

### ଇଣ୍ଡିଆ ମେଣ୍ଟର ମିତ୍ର ସାଂସଦଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ': କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୯: ଗତକାଲି ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ ହୋଇଛି। କ୍ଷମତାସୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡୀ ୨୪ଟି କମ୍ ଭୋଟ୍ ପାଇଛନ୍ତି। ୧୫ଟି ଭୋଟ୍ ନାକଚ ହୋଇଛି। କିଏ କ୍ରସଭୋଟିଂ କରିଛି ଏହାକୁ ନେଇ ବିରୋଧୀ ଶିବିରରେ ଘଣ୍ଟାଚକଟା ଚାଲିଥିବା ବେଳେ ସେମାନଙ୍କ କଟା ଘା'ରେ ଆଜି ଚୂନ ଲଗାଇଛନ୍ତି ବିଜେପି ନେତା ତଥା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧୀ ମେଣ୍ଟର କିଛି ସାଂସଦ ନିଜ ବିବେକ ଅନୁଯାୟୀ ଭୋଟ୍ ଦେଇଛନ୍ତି। ସେମାନଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ'। ବିରୋଧୀ ମେଣ୍ଟର ଏହି ସାଂସଦଙ୍କୁ ସେ ଏନଡିଏର ମିତ୍ର ବୋଲି କହିଛନ୍ତି। ରିଜିଜୁଙ୍କ ଏହି ଟୁଇଟ୍ ଆଜି ବିରୋଧୀ ଶିବିରରେ ନିଆଁ ଲଗାଇଦେଇଛି। ଶାସକ ମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରିଥିବା ଏନଡିଏର ସେହି ମିତ୍ର ସାଂସଦ କିଏ? ସେମାନଙ୍କୁ ଖୋଜି ବାହାର କରାଯାଉ ଏବଂ ଏହା ଉପରେ ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି କଂଗ୍ରେସ ନେତା ମନିଶ ତିୱାରୀ। ସେ କହିଛନ୍ତି ଯେ ବିହାର ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକଜୁଟ୍ ହେବା ଲାଗି ବିରୋଧୀ ଶିବିର ଅକ୍ଳାନ୍ତ ପରିଶ୍ରମ କରୁଥିବା ବେଳେ କ୍ରସଭୋଟିଂ କରି ସାଂସଦ ବିଶ୍ୱାସଘାତ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ।

ଦିଲ୍ଲୀ ରାଜନୈତିକ ମହଲରେ ଯେଉଁ ଚର୍ଚ୍ଚା ଚାଲିଛି, ତାହାକୁ ଯଦି ବିଶ୍ୱାସ କରାଯାଏ, ତାହାହେଲେ ଶରଦ ପାୱାରଙ୍କ ଏନ୍‌ସିପି, ଉଦ୍ଧବ ଠାକରେଙ୍କ ଶିବ ସେନା, ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌ର ସାଂସଦ ସନ୍ଦେହ ଘେରରେ ରହିଛି। କଂଗ୍ରେସ ସାଂସଦ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହନ୍ତି। କାରଣ ଗତବର୍ଷ ହିମାଚଳ ପ୍ରଦେଶରେ କଂଗ୍ରେସର ୬ ବିଧାୟକ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରି ଜିତାଇଥିଲେ। ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଆଜି କହିଛନ୍ତି ଯେ ତାଙ୍କର ସମସ୍ତ ୯ ସାଂସଦ ସୁଦର୍ଶନଙ୍କ ସପକ୍ଷରେ ଭୋଟ୍ ଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତା ଅଭିଶେକ ବାନାର୍ଜୀ କହିଛନ୍ତି ଯେ ତାଙ୍କ ଦଳର ସମସ୍ତ ୪୧ ଜଣ ସାଂସଦ ବିରୋଧୀ ମେଣ୍ଟ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦେଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ଏନସିପି (ପାୱାର) ନେତ୍ରୀ ସୁପ୍ରିୟା ସୁଲେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ସନ୍ଦେହ ବଢାଇଛି। ସେ କହିଛନ୍ତି ଯେ ମତଦାନ ଯଦି ଗୁପ୍ତ, ତାହାହେଲେ କିଏ କ୍ରସଭୋଟିଂ କରିଛି, ଜାଣିବା କଷ୍ଟକର। ସାଂସଦମାନଙ୍କ ମଧ୍ୟରେ ଯଦି ମତଭେଦ ହେବ, ତାହାହେଲେ ଆମେ କଣ କରିପାରିବା। କିନ୍ତୁ ଏଥିପାଇଁ ମହାରାଷ୍ଟ୍ରକୁ ବଦନାମ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସେହିଭଳି ଉଦ୍ଧବ ଶିବ ସେନାର ନେତା ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ରହିଛି। କିଛି ସାଂସଦଙ୍କୁ ଅର୍ଥ ଲୋଭ କିମ୍ବା ବ୍ଲାକମେଲ କରାଯାଇଥିବ ବୋଲି କହି ସେ ମଧ୍ୟ ଅସହାୟତା ପ୍ରକାଶ କରିଛନ୍ତି। କେଜ୍ରିୱାଲଙ୍କ ଆପ୍ ନିରବ ରହିଛି। ଏହି ତିନିଟି ଦଳର ୩୩ ଜଣ ସାଂସଦ ରହିଛନ୍ତି।

# ନେପାଳରୁ ଫ୍ରାନ୍ସ: ୧୧ ଦେଶରେ ସମାନ ସଙ୍କଟ



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ନେପାଳରେ ଲାଗିଥିବା ନିଆଁ ଲିଭିବାର ନା ଧରୁନି। ଆନ୍ଦୋଳନକାରୀଙ୍କ ସାମ୍ନାରେ ସରକାରେ ନଇଁ ଗଲେଣି। ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ସାରିଲେଣି। ଉପ-ପ୍ରଧାନମନ୍ତ୍ରୀଙ୍କ ଅନେକ ମନ୍ତ୍ରୀ ପଦ ଛାଡ଼ି ସାରିଲେଣି। ସାମାଜିକ ଗଣମାଧ୍ୟମରୁ କଟକଣା ହଟିଲାଣି। ଏହା ସତ୍ତ୍ୱେ ଜେନ୍-ଜେଡ୍ ତଥା ଯୁବ ଗୋଷ୍ଠୀଙ୍କ କ୍ରୋଧ ଶାନ୍ତ ପଡୁନାହିଁ। ନେପାଳ ଭଳି ବିଶ୍ୱର କିଛି ଅନ୍ୟ ଦେଶରେ ମଧ୍ୟ ଏଭଳି ସ୍ଥିତି ଜାରି ରହିଛି। ଏହା ମଧ୍ୟରେ ଫ୍ରାନ୍ସ, ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ସମେତ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ସାମିଲ ଅଛନ୍ତି। ପ୍ରମୁଖ ୧୧ଟି ଦେଶରେ ରାଜନୈତିକ ଅସ୍ଥିରତା ଜାରି ରହିଛି। ତେବେ ଏହି ସବୁ ଦେଶର ସମସ୍ୟା ସମାନ ହୋଇଥିଲେ ମଧ୍ୟ କାରଣ ଭିନ୍ନ ଭିନ୍ନ ରହିଛି। ଦୁର୍ନୀତି ଏବଂ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲାଗି ନେପାଳ ଜଳୁଥିବାବେଳେ ନିର୍ବାଚନରେ ବହୁମତ ଲାଗି ରାଜନୈତିକ ଅସ୍ଥିରତା ସହିତ ବଜେଟ ହ୍ରାସକୁ ନେଇ ଫ୍ରାନ୍ସରେ ଆରମ୍ଭ ହୋଇଛି ବିକ୍ଷୋଭ ପ୍ରଦର୍ଶନ। ଏଠାରେ ଗତ ତିନି ବର୍ଷରେ ୪ ଥର ପ୍ରଧାନମନ୍ତ୍ରୀ ବଦଳିଲେଣି। ରାଷ୍ଟ୍ରପତି ଏମାନୁଏଲ ମାକ୍ରନଙ୍କ ମଧ୍ୟ ଲୋକପ୍ରିୟତା କମ୍ ହେବାରେ ଲାଗିଛି। ଜାପାନରେ ମଧ୍ୟ ଏଭଳି ସ୍ଥିତି ଲାଗି ରହିଛି। କ୍ଷମତାସୀନ ଦଳ ବହୁତମ ସାବ୍ୟସ୍ତ ନ କରିପାରିବାରୁ ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ପଦ ଛାଡିଛନ୍ତି। ସେହିପରି କୋର୍ଟଙ୍କ ନିଷ୍ପତ୍ତି ଯୋଗୁଁ ଥାଇଲାଣ୍ଡରେ ସିନାବାତ୍ରା ପରିବାରର ସମସ୍ୟା ବଢି ଚାଲିଛି। ଏହା ବ୍ୟତୀତ ଆର୍ଥିକ ସୁଧାର ପାଇଁ ସରକାର ବଢ଼ାଇଥିବା ଟିକସକୁ ଇଣ୍ଡୋନେସିଆର ସାଧାରଣ ନାଗରିକ ହଜମ କରିପାରୁନାହାନ୍ତି। ଏହାକୁ ନେଇ ଲୋକେ ବଡ଼ଧରଣର ବିକ୍ଷୋଭ କରୁଛନ୍ତି। ମାଲି, ମଙ୍ଗୋଲିଆ, ଆର୍ମେନିଆ, କଙ୍ଗୋରୁ ନେଇ ସୁଦାନ ଏବଂ ଲେବାନନ ପର୍ଯ୍ୟନ୍ତ ମଧ୍ୟ ସମାନ ସ୍ଥିତି ରହିଛି।

ଜାପାନରେ ଚଳିତ ଥର ନିର୍ବାଚନ ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। କ୍ଷମତାସୀନ ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି)ର ରାଜନୈତିକ ସ୍ଥିତି ଏଭଳି ଭୁଶୁଡ଼ି ଯାଇଛି ଯେ ଦଳ ସେଥିରୁ ବାହାରି ପାରୁନାହିଁ। କାରଣ ଜାପାନ ରାଜନୀତିରେ ୭୦ ବର୍ଷ ହେଲା ଏହି ଦଳର କର୍ତ୍ତୃତ୍ୱ ରହିଛି। ତେଣୁ ପରାଜୟକୁ ଜାପାନ ରାଜନୀତିରେ ଏକ ବଡ଼ ମୋଡ ଭାବେ ଦେଖାଯାଉଛି। ଆର୍ଥିକ ଆହ୍ୱାନ, ସରକାରଙ୍କ ବିଫଳତା, ମନ୍ଥର ବିକାଶ ହାର ଆଦି ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇ ଦେଇଛି। ସେହିପରି ଥାଇଲାଣ୍ଡରେ ନ୍ୟାୟପାଳିକା ଏବଂ ରାଜନୈତିକ ବଂଶବାଦ ମଧ୍ୟରେ ମୁକାବିଲା ଯୋଗୁଁ ଅସ୍ଥିରତା ସୃଷ୍ଟି ହୋଇଛି। ଏଠାରେ ସୁପ୍ରିମକୋର୍ଟ ଦୁର୍ନୀତି ଏବଂ କ୍ଷମତାର ଅପବ୍ୟବହାର ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ତାଙ୍କ ଝିଅ ସିନାବାତ୍ରାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହା ଦ୍ୱାରା ଲୋକେ ଉତକ୍ଷିପ୍ତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଦେଶର ରାଜନୀତିରେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ସିନାବାତ୍ରାଙ୍କ ପରିବାରର କର୍ତ୍ତୃତ୍ୱ ରହିଥିଲା। ଚାର୍ଣ୍ଣବିରାକୁଲ କ୍ଷମତାସୀନ ହେବା ପରେ ବି ବିକ୍ଷୋଭ ଜାରି ରହିଛି। ସାଂସଦ ଭାଗ ଭାଗ ହୋଇ ଯାଇଛନ୍ତି। ବିରୋଧୀ ସୁଯୋଗର ଲାଭ ନେବା ପାଇଁ ଅପେକ୍ଷା କରି ରହିଛନ୍ତି।

ଦକ୍ଷିଣ ପୂର୍ବ ଏସିଆର ବୃହତ୍ତ ଅର୍ଥବ୍ୟବସ୍ଥା ଇଣ୍ଡୋନେସିଆରେ ରାଷ୍ଟ୍ରପତି ପ୍ରବୋଭୋ କଡ଼ା ଆହ୍ୱାନ ଦେଇ ଗତି କରୁଛନ୍ତି। ସରକାର ଭ୍ୟାଟ ବଢ଼ାଇ ୧୧ରୁ ୧୨ ପ୍ରତିଶତ କରିବାରୁ ଦରଦାମ ବୃଦ୍ଧି ପାଇଲା। ଏଥିଯୋଗୁଁ ଲୋକେ କ୍ରୋଧିତ ହୋଇ ବିକ୍ଷୋଭ କରୁଛନ୍ତି। ରାଜନେତାଙ୍କ ଦରମା ବୃଦ୍ଧିଙ୍କୁ ବିରୋଧ କରୁଛନ୍ତି। ଗତ ସପ୍ତାହରେ ଲୋକେ ସଂସଦ ଘେରଉ କରିଥିଲେ। ଏହାକୁ କିଛି ମାତ୍ରାରେ ଦମନ କରିବାକୁ ସରକାର ସଫଳ ହୋଇଥିଲେ ବି ଅସନ୍ତୋଷ କୁହୁଳିବାରେ ଲାଗିଛି।

## ନେପାଳରେ କ'ଣ ଚାଲିଛି ଦେଖନ୍ତୁ: ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ରାଷ୍ଟ୍ରପତିଙ୍କ ପରାମର୍ଶ ଉପରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ସମୟରେ ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବିତ ବୋଲି କହିଛନ୍ତି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ। ବାଂଲାଦେଶ ଏବଂ ନେପାଳରେ ଜାରି ହିଂସା ବିଷୟରେ ଉଲ୍ଲେଖ କରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସିଜେଆଇ ଗଭାଇ କହିଥିଲେ ଯେ ପଡ଼ୋଶୀ ନେପାଳରେ ଅସ୍ଥିରତା ଲାଗି ରହିଥିବା ବେଳେ ଭାରତରେ ମଜବୁତ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି। ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବ କରୁଛୁ। ପଡୋଶୀ ଦେଶରେ କ'ଣ ସବୁ ଚାଲିଛି ଦେଖନ୍ତୁ। ବାଂଲାଦେଶରେ କଣ ହେଉଥିଲା ଏବଂ ନେପାଳରେ କ'ଣ ହେଉଛି ତାହା ଦେଖନ୍ତୁ। ସଲିସିଟର ଜେନେରାଲ ତୁଷାର ମେହଟ୍ଟାଙ୍କ ଦଲିଲ ଉପରେ ବିଚାରପତି ଏହି ଟିପ୍ପଣୀ ଦେଇଥିଲେ। ଏହା ପୂର୍ବରୁ ସଲିସିଟର ଜେନେରାଲ କହିଥିଲେ ଯେ ୧୯୭୦ରୁ ଏ ପର୍ଯ୍ୟନ୍ତ କେବଳ ୨୦ଟି ବିଲ୍ ରାଷ୍ଟ୍ରପତିଙ୍କ ପାଖରେ ପଡ଼ି ରହିଛି। କିନ୍ତୁ ୯୦ ପ୍ରତିଶତ ବିଲ୍ ମାସେ ଭିତରେ ପାରିତ ହୋଇଯାଉଛି। ଏହା ଉପରେ ଆପତ୍ତି ଉଠାଇ ସିଜେଆଇ କହିଥିଲେ ଯେ କେବଳ ତଥ୍ୟରୁ ନିଷ୍କର୍ଷ ବାହାର କରିବା ଉଚିତ ନୁହେଁ।



# ଫ୍ରାନ୍ସରେ ବି ତାତିଲେ ବିରୋଧୀ, ୨୦୦ ଗିରଫ




### ବଜେଟ ହ୍ରାସ, ସରକାରୀ ନୀତିକୁ ବିରୋଧ

### ରାସ୍ତାକୁ ଓହ୍ଲାଇଲେ ଲକ୍ଷେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ

ପ୍ୟାରିସ, ୧୦।୯ (ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଭାରତର ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କା, ପାକିସ୍ତାନ,ନେପାଳ ପରେ ଏବେ ଏହା ୟୁରୋପକୁ ବ୍ୟାପିଛି। ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତି ହେଉ ହେଉ ଏହି ଦେଶରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ନୀତି ଏବଂ ବଜେଟ ହ୍ରାସ୍‌କୁ ବିରୋଧ କରି ଲକ୍ଷେରୁ ଊର୍ଦ୍ଧ୍ୱ ଲୋକ ବୁଧବାର ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀ ରାଷ୍ଟ୍ରପତି ମାକ୍ରନଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରଦର୍ଶନକାରୀ ଉଗ୍ର ହୋଇ ଉଠିଛନ୍ତି। ପ୍ୟାରିସ ସମେତ ଅନେକ ସହରରେ ବିକ୍ଷୋଭ ଚାଲିଛି। ରେନ ସହରରେ ଏକ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଦକ୍ଷିଣ-ପଶ୍ଚିମ କ୍ଷେତ୍ରର ଏକ ବିଦ୍ୟୁତ ଲାଇନକୁ କାଟି ଦେଇଛନ୍ତି। ଏଥିଯୋଗୁଁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ଆନ୍ଦୋଳନକାରୀ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏଥିରେ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ବିଭିନ୍ନ ସହରରେ ନିଆଁ ଲଗାଇ ଦେଇଛନ୍ତି। ପ୍ୟାରିସର ବେଲ୍ଟୱେକୁ ବନ୍ଦ କରିଦେଇଛନ୍ତି। ଟ୍ରାଫିକ ଅଟକାଇ ଦେଇଛନ୍ତି।

ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଦର୍ଶନକାରୀ ବିଦ୍ରୋହର ପରିବେଶ ସୃଷ୍ଟି କରୁଛନ୍ତି। ବାମ ଦଳଗୁଡିକର ଆହ୍ୱାନରେ ଲକ୍ଷାଧିକ ଛାତ୍ରଛାତ୍ରୀ, ସାଧାରଣ ନାଗରିକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାସ୍ତାଘାଟ କବ୍‌ଜା କରି ନିଆଁ ଲଗାଇ ଦେଉଛନ୍ତି। ଏହି ବିକ୍ଷୋଭର ନାମ 'ବ୍ଲକ ଏଭ୍ରିଥିଙ୍ଗ' ରଖାଯାଇଛି। ଦେଶରେ ସବୁ କିଛି ବନ୍ଦ କରି ସରକାରଙ୍କୁ ନୁଆଁଇବା ପାଇଁ ବିରୋଧୀ ଉଦ୍ୟମ କରୁଛନ୍ତି। ବିକ୍ଷୋଭ ଦମନ କରିବା ପାଇଁ ୮୦ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏ ପର୍ଯ୍ୟନ୍ତ ୨୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଗଲାଣି। ଏହି ବିକ୍ଷୋଭ ପଛରେ ପ୍ରମୁଖ ଚାରିଟୋ କାରଣ ରହିଛି। ରାଷ୍ଟ୍ରପତି ମାକ୍ରନଙ୍କ ନୀତି ସାଧାରଣ ଲୋକଙ୍କ ବିରୋଧୀ ଏବଂ ସେ ଧନୀ ବର୍ଗଙ୍କୁ ଲାଭ ଦେଉଛନ୍ତି ବୋଲି ସିଂହଭାଗ ଲୋକ ଭାବୁଛନ୍ତି। ସେହିପରି ସରକାର ଖର୍ଚ୍ଚ କାଟ୍ କରି ଜନକଲ୍ୟାଣ ମୂଳକ ଯୋଜନାଗୁଡିକୁ ହ୍ରାସ କରୁଛନ୍ତି। ଏହା ଦ୍ୱାରା ସାଧାରଣ ଜନତା ବିଶେଷ କରି ମଧ୍ୟବିତ୍ତ ଏବଂ ଶ୍ରମିକ ବର୍ଗଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

## ରୁଷ୍‌ର ୩ଟି ଡ୍ରୋନ୍ ମାରି ଖସାଇଲା ପୋଲାଣ୍ଡ

ୱାରସା, ୧୦।୯(ଏଜେନ୍ସି):ରୁଷ ତୃତୀୟ ବିଶ୍ୱଯୁଦ୍ଧକୁ ନିମନ୍ତ୍ରଣ ଦେଉଛି। ପୋଲାଣ୍ଡ ଉପରକୁ ମାଡ଼ କରିଥିବା ୧୬ ଡ୍ରୋନ ମଧ୍ୟରୁ ଏହି ଦେଶ ବୁଧବାର ରୁଷିଆର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦେଇଛି। ବାୟୁ ସୀମା ଭିତରକୁ ଡ୍ରୋନ ସବୁ ଆସିଥିଲା ବୋଲି ପୋଲାଣ୍ଡ ପକ୍ଷରୁ କୁହାଯାଇଛି। ରୁଷ୍- ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ନାଟୋର କୌଣସି ସଦସ୍ୟ ରାଷ୍ଟ୍ର ପ୍ରଥମଥର ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ପୋଲାଣ୍ଡ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି। ପୋଲାଣ୍ଡ ରୁଷିଆର ପଡୋଶୀ ହୋଇ ନଥିଲେ ମଧ୍ୟ ରୁଷିଆର ଡ୍ରୋନ ତା'ର ବାୟୁସୀମାରେ ପ୍ରବେଶ କରିଥିଲା। ରାତିରେ ୧୯ ଥର ବାୟୁସୀମାର ଉଲ୍ଲଂଘନ ହୋଇଥିଲା ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି। ଏହି କ୍ରମରେ ପୋଲାଣ୍ଡ ନାଟୋ ଚୁକ୍ତିର ନିୟମ ୪କୁ ଲାଗୁ କରିଥିଲା। ଏହି ନିୟମ ଅନୁସାରେ କୌଣସି ସହଯୋଗୀ ରାଷ୍ଟ୍ରଠାରୁ ମତାମତ ନେଇ ହେବ। ତେବେ ଆମେ ସମ୍ଭାବ୍ୟ ଯୁଦ୍ଧର ନିକଟତର ନୁହଁ ବୋଲି ସେ କହିଛନ୍ତି। କିନ୍ତୁ ଏବେ ସ୍ଥିତି ପୂର୍ବଠାରୁ ଆହୁରି ବିପଜ୍ଜନକ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ଏଭଳି ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଛି।

# ପଞ୍ଜାବର ୨୦୦୦ ଗାଁ ଏବେ ବି ବନ୍ୟା ଘେରରେ

### ୧୬ ଦିନ ପରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଖୋଲିଲା

### ହରିୟାଣାରେ ଏଥର ୪୬ ପ୍ରତିଶତ ଅଧିକ ବର୍ଷା

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ପଞ୍ଜାବରେ ଏଥର ମୌସୁମୀରେ ସବୁଠାରୁ ବଡ଼ ବନ୍ୟା ଆସିଛି। ପଞ୍ଜାବରେ ଏବେ ବି ୨୩ଟି ଜିଲ୍ଲା ବନ୍ୟା ଘେରରେ ରହିଛି। ୨୦୦୦ ଗାଁ ଏବେ ମଧ୍ୟ ଜଳମଗ୍ନ ରହିଛି। କେନ୍ଦ୍ର ସରକାର ବନ୍ୟା ପାଇଁ ପଞ୍ଜାବକୁ ୧୬୦୦ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ପଞ୍ଜାବର ଲୁଧିଆନାରେ ୩୫୦ ଏକରର ଅଧିକ ଚାଷଜମି ଜଳମଗ୍ନ ହୋଇଛି। ସେହିପରି ଜମ୍ମୁ- କଶ୍ମୀର ଜମ୍ମୁ ଘାଟିର ଜୀବନ ରେଖା ବିବେଚିତ ହେଉଥିବା ଜମ୍ମୁ- ଶ୍ରୀନଗର ଜାତୀୟ ରାଜପଥକୁ ବୁଧବାର ଦୀର୍ଘ ୧୬ ଦିନ ପରେ ଖୋଲାଯାଇଛି। ସଡ଼କ ଉପରେ କେତୋଟି ସ୍ଥାନରେ ଭୂସ୍ଖଳନ ହେବା କାରଣରୁ ବନ୍ଦ କରାଯାଇଥିଲା। ଉଦୟପୁର ଓ ରାମବନ ଜିଲ୍ଲାରେ ସବୁଠାରୁ ଅଧିକ କ୍ଷତି ହୋଇଛି। ରାଜପଥ ଖୋଲାଯିବା ପରେ କଶ୍ମୀର ଘାଟିରେ ଫଳ ସମେତ ଅତ୍ୟାବଶ୍ୟକୀୟ ଜିନିଷପତ୍ରର ନେବା ଆଣିବା ହୋଇପାରିବ।

ହରିୟାଣାରେ ଏଥର ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ସାମାନ୍ୟଠାରୁ ଅଧିକ ୪୬ ପ୍ରତିଶତ ବର୍ଷା ହୋଇଛି। ଏହି ରାଜ୍ୟରେ ହାରାହାରି ୩୮୫.୧ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୫୬୩. ୮ମିମି ବର୍ଷା ହୋଇଛି। ଯମୁନାନଗରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୦୮୦.୮ ମିମି ବର୍ଷା ହୋଇଛି। ସେହିପରି ଗୁଜରାଟର ବନାସକାଣ୍ଠା ସମେତ ୩ଟି ଜିଲ୍ଲାରେ ଗତ ୨ ଦିନରେ ୧୬ ଇଞ୍ଚଠାରୁ ଅଧିକ ବର୍ଷା ହୋଇଛି। ଫଳରେ ଭାଭ-ଥରାଦ ଓ ସୁଇଗାମ ତାଲୁକାସରେ ବନ୍ୟା ଆସିଛି। ପାଖାପାଖି ୧୨ଟି ଗାଁରେ ୫ ଫୁଟ ପର୍ଯ୍ୟନ୍ତ ପାଣି ପଶିଯାଇଛି। ଅନ୍ୟପଟେ ରାଜସ୍ଥାନରେ ଏଥର ଗତ ୧୦୦ ଦିନ ମଧ୍ୟରେ ୭୦୦ମିମି ବର୍ଷା ହୋଇଛି। ତେବେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷାର କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ସେହିପରି ଉତ୍ତର ପ୍ରଦେଶର ଆଗ୍ରାରେ ହାଥି ଘାଟ ପର୍ଯ୍ୟନ୍ତ ଯମୁନା ନଦୀର ପାଣି ଅସି ପହଞ୍ଚିଛି।

# ଆଉଟ୍‌ଫିଟ୍‌ରେ ବଢ଼ାନ୍ତୁ ଆତ୍ମବିଶ୍ୱାସ



**ପୋଷାକ ଶରୀରକୁ ସୁନ୍ଦର ଆକାର ଦେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଭଲ ପୋଷାକ ପିନ୍ଧିଲେ, ମନ ଭିତରୁ ଭଲ ଅନୁଭବ ହୋଇଥାଏ । ବିଶେଷ କରି ଏହା ମହିଳାଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ । ଏପରି କିଛି ଟିପ୍ସ ରହିଛି ଯାହାକୁ ଆପଣାଇ ସିମ୍ପଲ ଆଉଟ୍‌ଫିଟ୍‌ରେ ମଧ୍ୟ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ ।**

### ଫିଟିଂ ଡ୍ରେସ୍

ଏବର ଫେଶନ ଅନୁଯାୟୀ କିଛି ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । କିନ୍ତୁ ଆବଶ୍ୟକତାଠୁ ଅଧିକ ଢିଲା ପୋଷାକ ପିନ୍ଧିଲେ ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ି ଦେଇଥାଏ । ତେଣୁ ନିଜ ଫିଟିଙ୍ଗ୍ ଅନୁସାରେ ପୋଷାକ ପିନ୍ଧିଲେ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏଥିପାଇଁ ସର୍ବଦା ନିଜ ଶରୀର ଆକାର ଅନୁସାରେ ପୋଷାକ ପିନ୍ଧିବା ଜରୁରୀ ।

### ରଙ୍ଗ ଚୟନ

ତ୍ୱଚାର ରଙ୍ଗ ଅନୁଯାୟୀ, କେଉଁ ରଙ୍ଗର ପୋଷାକ ଭଲ ମାନିବ ସେହି ଅନୁସାରେ ପୋଷାକ କିଣିବା ଆବଶ୍ୟକ । ଗାଢ଼ ରଙ୍ଗ ବଦଳରେ ସର୍ବଦା ହାଲୁକା ରଙ୍ଗର କପଡ଼ା ପିନ୍ଧନ୍ତୁ । ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ତ୍ୱଚାରେ ଏକ ଚମକ ଆସିଥାଏ ।

### ଆସେସରିଜ୍‌ରେ ରଖନ୍ତୁ ସନ୍ତୁଳନ

କୌଣସି ପାର୍ଟି, ଫଙ୍କସନ୍‌କୁ ଯାଉଥିଲେ ଏକା ସହିତ ଭାରି କାନଫୁଲ ଓ ଅଳଙ୍କାର ପିନ୍ଧନ୍ତୁ ନାହିଁ । ଏହା ଆତ୍ମବିଶ୍ୱାସକୁ କମ୍ କରିଥାଏ । ଆଖିକୁ ଅସୁନ୍ଦର ଦିଶିଥାଏ । ତେଣୁ ଆସେସରିଜ୍‌ରେ ସନ୍ତୁଳନ ରଖନ୍ତୁ ।

# ଗୋବରରୁ ସ୍ୱାବଲମ୍ବୀ ସାରିକା







**ହିନ୍ଦୁଧର୍ମରେ ଗୋବର ବିଭିନ୍ନ ଦେବକାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଗାଁ, ଗହଳିରେ ମହିଳାମାନେ ମାଟିଘରକୁ ଚିକ୍କଣ କରିବା ପାଇଁ ଗୋବରରେ ବାରି, ଦୁଆର,ଘର, ଅଗଣା ଆଦି ଲିପିଥାନ୍ତି । ସେହିପରି ମାଣବସା ଗୁରୁବାରରେ ମଧ୍ୟ ଏକବର୍ଣ୍ଣ ଗାଇ ଗୋବରର ସ୍ୱତନ୍ତ୍ର ବିଶେଷତା ରହିଛି । କେବଳ ସେତିକି ନୁହେଁ, ଏଥିରୁ ଘଷି ପ୍ରସ୍ତୁତ କରି ଜାଳେଣି ଭାବେ ବ୍ୟବହାର କରାଯାଇଥାଏ । ଏହି କ୍ରମରେ ଏବେ ଗୋବରରୁ ଭଳିକି ଭଳି ମୂର୍ତ୍ତି, ଧୂପଦାନୀ, ପେନ୍‌ଷ୍ଟାଣ୍ଡ, ଫୁଲକୁଣ୍ଡ ଆଦି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି, ଭୁବନେଶ୍ୱର ଲକ୍ଷ୍ମୀସାଗରର ସାରିକା ଜୈନ୍ ।**

ସାଧାରଣତଃ ଲୋକେ ଦୁଗ୍ଧ ଦେଉଥିବା ଗାଈକୁ ଘାସ, କୁଣ୍ଡା, ଭାତ ଆଦି ଖାଦ୍ୟ ଦେଇ ପାଳନ କରନ୍ତି । କିନ୍ତୁ ଦୁଗ୍ଧ ଦେଉ ନ ଥିବା ଗାଈ ତଥା ଷଣ୍ଢକୁ ବାହାରେ ଛାଡ଼ି ଦିଅନ୍ତି । ତେଣୁ ସାରିକା ଅବହେଳିତ ଗାଈଙ୍କୁ ନେଇ କିଛି ନୂଆ କରିବାକୁ ଭାବିଥିଲେ । ଏହାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ସେ ଦେଶୀ ଗାଈ ଗୋବରରୁ ଭଳିକି ଭଳି ସାଜସଜ୍ଜା ଉପକରଣ ପ୍ରସ୍ତୁତ କରିଥିଲେ । ସାରିକା ଛତିଶଗଡ଼ ରାୟପୁର ହୋଇଥିବାବେଳେ ସେ ଏବେ, ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ରହୁଛନ୍ତି । ଗତ ୩ ବର୍ଷ ଧରି ସେ ଦେଶୀ ଗାଈ ଗୋବରରୁ ଏହି ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି । ଏଥିପାଇଁ ସେ ବିଭିନ୍ନ ସ୍ଥାନରୁ ଗୋବର ଏକତ୍ର କରିଥାନ୍ତି । ଏହାକୁ ପ୍ରକ୍ରିୟାକରଣ କରି ତାହାକୁ ବିଭିନ୍ନ ରୂପ ଦେଇଥାନ୍ତି । ଗାଈ ଗୋବରରୁ ପ୍ରସ୍ତୁତ କରୁଥିବା ସାମଗ୍ରୀଗୁଡ଼ିକର ନାମ ସେ ଗୋ ଧାମ ରଖିଛନ୍ତି । ଏହା ପରିବେଶ ଅନୁକୂଳ ହେବା ସହ ହାଲୁକା ଓ ସୁନ୍ଦର ହୋଇଥାଏ । ଏଥିପାଇଁ ସେ ବିଭିନ୍ନ ରାଜ୍ୟର ଗୋଶାଳାରୁ ଶୁଖିଲା ଗୋବର ସଂଗ୍ରହ କରିଥାନ୍ତି । ସନାତନ ଧର୍ମରେ ଗୋବରର ବିଶେଷ ମହତ୍ତ୍ୱ ରହିଛି । ଏହାକୁ ପବିତ୍ର କୁହାଯାଏ । ସେହିପରି ପ୍ଲାଷ୍ଟିକ୍ ଜିନିଷ ବଦଳରେ ଲୋକେ ପ୍ରାକୃତିକ ଓ ପାରମ୍ପରିକ ଜିନିଷ କିଣିବାକୁ ଅଧିକ ପସନ୍ଦ କରନ୍ତି । ଏହି ଜିନିଷଗୁଡ଼ିକ ଆକାରରେ ବଡ଼ ଦେଖାଯାଉଥିଲେ ଏହାର ଓଜନ କମ୍ ଥାଏ । ସାରିକା ଛୋଟରୁ ନେଇ ବଡ଼ ବିଭିନ୍ନ ଆକୃତିର ଜିନିଷ ବିକିଥାନ୍ତି । ବିଭିନ୍ନ ପ୍ରଦର୍ଶନୀ, ମେଳା ଆଦିରେ ସେ ଷ୍ଟଲ୍ ପକାଇ ଏହି ବ୍ୟବସାୟ କରିଥାନ୍ତି । ଏଥିସହ ଘରେ ମଧ୍ୟ ବିକ୍ରି କରିଥାନ୍ତି । ସାରିକାଙ୍କ କହିବାନୁଯାୟୀ, ଲୋକେ ଏହାକୁ ବେଶ ଆଗ୍ରହରେ ସହ କିଣୁଛନ୍ତି । ଅନ୍‌ଲାଇନରେ ଲୋକଙ୍କ ବରାଦ ମୁତାବକ ସେମାନଙ୍କ ଠିକଣାରେ ମଧ୍ୟ ଏସବୁ ସାମଗ୍ରୀ ପାର୍ସଲ କରିଥାନ୍ତି । ସାରିକା କହନ୍ତି, ସନାତନ ଧର୍ମରେ ଗୋମାତା ପୂଜନୀୟ । ଅଧିକାଂଶ କ୍ଷେତ୍ରରେ ଲୋକମାନେ ଭାବନ୍ତି, ଗାଈ ଯେତେବେଳେ କ୍ଷୀର ଦେବା ବନ୍ଦ କରିଦିଏ ତାହା ପାଖରୁ ଆମେ ଆଉ କିଛି ଉପକାରୀ ସାମଗ୍ରୀ ପାଉନା । ହେଲେ ଗୋମାତା ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଆମକୁ ବହୁତ କିଛି ଦେଇଥାଏ ଯାହାର ଉପକାରିତା ଅତୁଳନୀୟ । ସେହିପରି ସେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ସେହି ଅନୁସାରେ ମଧ୍ୟ ବିଭିନ୍ନ କଳାକୃତି କରିଥାନ୍ତି । ଯାହାକୁ ଲୋକମାନେ ଖୁବ୍ ଆଦରର ସହ କିଣିଥାନ୍ତି ।

# ମସଲାରେ ତ୍ୱଚାର ଯତ୍ନ

**ସୁନ୍ଦର, ଚିକ୍କଣ ଓ ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାଁନ୍ତି । ଏଥିପାଇଁ ମହିଳାମାନେ ବିଭିନ୍ନ ପ୍ରସାଧନରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି । ଅବଶ୍ୟ ଏଥିରୁ ତ୍ୱଚାକୁ ସ୍ୱଳ୍ପ ସମୟ ପାଇଁ ଅନେକ ଫାଇଦା ମିଳିଥାଏ; କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇ ନଥାଏ । ତେଣୁ ଚାହିଁଲେ ରୋଷେଇ ଘରେ ଥିବା ମସଲାକୁ ଉପଯୋଗ କରି ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେଇପାରିବେ ।**



### ମେଥି

ଏହା ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିବା ସହ ଚର୍ମକୁ ଟାଇଟ୍ ରଖିଥାଏ । ଏହାଦ୍ୱାରା ଦାଗ, କୁଞ୍ଚନ ସମସ୍ୟା କମ୍ ହୋଇଥାଏ । ତେଣୁ ମେଥିଦାନାକୁ ଟୋନର୍ ଭାବେ ବ୍ୟବହାର କରିବାକୁ ଚାହୁଁଥିଲେ, ଗୋଟିଏ କପ୍‌ରେ ଅଳ୍ପ ପାଣି ନେଇ ସେଥିରେ ଏକ ଚାମଚ ମେଥିଦାନା ପକାଇ ଭିଜାଇ ରଖନ୍ତୁ । ସକାଳେ ଏହି ପାଣିକୁ ଛାଣି ଏକ ସ୍ପ୍ରେ ବୋତଲରେ ରଖନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିପାରିବେ । ଚାହିଁଲେ ଏଥିରୁ ଫେସ୍‌ମାସ୍କ ପ୍ରସ୍ତୁତ କରି ଲଗାଇପାରିବେ ।

### ଅଳେଇଚ

ତ୍ୱଚାକୁ ପ୍ରାକୃତିକ ଉପାୟରେ ସଫା ତଥା ଉଜ୍ଜ୍ୱଳ କରିବାକୁ ଚାହୁଁଥିଲେ , ଅଳେଇଚ ବ୍ୟବହାର କରିପାରିବେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସତେଜ ରଖିଥାଏ । ଏହାକୁ ବ୍ୟବହାର କଲେ ତ୍ୱଚା ସଫା ଓ ଉଜ୍ଜ୍ୱଳ ଦିଶିଥାଏ । ଏଥିପାଇଁ କଞ୍ଚାକ୍ଷୀରରେ ଏକ ଚାମଚ ଗୁଜୁରାତି ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ସପ୍ତାହକୁ ଏହା ଦୁଇଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ ।

### ଜୁଆଣୀ

ଏହା ତ୍ୱଚାରେ ଥିବା ବ୍ଲାକ୍‌ହେଡ୍‌ସ ଦୂର କରି ତ୍ୱଚାକୁ ଡିଟକ୍ସ କରିଥାଏ । ଏଥିପାଇଁ ଜୁଆଣୀ ଷ୍ଟିମ୍ ନେଇପାରିବେ । ଏହାଦ୍ୱାରା ପୋର୍ସଗୁଡ଼ିକ ଖୋଲିଯାଏ, ଓ ବ୍ଲାକ୍‌ହେଡ୍‌ସ ସହଜରେ ଦୂର ହୋଇଥାଏ । ଏଥିସହ ଏହି ଷ୍ଟିମ୍ ନେବା ଦ୍ୱାରା ତ୍ୱଚା ଭିତରୁ ସଫା ହୋଇଥାଏ । ଏଥିପାଇଁ ଏକ ଚାମଚ ଜୁଆଣୀକୁ ପାଣିରେ ପକାଇ ଫୁଟାନ୍ତୁ । ଏହାକୁ ମୁହଁରେ ଷ୍ଟିମ୍ ଦେଇ ୫ ମିନିଟ୍ ରଖି ଦିଅନ୍ତୁ ।





# ମୁଗଡାଲି ଢୋକ୍‌ଲା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ମୁଗ ଡାଲି - ୨୦୦ ଗ୍ରାମ୍, ସୁଜି - ଏକ କପ୍, ଦହି - ଏକ କପ୍, ଅଦା - ଏକ ଇଞ୍ଚ, କଞ୍ଚାଲଙ୍କା - ଦୁଇଟି, ହଳଦିଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲେମ୍ବୁ - ଛୋଟ ଖଣ୍ଡେ, ଇନୋ - ଏକ ପ୍ୟାକେଟ୍, ଭୃସଙ୍ଗପତ୍ର - ଅଳ୍ପ, ହେଙ୍ଗୁ - ଅଧା ଚାମଚ, ରାଶି- ଏକ ଚାମଚ, ସୋରିଶ- ଏକ ଚାମଚ, ଚିନି- ଅଧା ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ପାଣି ନେଇ ସେଥିରେ ମୁଗଡାଲି ପକାଇ ୩-୪ ଘଣ୍ଟା ବତୁରାଇ ରଖନ୍ତୁ । ଏହାପରେ ଏକ ପାତ୍ରରେ ଏକ କପ୍ ସୁଜି ଓ ଅଧା କପ୍ ଦହି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ବତୁରା ମୁଗ ଡାଲି, କଞ୍ଚାଲଙ୍କା , ଅଦା, ହଳଦୀ, ଲୁଣ , ଗୋଳେଇ ରଖିଥିବା ସୁଜି ସହ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ଇନୋ ପକାଇ ଗୋଳାନ୍ତୁ । ପରେ ଏହାକୁ ଏକ ଥାଳିରେ ଭଲ ଭାବେ ଖେଳାଇ ଦିଅନ୍ତୁ । ଏକ ହାଣ୍ଡିରେ ଅଳ୍ପ ପାଣିଦେଇ ଗୋଟିଏ ପାତ୍ରରେ ଏହି ଗୋଳାକୁ ରଖି ବାମ୍ଫ ଦିଅନ୍ତୁ । ୩୦ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଗୋଟିଏ ଡଙ୍କିରେ ତେଲ ନେଇ ସେଥିରେ ସୋରିଷ, ରାଶି, ହେଙ୍ଗୁ, ଭୃସଙ୍ଗପତ୍ର, ଲେମ୍ବୁ, ଚିନି ଦେଇ ଛୁଙ୍କ ଦିଅନ୍ତୁ । ଏହି ଛୁଙ୍କକୁ ପ୍ରସ୍ତୁତ କରି ରଖିଥିବା ଢୋକ୍‌ଲା ଉପରେ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମୁଗଡାଲି ଢୋକ୍‌ଲା' ।



# ମଇଳା ପାନିଆ ବ୍ୟବହାର କରନ୍ତୁନି

**ସାଧାରଣତଃ ମହିଳାମାନେ ଦୀର୍ଘ ସମୟ ଧରି ଗୋଟିଏ ପାନିଆରେ କେଶ କୁଣ୍ଡାଇଥାନ୍ତି । ହେଲେ ଏହା ସଫା ପ୍ରତି ଧ୍ୟାନ ବିଶେଷ ଧ୍ୟାନ ଦିଅନ୍ତିନି । ମଇଳା ପାନିଆ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହା ଅନେକ କେଶଜନିତ ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଏହାକୁ ଦୁଇ, ତିନି ସପ୍ତାହରେ ସଫା କରିବା ଆବଶ୍ୟକ ।**





- ଅପରିଷ୍କାର ପାନିଆ ବ୍ୟବହାର କଲେ ଏହାଦ୍ୱାରା କେଶମୂଳ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ କେଶଝଡ଼ା, ଦୋମୁହାଁ ଓ ରୂପି ଭଳି ଅନେକ ସମସ୍ୟା ହୋଇଥାଏ ।
- ଏହା କେଶକୁ ଖୁବ୍ ଜଲ୍‌ଦି ଚିପ୍‌ଚିପା କରିଥାଏ । ଏଥିପାଇଁ ବାରମ୍ବାର କେଶ ସାମ୍ପୁ କରିବାକୁ ପଡ଼ିଥାଏ । କେବଳ ସେତିକି ନୁହେଁ, ଏହା କେଶର ଉଜ୍ଜ୍ୱଳତାକୁ ହ୍ରାସ କରିଥାଏ । କେଶର ପ୍ରାକୃତିକ ଚମକ ହଜିଯାଏ ।
- ଅପରିଷ୍କାର ପାନିଆରେ ବ୍ୟାକ୍ଟେରିଆ ଜମି ରହିଥାନ୍ତି ।ଏହାଦ୍ୱାରା କେଶ ଦୁର୍ଗନ୍ଧ ହୋଇଥାଏ । କେଶଝଡ଼ା ସମସ୍ୟା ମଧ୍ୟ ଦେଖାଯାଏ ।

# ହେୟାର୍ ଏକ୍ସଟେନ୍‌ସନ୍

**ଅଧିକାଂଶ ମହିଳା ଲମ୍ବା, ଘନ କେଶ ଚାହାଁନ୍ତି । ଏହା ଆକର୍ଷଣୀୟ ଦିଶିବା ସହ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ହେଲେ ଧୂଳି, ପ୍ରଦୂଷଣ, ବ୍ୟସ୍ତଜୀବନଶୈଳୀ ଯୋଗୁଁ ଏବେ କେଶଝଡ଼ା ମୁଖ୍ୟ ସମସ୍ୟା ପାଲଟିଛି । ଏହାଦ୍ୱାରା କେଶ ପତଳା ହୋଇଯାଏ । ଏପରି ସ୍ଥଳେ ହେୟାର୍ ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ, ଲମ୍ବା କରିପାରିବେ ।**

### ହେୟାର ଏକ୍ସଟେନସନ କ'ଣ

ଏହା ଉଭୟ ଅସଲି ଓ କୃତ୍ରିମ କେଶକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ । କେଶ ପତଳା ଓ ଛୋଟ ଥିଲେ , ଏହି ହେୟାର ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ ଓ ଲମ୍ବା କରିପାରିବେ । ଏହାକୁ ମଡେଲ, ସିନେତାରକାଠୁ ନେଇ ସାଧାରଣ ଯୁବତୀ ବ୍ୟବହାର କରୁଛନ୍ତି ।

### ହେୟାର ଟୋପର୍ସ

ଏହା ହେୟାର ୱିଗ୍‌ର ଏକ ଛୋଟ ଅଂଶ ଭାବେ ଜଣାଯାଏ । କେଶର ମଝି ଅଂଶ ଝଡ଼ି ପତଳା ହୋଇଯାଇଥିଲେ, ଏହାକୁ ଲଗାଇ କେଶକୁ ଘନ ଆକାର ଦେଇପାରିବେ । ଏହା କେଶର ମଝିଅଂଶକୁ କଭର କରିଥାଏ । ଏଥିରେ କ୍ଲିପ୍ ଲାଗିଥାଏ । ଏହାକୁ କେଶରେ ଲଗାଇ ଫିକ୍ସ କରିପାରିବେ । ଏହା ଉଭୟ ସିଧା ଓ କୁଞ୍ଚ କେଶରେ ଲଗାଇପାରିବେ ।


### ହେଲୋ ହେୟାର

ଏହା ଏକ ପ୍ରକାର ହେୟାର୍ ଏକ୍ସଟେନ୍‌ସନ୍ । ଏହାକୁ ବିନା କ୍ଲିପ୍, ଅଠାରେ ସହଜରେ ଲଗାଯାଇପାରିବେ । ଏହାର ଉପରଭାଗରେ ପତଳା ରବର ଥାଏ । ଏହା ଦେଖିବାକୁ ଲମ୍ବା ରହିଥାଏ । ଏହାକୁ ଲଗାଇବାକୁ ମାତ୍ର ଏକ ମିନିଟ୍ ସମୟ ଲାଗିଥାଏ । ଏଥିରେ କ୍ଲିପ୍, ଅଠା ଆଦି ବ୍ୟବହୃତ ନ ହେବାରୁ ଏହା କେଶକୁ କୌଣସି କ୍ଷତି ପହଞ୍ଚାଏନି । କେଶର ଆବଶ୍ୟକତା ଅନୁଯାୟୀ ଏପରି ଅନେକ ଏକ୍ସଟେନ୍‌ସନ୍ ରହିଛି ।



## ମହିଳା ଦିନିକିଆ ବିଶ୍ୱକପ୍

# ଚାମାରିଙ୍କ ନେତୃତ୍ୱରେ ଖେଳିବ ଶ୍ରୀଲଙ୍କା



କଲମ୍ବୋ, ୧୦।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏଥିଲାଗି ବୁଧବାର ସହ-ଆୟୋଜକ ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଭେଟେରାନ ଅଲ୍‌ରାଉଣ୍ଡର ଚାମାରି ଆଟ୍ଟାପାଟ୍ଟୁଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱରେ ଭାର ଦିଆଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଆୟୋଜକ ଭାରତ ସହ ଖେଳି ଶ୍ରୀଲଙ୍କା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଗୌହାଟୀରେ ଖେଳାଯିବ।

ଘୋଷିତ ଶ୍ରୀଲଙ୍କା ଦଳ: ଚାମାରି ଆଟ୍ଟାପାଟ୍ଟୁ (ଅଧିନାୟିକା), ହାସିନି ପେରେରା, ଭିସ୍ମି ଗୁଣରତ୍ନେ, ହର୍ଷିତା ସମରବିକ୍ରମା, କାଭିଶା ଦିଲହାରି, ନୀଲକ୍ଷୀ ଡି ସିଲ୍‌ଭା, ଅନୁଷ୍କା ସଞ୍ଜୀବନୀ, ଇମେଶା ଦୁଲାନି, ଦେୱାମି ବିହଙ୍ଗା, ପିଉମି ୱାଥସାଲ୍, ଇନୋକା ରଣୱିରା, ସୁଗନ୍ଧିକା କୁମାରୀ, ଉଦେଶିକା ପ୍ରବୋଧିନୀ, ମାଲକି ମାଦରା ଓ ଅଚିନି କୁଲସୋରିୟା।

# ପୁଣିଥରେ ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଚଳିତ ବର୍ଷ ଜାରି ରହିଛି। ପୁଣିଥରେ ସିନ୍ଧୁ ଚଳିତ ସିଜନରେ ଏକ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ହଂକଂ ଓପନ୍ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୧୫, ୧୬-୨୧, ୧୯-୨୧ ଗେମରେ ବିଶ୍ୱ ମାନ୍ୟତାର ୨୭ତମ ସ୍ଥାନରେ ରହିଥିବା ଡେନମାର୍କର ଲିନ କ୍ରିଷ୍ଟୋଫରସେନଙ୍କ ନିକଟରୁ ହାରିଯାଇଛନ୍ତି। ଫଳରେ ୧୪ତମ ମାନ୍ୟତା ସିନ୍ଧୁ ଚଳିତ ବର୍ଷ ୬ଷ୍ଠଥର ଲାଗି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଲିନ୍‌ଙ୍କ ବିପକ୍ଷରେ ୬ଷ୍ଠ ମୁକାବିଲାରୁ ସିନ୍ଧୁ ପ୍ରଥମ ପରାଜୟବରଣ କରିଛନ୍ତି। ତେବେ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ଅଗ୍ରଗତି କରିଛନ୍ତି। ଲକ୍ଷ୍ୟ ୨୨-୨୦, ୧୬-୨୧, ୨୧-୧୫ ଗେମରେ ଚାଇନିଜ ତାଇପେଇର ୱାଙ୍ଗ ଜୁ ୱି’ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିଭଳି ଏଚଏସ୍ ପ୍ରଣୟ ଓ କିରନ ଜର୍ଜ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

## ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍

# ଭାରତର ପ୍ରଥମ ପଦକ ନିଶ୍ଚିତ କଲେ ନୂପୁର



ଲଣ୍ଡନ, ୧୦।୯ (ଏଜେନ୍ସି): ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ପଦକ ନିଶ୍ଚିତ କରିଛି। ମହିଳା ୮୦ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗରେ ନୂପୁର ଶିଓରାନ ୪-୧ରେ ଉଜବେକିସ୍ତାନର ଓଲଟିନୀ ସୋତିମବୋଏଭାଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ପହଞ୍ଚି ନୂପୁର କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ନୂପୁର ବିଶ୍ୱ ବକ୍ସିଂ କପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବୁଧବାର ରାତିରେ ଦୁଇଥରର ବିଶ୍ୱ ଚାମ୍ପିଅନ ଭାରତର ନିଖତ ଜରିନ ତୁର୍କିର କାକିରୋଗଲୁଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ।

## ଏସିଆ କପ୍

# ୟୁଏଇ ବିପକ୍ଷରେ ଭାରତର ଦମ୍‌ଦାର ବିଜୟ

ଦୁବାଇ, ୧୦।୯ (ଏଜେନ୍ସି):

ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଭାରତ ପ୍ରଥମ ମ୍ୟାଚରେ ୯୩ ବଲ୍ ଓ ୯ ୱିକେଟ ବଳକା ଥାଇ ବଡ଼ ବ୍ୟବଧାନରେ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ମାତ୍ ଦେଇଛି। ରିଷ୍ଟ ସ୍ପିନର କୁଳଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।



କୁଳଦୀପଙ୍କୁ ବଧାଇ ଜଣାଉଛନ୍ତି ସୂର୍ଯ୍ୟକୁମାର

### କୁଳଦୀପଙ୍କ ସ୍ପିନ ଯାଦୁରେ ୟୁଏଇ ଧରାଶାୟୀ

ବୁଧବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଏ’ର ଏହି ମ୍ୟାଚରେ ଟସ୍ ଜିତି ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପାଇଁ ଦୁଇ ଓପନର୍ ଅଧିନାୟକ ମହମ୍ମଦ ୱାସିମ ଓ ଆଲିସାନ ଶରଫୁ ପ୍ରଥମ ୱିକେଟ୍‌ରେ ୨୬ ରନ ଉଠାଇଥିଲେ। ତେବେ ୪ର୍ଥ ଓଭରର ୪ର୍ଥ ବଲ୍‌ରେ ବୁମ୍‌ରାଙ୍କ ଏକ ଚମତ୍କାର ୟର୍କରକୁ ଖେଳି ନ ପାରି ଆଲିସାନ ୨୨ ରନରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଏହାପରେ ୟୁଏଇର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ବ୍ୟାଟର୍‌ମାନେ କୁଳଦୀପଙ୍କ ସ୍ପିନ ଯାଦୁ ଓ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଶିଭମ ଦୁବେଙ୍କ ବଲ୍‌କୁ ସାମ୍ନା କରି ନ ଥିଲେ। ଫଳରେ ଘରୋଇ ଦଳ ୧୩.୧ ଓଭରରେ ମାତ୍ର ୫୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ଅଧିନାୟକ ୱାସିମ (୧୯ ରନ) ଓ ଆଲିସାନ (୨୨ ରନ) କେବଳ ଦୁଇଅଙ୍କବିଶିଷ୍ଟ ସ୍କୋର ଛୁଇଁପାରିଥିଲେ। ଏକଦା ୟୁଏଇ ଏକ ୱିକେଟ୍‌ରେ ୨୬ ରନ କରିଥିବାବେଳେ ଆଉ ୩୧ ରନରେ ୯ଟି ଯାକ ୱିକେଟ ହରାଇଥିଲା। ଭାରତ ପକ୍ଷରୁ କୁଳଦୀପ (୨.୧-୦-୭-୪) ଓ ଶିଭମ (୨-୦-୪-୩) ମିଳିତ ଭାବେ ୨୫ ବଲ୍ ବୋଲିଂ କରି ୧୧ ରନ ବ୍ୟୟରେ ୭ଟି ୱିକେଟ୍ ନେଇଥିଲେ। ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ଏଥିସହ ଟି-୨୦ରେ ଭାରତ ବିପକ୍ଷରେ ସବୁଠୁ କମ୍ ରନରେ ଅଲ୍‌ଆଉଟ୍ ହେବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୩ରେ ଭାରତ ବିପକ୍ଷ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୬୬ ରନରେ ଅଲ୍‌ଆଉଟ୍ ହୋଇଥିଲା।

ଜବାବରେ ୫୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୪.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଓପନର୍ ଅଭିଷେକ ଶର୍ମା ୧୬ ବଲରେ ୩୦ ରନ କରି ଆଉଟ୍ ହୋଇଥିଲେ। ଶୁବମନ ଗିଲ୍ ୯ ବଲରେ ୨୦ ଓ ଅଧିନାୟକ ଯାଦବ ୨ ବଲରେ ୭ ରନ କରି ଅପରାଜିତ ରହିଥିଲେ। ଶ୍ରେଷ୍ଠ ଖେଳାଳି କୁଳଦୀପଙ୍କୁ ୫ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪.୪୦ ଲକ୍ଷ) ପୁରସ୍କାର ଦିଆଯାଇଥିଲା। ସେହିଭଳି ମ୍ୟାଚର ବିଜୟୀ ଦଳକୁ ୧୫ ହଜାର ଡଲାର (୧୩ ଲକ୍ଷ ୨୦ ହଜାର ଟଙ୍କା) ପୁରସ୍କାର ପ୍ରଦାନ କରାଯାଇଥିଲା।

**ଆଜିର ମ୍ୟାଚ୍**

| |
|---|
| ବାଂଲାଦେଶ-ହଂକଂ |
| ଭେନ୍ୟୁ : ଆବୁଧାବି |
| ଖେଳ ଆରମ୍ଭ : ରାତି ୮ଟା |
| ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

**ସଂକ୍ଷିପ୍ତ ସ୍କୋର**

ୟୁଏଇ ପାଳି: ୫୭/୧୦, ୧୩.୧ ଓଭର (ଆଲିସାନ ଶରାଫୁ-୨୨, ମହମ୍ମଦ ୱାସିମ- ୧୯, କୁଳଦୀପ୍- ୪/୭, ଶିଭମ- ୩/୪)।

ଭାରତ ପାଳି: ୬୦/୧, ୪.୩ ଓଭର (ଅଭିଷେକ ଶର୍ମା- ୩୦, ଶୁବମନ ଗିଲ୍- ଅପରାଜିତ ୨୦, ସୂର୍ଯ୍ୟକୁମାର ଯାଦବ- ଅପରାଜିତ ୭, ଜୁନେଦ ସିଦ୍ଦିକ- ୧/୧୬)।

### ୟୁଏଇ ଦଳରେ ୬ ଭାରତୀୟ ବଂଶୋଦ୍ଭବ

ଚଳିତ ଏସିଆ କପ୍‌ରେ ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ପରାସ୍ତ କରିଛି। ଏହି ମ୍ୟାଚ୍ ଖେଳିଥିବା ୟୁଏଇ ଦଳରେ ଅଧାରୁ ଅଧିକ ଖେଳାଳି ଭାରତୀୟ ବଂଶୋଦ୍ଭବ ବୋଲି ଖୁବ୍ କମ୍ ପ୍ରଶଂସକ ଜାଣିଥିବେ। ୟୁଏଇ ଦଳରେ ସାମିଲ ହୋଇଥିବା ଏହି ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ହେଲେ ସିମରନଜିତ୍ ସିଂହ, ହର୍ଷିତ କୌଶିକ, ଧ୍ରୁବ ପରାସର, ଆଲିସାନ ଶରାଫୁ, ଅର୍ଯ୍ୟାଂଶ ଶର୍ମା ଓ ରାହୁଲ ଚୋପ୍ରା। ଆର୍ଯ୍ୟାଂଶ ଓ ରାହୁଲ ୱିକେଟକିପର ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ନିଜ ପରିବାର ସହ ୟୁଏଇରେ ଅବସ୍ଥାପିତ ଓ ନିଜ ପ୍ରଦର୍ଶନ ଓ ଦକ୍ଷତା ବଳରେ ସେଠାରେ ଜାତୀୟ ଦଳରେ ସ୍ଥାନ ହାସଲ କରିଛନ୍ତି।

### ସୂର୍ଯ୍ୟକୁମାରଙ୍କ ରେକର୍ଡ ଭାଙ୍ଗିଲେ ଓମାରଜାଇ



ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଆଫଗାନିସ୍ତାନ ୯୪ ରନର ବୃହତ୍ ବ୍ୟବଧାନରେ ହଂକଂକୁ ପରାସ୍ତ କରିଥିଲା। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଆଫଗାନିସ୍ତାନ ଅଲ୍‌ରାଉଣ୍ଡ ଅଜମାତୁଲ୍ଲା ଓମାରଜାଇ ୨୧ ବଲରେ ୫୩ ରନର ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ। ଏସିଆ କପ୍ ଇତିହାସରେ ଏହା ଦ୍ରୁତତମ ଅର୍ଦ୍ଧଶତକ ହେବାର ରେକର୍ଡ ହୋଇଛି। ପୂର୍ବରୁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ୨୦୨୨ ସଂସ୍କରଣରେ ହଂକଂ ବିପକ୍ଷରେ ୨୨ ବଲରେ ଅର୍ଦ୍ଧଶତକ ପୂରଣ କରି ରେକର୍ଡର ଅଧିକାରୀ ରହିଥିଲେ।

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଲା ଇକ୍ୱେଡର



ତାରକ୍ୱି, ୧୦।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବୁଧବାର ସ୍ଥାନୀୟ ମୌନମେଣ୍ଟାଲ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ଇକ୍ୱେଡର ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମରେ ଘରୋଇ ଇକ୍ୱେଡରକୁ ଏକ ପେନାଲ୍ଟି ମିଳିଥିଲା। ଏହି ଫ୍ରି କିକ୍‌ର ଭରପୁର ଫାଇଦା ଉଠାଇ ଭାଲେନସିଆ ଏନ୍ନର ଘରୋଇ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ଏହାପରେ ବଳକା ୪୫ ମିନିଟ୍‌ରେ ଆର୍ଜେଣ୍ଟିନା ଗୋଲକୁ ଶୁଝାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆର୍ଜେଣ୍ଟିନାର ତାରକା ଖେଳାଳି ଲିଓନେଲ ମେସି ଏହି ମ୍ୟାଚରେ ଖେଳୁ ନ ଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ପୂର୍ବରୁ ୨୦୨୬ ଫିଫା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆର୍ଜେଣ୍ଟିନା ବର୍ତ୍ତମାନ ୧୮ ମ୍ୟାଚ୍ ଖେଳି ୧୨ ବିଜୟ, ୪ ପରାଜୟ ଓ ୨ଟି ଡ୍ର ସହ ୩୮ ପଏଣ୍ଟ ସହ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍‌ରେ ସ୍ଥାନ ସୁରକ୍ଷିତ କରିନେଇଛି।

# ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନ; ଓଡ଼ିଶାକୁ ୯ ପଦକ

ଭୁବନେଶ୍ୱର, ୧୦।୯ (ସମିସ): ଲକ୍ଷ୍ନୌରେ ଶେଷ ହୋଇଥିବା ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୯ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ସୌମ୍ୟରଞ୍ଜନ ମହାକୁଲ ଏବଂ ରାଣୀ ଗୌଡ଼ା ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ପାଇଛନ୍ତି। ସୌମ୍ୟରଞ୍ଜନ ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ରୌପ୍ୟ ଓ ୧୯ ବର୍ଷରୁ କମ୍ ବିଭାଗରେ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ରାଣୀ ୧୯ ବର୍ଷରୁ କମ୍ ବାଳିକା ଓ ୟୁଥ୍ ବର୍ଗରେ ଏହି ସଫଳତା ପାଇଥିଲେ। ଏହାବାଦ୍ ବିଭାସିନ୍ଧୁ ବାରିକ ହରିୟାଣାର କାର୍ତ୍ତିକ ସୁହାଗଙ୍କୁ ସାଥୀ କରି ୧୯ ବର୍ଷରୁ କମ୍ ଡବଲ୍ସରେ ଚାମ୍ପିଅନ ହୋଇଥିଲେ। ବିଭାସିନ୍ଧୁ ମଧ୍ୟ ଏହି ବୟସବର୍ଗର ବାଳକ ଫାଇନାଲରେ ହାରି ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଆକାଶ ରଞ୍ଜନ ମୁଣ୍ଡା ଓ ଅଜୟ କୁମାର ପ୍ରଧାନ ଗୋଟିଏ ଲେଖାଏ କାଂସ୍ୟ ପଦକ ଜିତିଛନ୍ତି। ଅମରେନ୍ଦ୍ର ବେହେରା ଓ ପ୍ରତୀକ ବେହେରା ଓଡ଼ିଶା ଦଳର ପ୍ରଶିକ୍ଷକ ଭାବେ ଦଳ ସହ ଗସ୍ତ କରିଥିଲେ।





## ମହିଳା ଏସିଆ କପ୍ ହକି: ଦ.କୋରିଆ ୨-୪ ଗୋଲ୍‌ରେ ପରାସ୍ତ

# ସୁପର୍-୪ରେ ଭାରତର ବିଜୟ ଅଭିଯାନ

ହାଙ୍ଗଝୋଉ, ୧୦।୯ (ଏଜେନ୍ସି):

ଚାଇନାରେ ଚାଲିଥିବା ମହିଳା ଏସିଆ କପ୍ ହକି ୧୧ତମ ସଂସ୍କରଣର ସୁପର୍-୪ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତୀୟ ମହିଳା ଦଳ ୪-୨ ଗୋଲ୍‌ରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ବୈଷ୍ଣବୀ ବିଥାଲ, ସଙ୍ଗୀତା କୁମାରୀ, ଲାଲରେମସିଆମି ଓ ଋତୁଜା ଦାଦାସୋ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ଏଥିସହ ୩ ପଏଣ୍ଟ ପାଇ ୪ ଦଳୀୟ ଟେବଲ ତାଲିକାର ଶୀର୍ଷରେ ରହିଛି। ସୁପର୍-୪ରେ ଭାରତ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ଯଥାକ୍ରମେ ଗୁରୁବାର ଚୀନ ଓ ଶନିବାର ଜାପାନ ବିପକ୍ଷରେ ଖେଳିବ। ରବିବାର ସୁପର୍-୪’ର ଦୁଇ ଶୀର୍ଷ ଦଳ ମଧ୍ୟରେ ଫାଇନାଲ ଖେଳାଯିବ।



ସୁପର୍-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ବୁଧବାର ଅପରାହ୍ନରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ବୈଷ୍ଣବୀ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରରେ ଏହି ଅଗ୍ରଣୀକୁ ଭାରତ ବଜାୟ ରଖିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୩୩ତମ ମିନିଟରେ ଫିଲ୍ଡ ଗୋଲ୍ ଜରିଆରେ ସଙ୍ଗୀତା କୁମାରୀ ଭାରତକୁ ୨-୦ରେ ଆଗୁଆ କରାଇଥିଲେ। ସେହି ସମାନ ମିନିଟ୍‌ରେ କିନ୍ତୁ ଦକ୍ଷିଣ କୋରିଆ କାଉଣ୍ଟର ଆଟାକ୍ କରି ଗୋଟିଏ ଗୋଲ୍ ଶୁଝିଦେଇଥିଲା। କିମ୍ ୟୁଜିନ ପେନାଲ୍ଟି କର୍ଣ୍ଣରରୁ ଏହି ଗୋଲ୍‌ଟି ଦେଇଥିଲେ। ଏହାପରେ ୪୦ତମ ମିନିଟରେ ଲାଲରେମସିଆମିଙ୍କ ଗୋଲ୍ ବଳରେ ଭାରତ ଅଗ୍ରଣୀକୁ ୩-୧କୁ ବୃଦ୍ଧି କରାଇଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ୫୩ତମ ମିନିଟ୍‌ରେ କିମ୍ କୋରିଆ ପାଇଁ ୨ୟ ଗୋଲ୍ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ତେବେ ଶେଷ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଋତୁଜା ଏହାକୁ ଗୋଲରେ ରୂପାନ୍ତରିତ କରି ଭାରତକୁ ୪-୨ ଗୋଲରେ ବିଜୟୀ କରାଇଥିଲେ।

# କେଭିଏଲ୍‌ରେ ଭାଗନେବେ ୭୬ଟି ଦଳ

କଟକ,୧୦।୯ (ସମିସ): ଖୁବଶୀଘ୍ର କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ୍) ଆରମ୍ଭ ହେବ। ଏଥିନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟର ମୋଟ୍ ୭୬ଟି ଦଳ ଭାଗନେବେ। ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ଆୟୋଜନ କରାଯିବ। ୪ଟି ଜୋନ୍‌ରେ ଲିଗ୍ ଖେଳାଯିବା ପରେ କଟକରେ ଫାଇନାଲ ମୁକାବିଲା ହେବ। ଏଥିରେ ଚାମ୍ପିଅନ ଦଳ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଆସାମ ଯାତ୍ରା କରିବ। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଗେଷ୍ଟହାଉସ୍‌ରେ କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କେଭିଏଲର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଜିଲ୍ଲାର ନାରଙ୍ଗବସ୍ତରେ ଆୟୋଜନ ହେବ। ନାରଙ୍ଗବସ୍ତ ଇନଚାର୍ଜ ସୁଶାନ୍ତ ମାଝୀ ଉପସ୍ଥିତ ରହି ଲିଗ୍‌କୁ ସଫଳ କରିବା ଦିଗରେ ମତବ୍ୟକ୍ତ କରିଥିଲେ। ପରେ ଯାଜପୁରରେ, ଅନୁଗୋଳରେ ଏବଂ ଭୁବନେଶ୍ୱରରେ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ସବୁ ଖେଳାଯିବ। ଦିବ୍ୟବ୍ରତ ପଣ୍ଡା, ଆଇନଜୀବୀ ବସନ୍ତ ଦାସ ପ୍ରମୁଖ ଲିଗ୍ ପରିଚାଳନାରେ ସହଯୋଗ କରିବେ।

ଅନ୍ୟପକ୍ଷରେ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ପ୍ରଶିକ୍ଷଣ ଶିବିର ଆୟୋଜନ ବାବଦରେ ଆଲୋଚନା କରାଯାଇଥିଲା। ଜାତୀୟସ୍ତରର ପ୍ରଶିକ୍ଷକଙ୍କୁ ନେଇ ଗ୍ରାମାଞ୍ଚଳରେ ନିଃଶୁଳ୍କ ପ୍ରଶିକ୍ଷଣ ଶିବିର କରାଯିବ। ବୈଠକରେ କେଭିଡିସିର କଟକ ଜିଲ୍ଲା ଇନଚାର୍ଜ ଅମର ଭଞ୍ଜ, ଢେଙ୍କାନାଳ ଇନଚାର୍ଜ ରାକେଶ ପ୍ରଧାନ, ଜାତୀୟସ୍ତରର ଖେଳାଳି ମହମ୍ମଦ ଓବେଦୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ। ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ବୈଠକ ପରିଚାଳନା କରିଥିଲେ।

# ଆଜିଠୁ ଦୁଲୀପ୍ ଟ୍ରଫି ଫାଇନାଲ

ବେଙ୍ଗାଲୁରୁ, ୧୦।୯ (ଏଜେନ୍ସି): ବିସିସିଆଇର ୨୦୨୫-୨୬ ସିଜନର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିର ଫାଇନାଲ ମ୍ୟାଚ୍ ଗୁରୁବାରରୁ ଆରମ୍ଭ ହେବ। ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ପୂର୍ବରୁ ସେମିଫାଇନାଲରେ ଉତ୍ତରାଞ୍ଚଳ ବିପକ୍ଷରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ପାଳି ଅଗ୍ରଣୀ ରହି ଫାଇନାଲରେ ପହଞ୍ଚିଛନ୍ତି। ଭାରତର ପ୍ରମୁଖ ଖେଳାଳି ବର୍ତ୍ତମାନ ଏସିଆ କପ୍ ଏବଂ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ସିରିଜରେ ବ୍ୟସ୍ତ ରହିଥିବାରୁ ଦୁଲୀପ୍ ଟ୍ରଫି ଫାଇନାଲରେ ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ଇଣ୍ଡିଆ-ଏ ଦଳରେ ସାମିଲ ହୋଇଥିବାରୁ ଏନ୍. ଜଗଦୀଶନ ଓ ଦେବଦତ୍ତ ପାଡିକଲ ଫାଇନାଲ ଲଢ଼େଇରେ ଦକ୍ଷିଣାଞ୍ଚଳ ପକ୍ଷରୁ ଖେଳିବେ ନାହିଁ। ତେଣୁ ଫାଇନାଲ ଲାଗି ଦକ୍ଷିଣାଞ୍ଚଳ ଦଳରେ କର୍ଣ୍ଣାଟକର ଆର. ସ୍ମରଣ ଓ ତାମିଲନାଡୁର ଆନ୍ଦ୍ରେ ସିଦ୍ଧାର୍ଥଙ୍କୁ ସାମିଲ କରାଯାଇଛି। ସେହିଭଳି କେନ୍ଦ୍ରାଞ୍ଚଳ ଦଳରେ ୪ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ନଚିକେତ ଭୁତେ, କୁମାର କାର୍ତ୍ତିକେୟ, କୁଲଦୀପ ସେନ ଓ କୁକନା ଅଜୟ ସିଂ। ୟଶ ଠାକୁର ହର୍ଷ ଦୁବେ, ଖଲିଲ ଅହମ୍ମଦ ଓ ମାନବ ସୂତାରଙ୍କ ସ୍ଥାନରେ ଏମାନେ ଖେଳିବେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS